


ପ୍ରଜ୍ଞାପନ ମେଢ କଳାକାରଙ୍କ ସହ ମୋଦୀଙ୍କ ଆଲୋଚନା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ହଲିଉଡ୍‌ରେ ଧମାକା କରିବେ ରଣଦୀପ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୭ Vol. 21 No-297 25 JANUARY 2025 SATURDAY BHUBANESWAR ଶନିବାର, ୨୫ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### କୁଳଦୀପ ମିନା ରାଜ୍ୟପାଳଙ୍କ ନୂଆ ଏଡିସି

ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ୨୦୨୧ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ କୁଳଦୀପ ମିନା ରାଜ୍ୟପାଳଙ୍କ ନୂଆ ଏଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁଳଦୀପ ପୂର୍ବରୁ ବୌଦ୍ଧ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମପତି ଦାୟିତ୍ୱ ନେବା ପରେ ପୂର୍ବରୁ ଏଡିସି ଥିବା ନିତୀନ ତ୍ରିପାଠୀଙ୍କୁ ହଟାଇ ଦିଆଯାଇଥିଲା।

### ଝାଡ଼ାବାନ୍ତିରେ ୧୫୦ ଛାତ୍ରଛାତ୍ରୀ ଆକ୍ରାନ୍ତ

ନବରଙ୍ଗପୁର, ୨୪।୧ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ା ଜବାହର ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ଗତକାଲି ୯ଜଣ ଛାତ୍ରଛାତ୍ରୀ ଏଥିରେ ଆକ୍ରାନ୍ତ ହେବାପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଶୁକ୍ରବାର ପୁଣି ସମସ୍ତଙ୍କର ଝାଡ଼ାବାନ୍ତି ହେଉଥିବା ଖବର ମିଳିବା ପରେ ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା ଜାରି ରଖିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଟିମ୍ ପାଣି ଓ ଖାଦ୍ୟର ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଇଛି।

### ସେଲ୍‌ଫି ପାଇଁ ଗଲା ଛାତ୍ରୀଙ୍କ ଜୀବନ

କେନ୍ଦୁଝର, ୨୪।୧ (ଭାସ୍କର ନ୍ୟୁଜ): ସାଙ୍ଗଙ୍କ ସହ ସେଲ୍‌ଫି ନେଉଥିବା ବେଳେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ପୁରୀ-ବଡ଼ବିଲ ଏକ୍ସପ୍ରେସ୍‌ରେ ଘରକୁ ଫେରୁଥିବାବେଳେ ଟାଙ୍ଗିରିଆପାଳ-ଶଗଡ଼ପଟା ଷ୍ଟେସନ ମଧ୍ୟରେ ଖସି ପଡ଼ିଥିଲେ।

ସେନ୍‌ସେକ୍ସ: ୭୬,୧୯୦.୪୬
ସର୍ବାଧିକ: ୩୦.୦ ଡିଗ୍ରୀ
ସର୍ବନିମ୍ନ: ୧୮.୨ ଡିଗ୍ରୀ

**୨୪।୧।୨୦୨୫ ର ମତାମତ**

ମାଓବାଦୀଙ୍କ ଦବ୍‌ଦବାକୁ ସୁରକ୍ଷା କର୍ମୀ ରୋକିବା ସମ୍ଭବ କି?

| ହଁ | ନା |
|---|---|
| ୬୫% | ୩୫% |

**ଆଜିର ପ୍ରସଙ୍ଗ**

ରାଜ୍ୟରେ ଶିଳ୍ପର ବିକାଶ ହେଲେ ନିଯୁକ୍ତି ସୁଯୋଗର ସମ୍ଭାବନା ରହିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ପ୍ରାକ୍ ବଜେଟ୍ ବୈଠକ

# ଲୋକାଭିମୁଖୀ ହେବ: ମୁଖ୍ୟମନ୍ତ୍ରୀ



- ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ସହିତ ଆଲୋଚନା
- ବିଶେଷଜ୍ଞ ଓ ସାଧାରଣ ଲୋକଙ୍କ ମତକୁ ଦିଆଯିବ ଗୁରୁତ୍ୱ
- ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୪୦ ହଜାର ନିଯୁକ୍ତି ନେଇ ଯୋଜନା
- ଗ୍ରାମାଞ୍ଚଳ ଓ ଅର୍ଥନୈତିକ ଅନଗ୍ରସର ଲୋକଙ୍କ ବିକାଶ ଉପରେ ଫୋକସ୍

ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ଗତ ବର୍ଷ ପରି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରିଛନ୍ତି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶ ଗୁଡିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟ୍‌ରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶୁକ୍ରବାର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ୍ ପରାମର୍ଶ ଆଲୋଚନା କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ର ନାଥ ବେହେରା, ବରିଷ୍ଠ ରାଜନେତା ସମୀର ମହାନ୍ତି, ସଜ୍ଜନ ଶର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ୍ ସଂକ୍ରାନ୍ତୀୟ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ବୈଠକ ପରେ ଗଣମାଧ୍ୟମକୁ ନିଜର ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷର ବଜେଟ୍ କିପରି ଲୋକାଭିମୁଖୀ ହୋଇପାରିବ ସେ ନେଇ ବୈଠକରେ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି। ଏ ବାବଦରେ ସାଧାରଣ ଲୋକ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ବିଶେଷ କରି ବଜେଟ୍‌ରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ଫୋକସ କରାଯାଉଛି । ଏଥିସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, • ପୃଷ୍ଠା ୫ ଦେଖନ୍ତୁ

## ଗୋଳାବାରୁଦ କାରଖାନାରେ ବଡ଼ ଧରଣର ଅଘଟଣ

# ବିସ୍ଫୋରଣରେ ଗଲା ୮ ଜୀବନ



- ୫ କିମି ପର୍ଯ୍ୟନ୍ତ ଶୁଭିଲା ବିସ୍ଫୋରଣ ଶବ୍ଦ
- ୭ ଗୁରୁତର ହସ୍ପିଟାଲରେ ଭର୍ତ୍ତି
- ଘଟଣାସ୍ଥଳରେ ଉଦ୍ଧାରକାରୀ, ଡାକ୍ତରୀ ଟିମ୍

ମୁମ୍ବାଇ, ୨୪।୧: ଶୁକ୍ରବାର ସକାଳେ ମହାରାଷ୍ଟ୍ରର ନାଗପୁର ଜିଲ୍ଲାରେ ଥିବା ଏକ ଗୋଳାବାରୁଦ କାରଖାନାରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୮ଜଣଙ୍କର ମୃତ୍ୟୁ ହୋଇଛି। ପ୍ରଥମେ ୫ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ଅନ୍ୟ ୭ଜଣ ଗୁରୁତରଙ୍କୁ ହସ୍ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ୮ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଆହୁରି ଅନେକ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ମହାରାଷ୍ଟ୍ରର ଭଣ୍ଡାରାର ଜବାହରନଗରରେ ଏହି କାରଖାନା ରହିଥିଲା। ବିସ୍ଫୋରଣ ପରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ ଶୁକ୍ରବାର ସକାଳ ୧୦.୩୦ରେ ବିସ୍ଫୋରଣ ଘଟିଥିଲା। ସ୍ଥାନୀୟ ଜିଲ୍ଲାପାଳ କହିଛନ୍ତି ଯେ ଉଦ୍ଧାରକାରୀ ଓ ଡାକ୍ତରୀ ଟିମ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିସ୍ଫୋରଣରେ ଫସି ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଜୋରଦାର ପ୍ରୟାସ ଚାଲୁ ରହିଛି। ଜିଲ୍ଲାପାଳ କହିଥିଲେ ଯେ ବିସ୍ଫୋରଣରେ ଏହି କାରଖାନାର ଏକ ଛାତ ଭୁଶୁଡ଼ି ପଡ଼ିଥିଲା। ଏଥିରେ ଅତି କମ୍‌ରେ ୧୨ଜଣ ଚାପିହୋଇ ରହିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଭଗ୍ନାବଶେଷ ହଟାଇ ସେମାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚାଲିଛି। ବିସ୍ଫୋରଣର ତୀବ୍ରତା ଏତେ ଜୋର ଥିଲା ଯେ ଏହା ୫ କିଲୋମିଟର ଦୂରକୁ ଶୁଭା ଯାଇଥିଲା। ବିସ୍ଫୋରଣ ପରେ କାରଖାନାରୁ ଘନ ଧୂଆଁ ଉଠୁଥିବା • ପୃଷ୍ଠା ୫ ଦେଖନ୍ତୁ

## ଡିଜିପିଙ୍କୁ ଭେଟିଲେ କୋଷ୍ଟଗାର୍ଡ କମାଣ୍ଡର ଏଡିଜି

# ତଟ ସୁରକ୍ଷା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ପୂର୍ବ ସମୁଦ୍ର ତଟର କୋଷ୍ଟ ଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଉପକୂଳ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିଲା। ଏହା ସହ ଆଗାମୀ ଦିନରେ ଉପକୂଳ ସୁରକ୍ଷା ନିମନ୍ତେ ଉଭୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ବୈଠକରେ ମତପ୍ରକାଶ ପାଇଥିଲା। ଏହା ସହ ଉପକୂଳ ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ, ଆକାଶ ମାର୍ଗରୁ ଗତିବିଧି ନିରୀକ୍ଷଣ ଏବଂ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ଉପକୂଳକୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବା ଭଳି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହ ତଟ ସୁରକ୍ଷା ବାହିନୀ ପକ୍ଷରୁ ଓଡିଶା ପୋଲିସକୁ ସମସ୍ତ ପ୍ରକାର ସହଯୋଗ କରିବା ସଂକ୍ରାନ୍ତରେ ମଧ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଛି। ଆଗାମୀ ଦିନରେ ତଟ ସୁରକ୍ଷା ଏବଂ ଓଡିଶା ପୋଲିସର ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ବୋର୍ଡ଼ ଗଠନ କରାଯିବ। ଏହି ଦୁଇ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଉପକୂଳ ଅଞ୍ଚଳକୁ ତନ୍ନ ତନ୍ନ କରି ଯାଞ୍ଚ କରିବେ ଏବଂ ସେମାନଙ୍କ ରିପୋର୍ଟ ଅନୁଯାୟୀ ମେରାଇନ ଥାନା ଗୁଡିକୁ ବୋଟ ଯୋଗାଇ • ପୃଷ୍ଠା ୫ ଦେଖନ୍ତୁ

## ଉତ୍କର୍ଷ ଓଡିଶା ପ୍ରସ୍ତୁତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ଶ୍ରେଷ୍ଠ ନିବେଶ କ୍ଷେତ୍ର




ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ଜାନୁଆରୀ ୨୮-୨୯, ଦୁଇଦିନ ଧରି ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ୍-୨୦୨୫ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସ୍ଥାନୀୟ ଜନତା ମଇଦାନରେ ଏହାର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ । ରାଜ୍ୟ ପାଇଁ ଏକ ସୁଦୃଢ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ । ଏହାସହିତ ଶ୍ରମିକ, କୃଷକମାନଙ୍କ ପରି ସାଧାରଣ ଲୋକଙ୍କ ପାଇଁ ମଧ ବିପୁଳ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଇନଭେଷ୍ଟର୍ସ ମିଟ୍‌ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି ଏବଂ ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ ସୃଷ୍ଟି ହେବ। ୧୦୦ଟି ଅଧିକ ନିବେଶକ ଏମ୍‌ଓୟୁ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ୨୮ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏହାର ଉଦଘାଟନ କରିବେ । ଗତ ୭ ମାସ ମଧ୍ୟରେ ଓଡିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ । ଓଡିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି ବୋଲି ସେ କହିଥିଲେ । ଏହା ସହିତ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ପରି କେନ୍ଦ୍ରମନ୍ତ୍ରୀ ମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ କହିଲେ ଯେ ମେକ୍ ଇନ୍ ଓଡିଶା ୱେବସାଇଟ୍‌ରେ ୭୫୦୦ ରୁ ଅଧିକ ଡେଲିଗେଟ ପଞ୍ଜିକରଣ କରିଛନ୍ତି । ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ପୃଥିବୀରେ ଏବେ ଶାନ୍ତି ବିରାଜିବ
ଟ୍ରମ୍ପ୍ ହେବେ ଶାନ୍ତିଦୂତ,
ଯୁଦ୍ଧ ଘନଘଟା ପାଇଁ ଆଉ କେହି
ହେବେ ନାହିଁ ଆତଙ୍କିତ ।
ହେଉ କି ନହେଉ ସତ,
କଥାଟା କାନକୁ ଭଲ ଶୁଭୁଅଛି
ସାରା ପୃଥିବୀର ମତ !!

## ପାଣିପାଗ ବିଭାଗର ସୂଚନା

# ତାତି ବଢିବ, କୁହୁଡ଼ି ଘେରିବ

ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ମାଘ ମାସରେ ବାଘ ଭଳି ଶୀତ ନାହିଁ । ଦିନରେ ପ୍ରବଳ ଗରମ ଓ ରାତିରେ ଥଣ୍ଡା। ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଏପରି ଘଟୁଥିବା କୁହାଯାଉଥିବାବେଳେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର କହିଛି ଯେ ତାତି ବଢିବ, କୁହୁଡ଼ି ଘେରିବ। ଦିନବେଳା ଶୀତର ପ୍ରଭାବ ଆଦୌ ନାହିଁ କହିଲେ ଚଳେ। ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ବୋଲି ପାଣିପାଗ ବିଶେଷଜ୍ଞମାନେ କହୁଛନ୍ତି। ଜାନୁଆରୀ ମାସ ଶେଷ ହୋଇନଥିବାବେଳେ ଗ୍ରୀଷ୍ମ ଋତୁର ପ୍ରାକ୍ ସୂଚନା ମିଳି ସାରିଲାଣି। ରାଜ୍ୟରେ ତାପମାତ୍ରା ୧୮ ଡିଗ୍ରୀ ରେକର୍ଡ ହୋଇ ସାରିଲାଣି। ଏହାମଧ୍ୟରେ ଆଗକୁ ତାତିର ପ୍ରଭାବ ଅଧିକ ରହିବ ବୋଲି ବିଭାଗ ସୂଚନା ଦେଇଛି। ଏପରିକି ଦିନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ସୂଚନା ରହିଛି। ତେବେ ଆଗାମୀ ୨୪ ଘଣ୍ଟା ପାଇଁ ଘନକୁହୁଡ଼ି ନେଇ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, କଳାହାଣ୍ଡି, କନ୍ଧମାଳ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିବ । ତେବେ ବର୍ତ୍ତମାନ ଶୀତ ବଦଳରେ ପାରଦ ଉପରମୁହାଁ ହେଉଥିବାରୁ ଲୋକଙ୍କ ଚିନ୍ତା ବଢିବାରେ ଲାଗିଛି। ଉପକୂଳରୁ ଆଭ୍ୟନ୍ତରୀଣ ପର୍ଯ୍ୟନ୍ତ ସବୁଠି ଗରମ ଅନୁଭୂତ ହେଉଛି। ଦିନ ସମୟରେ ବାୟୁମଣ୍ଡଳ ଶୁଷ୍କ ରହୁଥିବାବେଳେ ରାତିରେ ସମୁଦ୍ରରୁ ବାୟୁ ପ୍ରବାହିତ ହେଉଛି। • ପୃଷ୍ଠା ୫ ଦେଖନ୍ତୁ

## ଆରମ୍ଭ ହେଲା ନୂତନ ପିଏମ୍ ଆବାସ ସର୍ଭେ

# ଆପ୍, ପୋର୍ଟାଲର ଶୁଭାରମ୍ଭ କଲେ ପଞ୍ଚାୟତିରାଜ ମନ୍ତ୍ରୀ



ପୁରୀ/ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ଶୁକ୍ରବାରଠାରୁ ଆରମ୍ଭ ହୋଇଛି ନୂଆ ଆବାସ ସର୍ଭେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ସାମିଲ ପାଇଁ ଏହି ସର୍ଭେ ଆରମ୍ଭ କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ। ସେ କହିଛନ୍ତି, ପୁରୀ ଜିଲ୍ଲା ଯସୁଆପୁର ଗ୍ରାମ ପଞ୍ଚାୟତର ସାତଶଙ୍ଖ ନିକଟରୁ ଏହାର ଶୁଭାରମ୍ଭ ହୋଇଛି। ଏହାସହ ଅର୍ଜୁନସିଂହପୁରକୁ ନିଜେ ମନ୍ତ୍ରୀ ଯାଇ ୫ଟି ଘରକୁ ତାଲିକାରେ ଯୋଡ଼ିଛନ୍ତି। ଏଥିସହ କିପରି ଆବାସ ପ୍ଲସ୍ ମୋବାଇଲ ଆପ୍ ଦ୍ୱାରା ଏହା କରିହେବ ସେ ନେଇ ମଧ୍ୟ ଅବଗତ କରାଇଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ଏହି ଯୋଜନାରେ ଯୋଗ୍ୟତାର ମାନ କୋହଳ କରାଯାଇଛି। ସୂଚନା ଅନୁଯାୟୀ ଆବାସ ପୋର୍ଟାଲର ମଧ୍ୟ ମନ୍ତ୍ରୀ ବିଧିବଦ୍ଧ ଭାବେ ଲଞ୍ଚ୍ କରିଛନ୍ତି। ଶ୍ରୀ ନାୟକ କହିଛନ୍ତି, ସର୍ଭେ ଦୁଇମାସ ପର୍ଯ୍ୟନ୍ତ ଚାଲୁ ରହିବ। ଆବାସ ଆବେଦନ ନିୟମରେ କିଛିଟା କୋହଳ କରାଯାଇଛି। ଫ୍ରିଜ୍ ଓ ଦୁଇଚକିଆ ଗାଡ଼ି ଥିଲେ ବି ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରିହେବ। ଏହାସହ ମାସିକ ୧୦ ହଜାର ନୁହେଁ, ୧୫ହଜାର ଆୟ ରହିଥିଲେ ମଧ୍ୟ ଆବାସ ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ବନାଗ୍ନିରେ ଓଡ଼ିଶା ଦ୍ୱିତୀୟ

# ୨୪ ଘଣ୍ଟାରେ ୪୨ ସ୍ଥାନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୪।୧ (ଭାସ୍କର ନ୍ୟୁଜ): ଜାନୁଆରୀ ମାସ ଶେଷ ହୋଇନି, ତାତି ବଢିଲାଣି। ତାତି ସହ ତାଳ ଦେଇ ଜଙ୍ଗଲରେ ବି ନିଆଁ ଲାଗିବା ଘଟଣା ବଢିଲାଣି। ଗତ ସପ୍ତାହକ ମଧ୍ୟରେ କର୍ଣ୍ଣାଟକରେ ସର୍ବାଧିକ ବନାଗ୍ନି ଘଟିଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗତ ୨୪ ଘଣ୍ଟା ଭିତରେ ଓଡ଼ିଶାର ୪୨ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଛି। ଉପଗ୍ରହ ତଥ୍ୟକୁ ଆଧାର କରି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ଏହି ସୂଚନା ଦେଇଛି। ଏହି ସୂଚନା ଅନୁଯାୟୀ କୋରାପୁଟ ସର୍କଲ ଅନ୍ତର୍ଗତ ନବରଙ୍ଗପୁର ଡିଭିଜନର ରାଇଘର ରେଞ୍ଜର ତିନୋଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଛି। ସେହିପରି ସମ୍ବଲପୁର ସର୍କଲର ୨୫ଟି ସ୍ଥାନରେ ବନାଗ୍ନି ଘଟିଥିବାବେଳେ ଗତ ୨୪ ଘଣ୍ଟାରେ ଏହି ସର୍କଲର ରେଙ୍ଗାଲି ରେଞ୍ଜର ୬ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଛି। ସେହିପରି କୁଚିଣ୍ଡା ରେଞ୍ଜର ୪ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ବେଲପାହାଡ଼ରେ ୨, ବରଗଡ଼ରେ ୨, କାମଗାଁ ରେଞ୍ଜରେ ୨, ଜମନକିରାରେ ୨, ବାଗଡିହି, ବଦରମା, ନୃସିଂହନାଥ, ପାଇକମାଳ, ଧମା, କୋଲାବିରା, ପଡ଼ିଆବାହାଲ ରେଞ୍ଜର ଗୋଟିଏ ଲେଖାଏଁ ସ୍ଥାନରେ ଜଙ୍ଗଲ ଜଳିଥିବା ଜଣାପଡ଼ିଛି। ଭବାନୀପାଟଣା ସର୍କଲର ଥୁଆମୂଳ ରାମପୁର, ଉଲୁଣ୍ଡା ରେଞ୍ଜ, ରାଉରକେଲା ସର୍କଲର ଗୋପାଳପୁର, ଦେବଗଡ଼, ବାରକୋଟ, ଚମ୍ପୁଆ ରେଞ୍ଜ, ରାଜାମୁଣ୍ଡା ବିଟ୍, ବ୍ରହ୍ମପୁର ସର୍କଲର ମୋହନା, ବାରିପଦା ସର୍କଲର ରାସଗୋବିନ୍ଦପୁର ରେଞ୍ଜରେ ବନାଗ୍ନି ଘଟିଛି। ଅନୁଗୋଳ ସର୍କଲର ତାଳଚେର ରେଞ୍ଜ, କେନ୍ଦ୍ରାପଡ଼ା ରେଞ୍ଜ ଅନ୍ତର୍ଗତ ମାର୍ଶାଘାଇ ବିଟ୍‌ରେ ଜଙ୍ଗଲ ନିଆଁ ଲାଗିଛି। ଗତ ୭ ଦିନର ତଥ୍ୟ ଅନୁସାରେ ସର୍ବାଧିକ ଜଙ୍ଗଲ ନିଆଁ ଘଟିଛି କର୍ଣ୍ଣାଟକରେ । ଦ୍ୱିତୀୟରେ ଓଡ଼ିଶା ରହିଥିବାବେଳେ ତୃତୀୟରେ ମହାରାଷ୍ଟ୍ର, ଚତୁର୍ଥରେ ଅରୁଣାଚଳ ପ୍ରଦେଶ ଓ ପଞ୍ଚମରେ ନାଗାଲାଣ୍ଡ ରହିଛି। ଓଡ଼ିଶାରେ ୧୬ ଜାନୁଆରୀରୁ ଆଜିସୁଦ୍ଧା ୧୭୦ଟି ବନାଗ୍ନି ରିପୋର୍ଟ ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍) : ଭାରତୀୟ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ସିଟିଜି ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଗ୍ଲୋବାଲ ସ୍କୁଲ, କେନ୍ଦୁଝର ବିଦ୍ୟାମନ୍ଦିର, କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର ଡିଗ୍ରୀ କମର୍ସ କଲେଜ ଏବଂ କେନ୍ଦୁଝର ପ୍ରଫେସନାଲରେ କଲେଜର ଚେୟାରମ୍ୟାନ୍ ରୋଟାରିୟାନ୍ ଡ଼ ରାଜେନ୍ଦ୍ର କୁମାର ପଲେଇଙ୍କ ତତ୍ତ୍ୱାବଧାନରେ ଶିକ୍ଷା ନିକେତନ ଏବଂ ନିଉ କଲୋନୀରେ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେତାଜୀଙ୍କୁ ଫୁଲ ଚନ୍ଦନ, ଧୂପ ଦୀପ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ନେତାଜୀଙ୍କ ଜୀବନୀ ଉପରେ ଉଦ୍‌ବୋଧନ ଦେଇଥିଲେ। କଲେଜ ର ଅଧ୍ୟାପକ ଚିନ୍ମୟ ପ୍ରଧାନ, ରଣଜିତ ସାମଲ, ପଙ୍କଜ ମହାନ୍ତ, ଜ୍ଞାନରଞ୍ଜନ ନାଏକ, ତନବୀର ଆଲାମ, ସୁବ୍ରତ ସେଠୀ ଏବଂ ଅଧ୍ୟାପିକା ନିକିତା ପଲେଇ, ମନ୍ଦାକିନୀ ପ୍ରଧାନ, ଡ଼ ପୂଜା ଅର୍ଚ୍ଚନା ମିଶ୍ର, ସ୍ୱପ୍ନାରାଣୀ ମହାନ୍ତ, ଦୀପା ଶଙ୍କର ଏବଂ ଅସ୍ମିତା ସ୍ୱାଇଁ ନେତାଜୀଙ୍କୁ ଭାରତୀୟ ସ୍ୱାଧିନତା ସଂଗ୍ରାମର ଜଣେ ଅନନ୍ୟ ଅସାଧାରଣ ଯୋଦ୍ଧା ଭାବେ ବର୍ଣ୍ଣନା କରିବା ସହିତ ଭାରତୀୟ ମାନଙ୍କର ଜଣେ ମହାନ୍ ଜନନେତା ବୋଲି ପିଲାମାନଙ୍କୁ ବୁଝାଇଥିଲେ। ପିଲାମାନଙ୍କ ତରଫରୁ ରୋପ୍ୟପ୍ରଭା, ମୀନାକ୍ଷୀ, ରୁଚିକା, ପ୍ରାର୍ଥ, ଅଭିଷେକ, ରୋହିତ, ରାଜୀବ, ଆସ୍ଥା, ଗଣେଶ, ସୋମାଇ ମୁର୍ମୁ ଏବଂ ସ୍ୱସ୍ତିକ ଦାଶ ନେତାଜୀଙ୍କ ବଳିଦାନ ଏବଂ ଦେଶକୁ ପୂର୍ଣ୍ଣ ସ୍ୱାଧିନତା ପ୍ରଦାନର ଲକ୍ଷ୍ୟ ଭାରତୀୟ ଇତିହାସରେ ଚିରକାଳ ଅବିସ୍ମରଣୀୟ ହୋଇ ରହିବ କହିଥିଲେ ।



## ତୁଳସୀପୁର ପିଏମ୍ ବିଦ୍ୟାପୀଠ ୫-ଟି କାମର ତଦନ୍ତ ହେବ କେବେ ?

କୋରେଇ (ଭାସ୍କର ନ୍ୟୁଜ୍): ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରିବାପାଇଁ ଓ ଘରୋଇ ବିଦ୍ୟାଳୟ ଭଳି ପିଲା ମାନଙ୍କୁ ଅତ୍ୟାଧୁନିକ ସୁବିଧା ସରକାରୀ ବିଦ୍ୟାଳୟରେ ଯୋଗାଇବା ପାଇଁ ତତ୍କାଳୀନ ବିଜେଡି ସରକାର ୫ଟି ମାଧ୍ୟମରେ ହାଇସ୍କୁଲ ଗୁଡ଼ିକ ରୂପାନ୍ତରିକରଣ କରାଯାଇ ଥିଲା। ଯାହା ଅନେକ ଭାବରେ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିଥିଲା କିନ୍ତୁ ଦୁଃଖ ପରିତାପର ବିଷୟ କିଛି ଦୁର୍ନୀତିଖୋର ସରକାରୀ କର୍ମଚାରୀ ଓ ରାଜନେତାଙ୍କ ପୋଷା ଠିକାଦାର ବିଦ୍ୟାଳୟ ରୂପାନ୍ତରିକରଣ ନାରେ ରଙ୍ଗ ବୋଲି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଥିବାର ଦେଖିବକୁ ମିଳୁଛି। କେଉଁଠି ତିଆରୀ ହୋଇଥିବା ଘର ଫାଟି ଆଁ କଲାଣି ତ କେଉଁଠି ସ୍ମାର୍ଟ ବୋର୍ଡ କାମ କରୁନି, କେଉଁଠି ନୂଆ କରି ତିଆରୀ ହୋଇଥିବା ପାଚେରୀ ଗଳି ପଡିଲାଣି ତ କେଉଁଠି ବେଞ୍ଚ ଡେସ୍କ ନିମ୍ନ ମାନର ହେତୁ ଭାଙ୍ଗି ଗଲଣି.ଏମିତି ଏକ ସଙ୍ଗିନୀ ଅଭିଯୋଗ କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ପଞ୍ଚାୟତରେ ଥିବା ତୁଳସୀପୁର ପିଏମ୍ ଉଚ୍ଚ ବିଦ୍ୟାପୀଠ ନାମରେ ହୋଇଛି.ଏଠାରେ ସୂଚନା ଯୋଗ୍ୟକି ତୁଳସୀପୁର ଏହି ହାଇସ୍କୁଲଟି ତତ୍କାଳୀନ ସରକାର ୫ଟି ରୂପାନ୍ତରିକରଣ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ରେ ଅନ୍ତର୍ଭୁକ୍ତ ହୋଇ ଥିବା ବେଳେ ଏହା ମାତ୍ର ବର୍ଷେ ହେବ କାମ ସରି ଉଦଘାଟନ ହୋଇସାରିଛି.କିନ୍ତୁ ଦୁଃଖ ର ବିଷୟ ବର୍ତ୍ତମାନ ପରିସ୍ଥିତିରେ ଏହି ସ୍କୁଲ ଟି କଥା ନକହିବା ଭଲ, ଏହାର କାନ୍ଥ କେଉଁଠି ପାଠି ଆଁ କଲାଣି ତ, ସ୍କୁଲକୁ ଯୋଗାଯାଇଥିବା ନିମ୍ନ ମାନର ଜିନିଷ ସବୁ ଭାଙ୍ଗି ରୁଜି ଗଲାଣି.ଶୁଣିବାକୁ ମିଳୁଛି କୁଆଡେ ଏହା ବ୍ଲକର ବଡ଼ ନେତାଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନ ରେ ତିଆରୀ ହୋଇଥିଲା. ପ୍ରଶ୍ନ ଉଠୁଛି ବାଡ଼ ହୋଇ ଯଦି କ୍ଷେତ ଖାଇବ ତେବେ ଆମେ କହିବା କାହାକୁ ? ସରକାର ପରିବର୍ତ୍ତନ ର ୮ମାସ ବିତି ଗଲାଣି. ନୂତନ ସରକାର ସବୁ ୫ଟି କାମର ତଦନ୍ତ ଆଦେଶ ବି ଦେଇଛନ୍ତି. କିନ୍ତୁ ଦୁଃଖର ବିଷୟ କୋରେଇରେ ଏହା କାର୍ଯ୍ୟକାରୀ ହେଉଥିବା ଲକ୍ଷ କରାଯାଉଛି। ଜିଲ୍ଲାପାଳ, ବିଧାୟକ ଏହି ଘୋଟଲାକୁ ସୋତନ୍ତ୍ର ଧ୍ୟାନ ଦେଇ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

## ଆବାସ ଯୋଜନାରେ ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ ଆରମ୍ଭ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଆଜି ଲକ୍ଷ୍ମୀପୁର ପଞ୍ଚାୟତ ସମିତି ସଭା ଗୃହ ଠାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ୨୦୨୪ ରୁ ୨୦୨୮ ଯାଏଁ ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେର ଶୁଭାରମ୍ଭ ହୋଇଯାଇଛି। ଏନେଇ ଶନିବାର ଦିନଠୁ ଗାଁ ଗାଁ ବୁଲି ଡ଼ାକବାଜି ଜନ୍ତ ସହ ଲୋକଙ୍କୁ ସଚେତନ କରିବା ଦିଗରେ ବିଭିନ୍ନ ଗାଡିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା ଯୋଗ ଦେଇଥିବା ବେଳେ ଜିପିଓ ସୁଧୀର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଏମ.ପବନ କୁମାର ମଞ୍ଚାସିନ ଥିଲେ। ଏହି ସର୍ଭେର ଉଦ୍ଦେଶ୍ୟ କଣ,ଏହି ସର୍ଭେ କାହା ଦ୍ୱାରା କରାଯିବ,ଏହି ସର୍ଭେ କେଉଁ ମୋବାଇଲ ଆପ ଯୋଗେଁ କରାଯିବ,ଏହି ଆପ କିପରି ମିଳିବ,ଏହି ମୋବାଇଲ ଆପ ଯୋଗେ କିପରି ପଞ୍ଜିକରଣ କରାଯିବ, ଲଗଇନ ପାଇଁ କୌଣସି ପାସୱାର୍ଡ ର ଆବଶ୍ୟକତା ଅଛିକି, ସର୍ଭେରେ ସମସ୍ତ ତଥ୍ୟ ପୂରଣ ପୂର୍ବରୁ ହିତାଧିକାରୀଙ୍କୁ କଣ କରିବାକୁ ପଡିଥାଏ, ସର୍ଭେ ସମୟରେ କେଉଁ କେଉଁ ତଥ୍ୟ ପ୍ରଦାନ କରିବାକୁ ପଡେ ଇତ୍ୟାଦି ବିଷୟରେ ମଞ୍ଚାସିନ ଅତିଥି ମାନେ ଆଲୋଚନା କରିଥିଲେ।କେଉଁ ଭଳି ଲୋକେ ଏହି ଯୋଜନାରେ ସାମିଲ ହେଇ ପାରିବେ ଓ ଘର ଖଣ୍ଡେ ପାଇ ପାଇବା ପାଇଁ ଲାଗୁ ହେଉଥିବା ନିୟମାବଳୀ ବିଷୟରେ ବିଡ଼ିଓ ଶ୍ରୀଯୁକ୍ତ ଭୋଇ ବୁଝାଇଥିଲେ।ଏହି କାର୍ଯ୍ୟକ୍ରମରେ ବ୍ଲକରେ ଥିବା ତେରଟି ପଞ୍ଚାୟତ ର କାର୍ଯ୍ୟରତ ନିର୍ବାହୀ ଅଧିକାରୀ,ଏଡିଓ ଓ ଗ୍ରାମ ରୋଜଗାର ସେବକ ଓ କନିଷ୍ଠ ଯନ୍ତ୍ରୀ,ଓଏଲମ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମୀଣ ଗୃହ ବିଭାଗର ବ୍ଲକ କୋଡିନେଟର ଜନାର୍ଦ୍ଦନ ଚୌଧୁରୀ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ସାହଯୋଗ କରିଥିଲେ।ଏଥିରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ସର୍ଭେ ଦାୟିତ୍ୱ ଦିଆ ଯାଇଥିବା ବେଳେ ପ୍ରତ୍ୟେକ ପଞ୍ଚାୟତ କୁ ତିନିରୁ ପାଞ୍ଚ ଜଣ ପ୍ରତ୍ୟେକ ଦିନ ଜାଇ ସର୍ଭେ କରିବେ ବୋଲି ସୂଚନା ମିଳିଛି।

## ରକ୍ତଦାନ ଶିବିର ୧୫ୟୁନିଟ ରକ୍ତ ସଂଗ୍ରହ

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍) : ନେତାଜୀ ସୁବାଷ ବୋଷଙ୍କ ଜୟନ୍ତି ଅବସରରେ କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଇଛି। ସାଈ ଭାଇ ସୋସିଆଲ ଓ୍ୱାର୍କରଙ୍କ ପ୍ରଚେଷ୍ଟାରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ସାଈ ଭାଇ ସୋସିଆଲ ଓ୍ୱାର୍କରର ସଭାପତି ରାଜେନ୍ଦ୍ର ଦିପଙ୍କ ନେତୃତ୍ୱରେ ହୋଇଥିଲା। ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରକୁ ସଫଳ କରିବାରେ ପୁଷ୍ପକେତୁ ବେହେରା, କୃତିକର ବାଗ, ତୁଳସି ଜଗତ, ବୈକୁଣ୍ଠ ମହାନନ୍ଦ, ଘାସିରାମ ଜୈନ, ବ୍ରଜଶ୍ୟାମ ଗୁରୁ, ଗୁଲାମ ଜିଲାନି, ଦୁର୍ଗାପ୍ରସାଦ ଗୁପ୍ତାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ବନଦୁର୍ଗା ବିଦ୍ୟାଳୟରେ ଅଷ୍ଟମ ଗୀତା ମୈତ୍ରୀ ସମ୍ମିଳନୀ

ନିଆଳି (ଭାସ୍କର ନ୍ୟୁଜ୍) : ଶ୍ରୀମଦ୍ ଭଗବତ୍ ଗୀତା ବିଦ୍ୟାଳୟ ଓଡ଼ିଶାର ଅଷ୍ଟମ ଗୀତା ମୈତ୍ରୀ ସମ୍ମିଳନୀ ୨୩ ଗୁରୁବାର ଯାଜପୁର ଋଷିକ୍ଷେତ୍ର ରସୁଲପୁର ବନଦୁର୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଫଳତା ସହ ପାଳିତ ହୋଇଯାଇଛି। ଯୋଗଦାନ କରିଥିବା ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାଳୟ ଓଡିଶାର କର୍ମକର୍ତ୍ତା ଓ ଶ୍ରୀଜଗନ୍ନାଥ ପ୍ରତିଭା ପୂଜନ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ୍ ଗୀତାଗ୍ରନ୍ଥ ଓ ଉତ୍ତରୀୟ ବଣ୍ଟନ କରି ପିଲାମାନଙ୍କୁ ଗୀତା ଶ୍ଳୋକାଙ୍କ ଅଭ୍ୟାସ କରିବା ପାଇଁ ଦିବ୍ୟ ବାଣୀ ପ୍ରଦାନ କରିଛନ୍ତି। ଗୀତା କିପରି ପାଠ କରିବ, ସେ ବିଷୟରେ ମୁଖ୍ୟଅତିଥି ଗାୟକ କଲ୍ଲୋଳ ପ୍ରଫୁଲ୍ଲ ଆଚାର୍ଯ୍ୟ ପଣ୍ଡିତଜୀ କହିଛନ୍ତି। ତତସହ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ବିନୋଦ ସେନାପତି ଓ ବେଦାନ୍ତାଚାର୍ଯ୍ୟ ବ୍ରଜକିଶୋର ମହାନ୍ତି ସମସ୍ତେ ଗୀତାକୁ ଗ୍ରହଣ କରିବା ପାଇଁ ନିଜର କର୍ତ୍ତବ୍ୟ ବୋଲି ମନେକରନ୍ତୁ। ମୁଖ୍ୟବକ୍ତା ଗୀତା ଜ୍ଞାନ ଗବେଷକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଗୀତା ପାଠ କରିବା ସମୟରେ କେମିତି ଆଚରଣ କରିବ ସେ ବିଷୟରେ ଉପସ୍ଥାପନା କରି ସମସ୍ତଙ୍କ ଦୃଷ୍ଟି ଗୋଚ୍ଚର କରାଇଛନ୍ତି। ପଣ୍ଡିତ ଅଭୟ କୁମାର ତ୍ରିପାଠୀ ଶର୍ମା ଓ ପଣ୍ଡିତ ରବିନ୍ଦ୍ର ମିଶ୍ର, ପଣ୍ଡିତ ସନ୍ତୋଷ ଶରଣ, ଗୋଲୋକ ଭାଇ ରାଜ୍ୟ ଗୀତା ବିଦ୍ୟାଳୟର କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ପଣ୍ଡିତ ଶରତଚନ୍ଦ୍ର ମିଶ୍ର, ପଣ୍ଡିତ ଦାମୋଦର ନନ୍ଦ ରାଜ୍ୟ କର୍ମକର୍ତ୍ତା ଓ ମାତାଜୀ ଲଳିତା ମହାପାତ୍ର, ମାତାଜୀ ସୁଶାନ୍ତି ରାଉତ, ମାତାଜୀ ମଞ୍ଜୁଲତା, ମାତାଜୀ ଧରିତ୍ରୀ ଶ୍ରୀମତୀ ଲୀନାବାଳା ଦଳେଇ, ସତ୍ୟପ୍ରିୟା ସାହୁ ଅନେକ ମାତୃମଣ୍ଡଳୀ ଗୀତା ପଢ ପଢାଅ, ଗୀତା ଶୁଣ ଶୁଣାଅ, ସତସଙ୍ଗ ନିତ୍ୟ ଶ୍ରବଣ କରିବା ପାଇଁ କହିଥିଲେ। ସଭାର ପରିଚାଳନା ସୁନ୍ଦର ଭାବରେ ରାଜ୍ୟ ସଂପାଦକ ଗୀତାସେବୀ ପ୍ରବୀର ଚ୍ଚରଣ ତରାଇ କରି ସମାଜକୁ ଦିଗଦର୍ଶନ ଦେଇଥିଲେ। ତତ୍‌ସହିତ ଯାଜପୁର ଋଷିକ୍ଷେତ୍ରର ସଭାପତି ଭାବେ ଗୋଲୋକ ବିହାରୀ ରାଉତଙ୍କୁ ମନୋନୀତ କରାଯାଇଛି। ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାଳୟର ଓ ଶ୍ରୀଜଗନ୍ନାଥ ପ୍ରତିଭା ସମ୍ମାନ ପରିଷଦର ରାଜ୍ୟ ସଭାପତି ଗୁରୁମା ସରୋଜିନୀ ପତି ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ପରିଶ୍ରମ, ଅବଦାନ, ସହଯୋଗକୁ ପ୍ରଶଂସା କରିଥିଲେ।



## ତରାଣ୍ଡୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କେନ୍ଦ୍ରାପଡ଼ା,୨୪।୧: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମପଞ୍ଚାୟତର ତରାଣ୍ଡୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନୀତ ଅତିଥି ଭାବେ ବାରୋ ଗ୍ରାମପଞ୍ଚାୟତର ସରପଞ୍ଚ ଗୋପିନାଥ ମଲ୍ଲିକ, କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ସମାଜସେବୀ ମହନି ଚରଣ ଆଚାର୍ଯ୍ୟ, ତରାଣ୍ଡୋ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଚକ୍ରଧର ସାମନ୍ତରାୟ, ସି.ଆର.ସି.ସି. ବୈଲୋଚନ ସାମଲ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମୀର ଅକ୍ତର ଅଲ୍ଲୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଂଗୀତ, ନୃତ୍ୟ ଓ ଅଭିନୟ ପ୍ରଦର୍ଶନ ପୂର୍ବକ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ।

## କାକଟପୁରରେ ମାଗଣା ସ୍ୱାସ୍ଥ୍ୟ ଶିବିର

କାକଟପୁର (ଭାସ୍କର ନ୍ୟୁଜ୍) : ସ୍ୱାସ୍ଥ୍ୟ ହିଁ ସମ୍ପଦ। ମାନବ ସେବା ହିଁ ମାଧବ ସେବା। କାକଟପୁର ଅଞ୍ଚଳରେ ପ୍ରଥମ ଥର ପାଇଁ ଖୋଲିଲା ସ୍ୱାସ୍ଥ୍ୟ ଶିବିର। ଜାନୁଆରି ୨୫ ତାରିଖ ଶନିବାର ଦିନ ତହସିଲ ଛକ ନିକଟରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ଭବନ ପରିସରରେ ହେଉଛି ସମ୍ପୂର୍ଣ ମାଗଣା । କାକଟପୁର, ଅସ୍ତରଙ୍ଗ ବ୍ଲକର ବୃଦ୍ଧବୃଦ୍ଧା, ଅସହାୟ, ଗରିବ ନିରାଶ୍ରୟାମାନେ ଯୋଗଦେଇ ବିଭିନ୍ନ ରୋଗର ମାଗଣା ଚିକିତ୍ସା କରାଇବା ସହ ମାଗଣା ଔଷଧ ନେବା ପାଇଁ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ରଂଜିତ ସ୍ୱାଇଁ ଜଣାଇଛନ୍ତି।

## ନେତାଜୀ ଜୟନ୍ତୀ ପାଳିତ

କଣିହାଁ (ଭାସ୍କର ନ୍ୟୁଜ୍): ନେତାଜୀ ସ୍ମୃତି କମିଟି ଏନଟିପିସି ଆନୁକୂଲ୍ୟରେ ଗୁରୁବାର ଦିନ ଏନଟିପିସି ବାଇପାସ ଛକ ଠାରେ ଆପୋଷହୀନ ଧାରାର ମହାନ ନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ମୃତି କମିଟିର ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଧନେଶ୍ୱର ସାହୁ ଯୋଗଦେଇ ନେତାଜୀଙ୍କ ଜୀବନୀ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ଅନୁଗୋଳ ଜନଜୀବନ ସୁରକ୍ଷା କମିଟିର ଆବାହକ ପ୍ରମୋଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆଜିର ସମାଜରେ ନିର୍ଯାତିତ ଜନଗଣଙ୍କ କଷଣ, ଦୁଃଖକୁ ହୃଦୟଙ୍ଗମକରି ସେମାନଙ୍କ ମୁକ୍ତି ପାଇଁ ନେତାଜୀଙ୍କ ଜୀବନୀରୁ ଶିକ୍ଷାନେଇ ସମାଜର ପରିବର୍ତ୍ତନରେ ନିଜକୁ ନିୟୋଜିତ କରି ସମାଜବାଦୀ ସମାଜ ଗଢି ତୋଳିବାକୁ ଅହ୍ୱାନ ଦେଇଥିଲେ। କମିଟିର କାର୍ଯ୍ୟକାରୀ ସଭ୍ୟ ଟୁନା ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ୟୁବି ହାଇସ୍କୁଲରେ 'ବେଟି ବଚାଓ, ବେଟି ପଢ଼ାଓ' ରାଲି



ଭଂଜନଗର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉପେନ୍ଦ୍ର ଭଂଜ ଉଚ୍ଚ ବିଦ୍ୟାଳୟରେ ଗତକାଲି 'ଜାତୀୟ ଶିଶୁକନ୍ୟା ଦିବସ' (ନ୍ୟାସନାଲ ଗାର୍ଲ୍ ଚାଇଲ୍ଡ ଡେ ପାଳନ ଅବସରରେ ' ଝିଅ ବଞ୍ଚାଅ, ଝିଅ ପଢାଅ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟରେ ଚିତ୍ର ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ରାଲିର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ 'ଝିଅ ହେଉଛି ଧରଣୀରଣୀର କୋମଳ କଳିକା' ବୋଲି ମତ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ସଂଯୋଜକ ଥିଲେ ବିଦ୍ୟାଳୟର ଏନସିସି ଆର୍ମୀ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଏବଂ ସେ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା : ଅର୍ଥାତ୍, ନାରୀଙ୍କ ପୂଜନ ହୁଏ ଯେଉଁଠି, ଦେବତାଙ୍କ ବାସ ହୁଏ ସେଇଠି' ବୋଲି ଉଲ୍ଲେଖ କରିଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସସ୍ମିତା ନାୟକ, ସ୍ୱପ୍ନେଶ୍ୱରୀ ଦିଗାଲ, ସନ୍ତୋଷ ବେହେରା , ଅମିତ କୁମାର ବେହେରା, ବିଷ୍ଣୁ ପ୍ରିୟା ସ୍ୱାଇଁ, ଜ୍ୟୋତ୍ସ୍ନା ରାଣୀ ନାୟକ, ନମିତା କୁମାରୀ ବିଷୋୟୀ , ସନ୍ତୋଷ କୁମାର ବେହେରା , ଅମିତ କୁମାର ବେହେରା , ବିଷ୍ଣୁ ପ୍ରିୟା ସ୍ୱାଇଁ, ସୁରେଶ ପ୍ରଧାନ, ସୁନିଲ୍ ବେହେରା, କିରଣ କହଁର, ବନିତା ସ୍ୱାଇଁ, ଶୁଚିସ୍ମିତା ପ୍ରଧାନ, ଗଙ୍ଗାକଲ୍ୟାଣୀ କହଁର, ବିଭୁ ମହିମା ପ୍ରଧାନ, ଜ୍ୟୋତ୍ସ୍ନା ରାଣୀ ନାୟକ , ମିନତି କୁମାରୀ ବିଷୋୟୀ ପ୍ରମୁଖ ଓ ଅନ୍ୟାନ୍ୟ ସମସ୍ତ ବିଦ୍ୟାଳୟ କର୍ମଚାରୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଶ୍ରୀ ନାହାକ ସାଧୁବାଦ ଜ୍ଞାପନ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭ୍ରମଣ




ମାଲକାନଗିରି (ଭାସ୍କର ନ୍ୟୁଜ୍) : କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଶୈକ୍ଷିକ ଭ୍ରମଣରେ ସ୍ଥାନୀୟ ସରକାରୀ ବହୁବୃତ୍ତି ଅନୁଷ୍ଠାନ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ୫୮ ଜଣ ଛାତ୍ରଛାତ୍ରୀ ଦୁଇଟି ମହାବିଦ୍ୟାଳୟର ବିଭିନ୍ନ ବିଭାଗ ବୁଲିଥିଲେ। ଅଧ୍ୟାପକ ମାନେ ବିଭିନ୍ନ ବୃତ୍ତିଗତ ପାଠ୍ୟ ବିଷୟରେ ଏବଂ ବିଭିନ୍ନ ପ୍ରକାର ଯନ୍ତ୍ରପାତି କିପରି ଭାବେ କାମ କରେ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅନୁଷ୍ଠାନ ମାନଙ୍କରେ ଶିକ୍ଷା ସମାପ୍ତି ପରେ ସରକାରୀ ଏବଂ ବେସରକାରୀ ସଂସ୍ଥାରେ କର୍ମସଂସ୍ଥାନ ଏବଂ ସ୍ୱରୋଜଗାରର ବିପୁଳ ଅବସର ରହିଛି। ସରକାରୀ ବହୁବୃତ୍ତି ଅନୁଷ୍ଠାନ ଏବଂ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଏହି ଭ୍ରମଣରେ ବିଶେଷ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଭି. ଅଶୋକ କୁମାର, ରଂଜିତ କୁମାର ପାତ୍ର, ଅରବିନ୍ଦ କୁମାର ସେଠ୍ ଏବଂ ଶିକ୍ଷୟିତ୍ରୀ କବିତା ଭାରତୀଙ୍କ ତତ୍ତ୍ୱାବଧାନରେ ଏହି ଶୈକ୍ଷିକ ଭ୍ରମଣ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଭ୍ରମଣ ପିଏମଶ୍ରୀ ଯୋଜନା ର ଅଂଶବିଶେଷ ଅଟେ।


## ବିରିଗୁଡାରେ ନୂତନ ଆରୋଗ୍ୟ ଶାଳା ଉଦ୍‌ଘାଟିତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଆଜି କୋରାପୁଟ ଜିଲ୍ଲା ଓଡ଼ିଆ ପେଣ୍ଠ ପଞ୍ଚାୟତ ର ବିରିଗୁଡା ଗ୍ରାମ ଠାରେ ଆଦିତ୍ୟ ବିର୍ଲା କମ୍ପାନୀ ତରଫରୁ ଖୋଲା ଯାଇଥିବା ଆରୋଗ୍ୟ ଶାଳାର ଶୁଭ ଉଦଘାଟନ ହୋଇଯାଇଛି।ହିଣ୍ଡାଲକୋ କମ୍ପାନୀରେ ଏମଡି ସତୀଶ ପାଇ ଯୋଗ ଦେଇ ରିବନ କାଟି ଏହାର ଶୁଭ ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଉତ୍କଳ ଆଲୁମିନା ଚେୟାରମ୍ୟାନ ଏସକେ ମିଶ୍ର, ଆଦିତ୍ୟ ବିର୍ଲା ସିଇଓ ମେଜର ବେଗ, ସିଏସଆର ହେଡ଼ ତନ୍ମୟ ମହାନ୍ତି,ଏଚଆର ହେଡ଼ ଦୀପକ ମହାନ୍ତି,ମାଇନ୍ସ ଅପରେଟିଙ୍ଗ ଅଫିସର ମୃତ୍ୟୁଞ୍ଜୟ ଲେଙ୍କା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା ଯୋଗ ଦେଇ ଥିଲେ।ସମସ୍ତ ଅତିଥି ମାନଙ୍କୁ ଅଞ୍ଚଳବାସି ବାଜା ବଜାଇ ପାରମ୍ପରିକ ଢେମସା ନୃତ୍ୟର ତାଳେ ତାଳେ ଅଧାବାଟରୁ ଆରୋଗ୍ୟ ଶାଳା ଯାଏଁ ପାଛୋଟି ନେଇଥିଲେ। ପ୍ରଭାବିତ ଅଞ୍ଚଳବାସିଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଏହି ଆରୋଗ୍ୟ ଶାଳା ଖୋଲାଗଲା,ଅଞ୍ଚଳ ର କେହିବି କୌଣସି ଛୋଟ ବଡ଼ ରୋଗରେ ପଡିଲେ ଦୂରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପରିବର୍ତ୍ତେ ଏଠି ପ୍ରାଥମିକ ଚିକିତ୍ସା କରି ଭଲ ହେଇ ପାରିବେ। ନଚେତ ଉଷାପଡା ରେ କମ୍ପାନୀ ତରଫରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ଚିକିତ୍ସା ଲାଗି ଭର୍ତି ହୋଇ ପାରିବେ। ସମସ୍ତ ଚିକିତ୍ସା ଦେୟ ମୁକ୍ତ ରହିବ ବୋଲି ବୋଲି ଏମଡି କହିଥିଲେ। ଏହାକୁ ନେଇ ଅଞ୍ଚଳ ବାସି ଖୁସିବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା।ପରେ ଅଞ୍ଚଳର ଯୋଗ୍ୟ ଶିକ୍ଷିତ ଯୁବକ ଯୁବତି ମାନଙ୍କୁ କମ୍ପାନୀରେ ଚାକିରୀ, ଲକ୍ଷ୍ମୀପୁର ଅଞ୍ଚଳ ରେ ଟାଉନସିପ ପ୍ରତିଷ୍ଠା, ସପିଲାଙ୍କ ପାଇଁ ଏକ ମଡେଲ ସ୍କୁଲ ସହ ଛାତ୍ର ଛାତ୍ରୀ ମାନଙ୍କ ବୈଷୟିକ ଶିକ୍ଷା ପାଇଁ ସମସ୍ତ ସୁବିଧା ଭଳି ଅନେକ ଦାବିକୁ ନେଇ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଏମଡିଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଥିବା ବେଳେ ଏସବୁ ଦାବି ଉପରେ ଗୁରୁତ୍ୱ ଦିଆଯିବ ବୋଲ ଏମଡି କହିଥିଲେ।


## ତାରାତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ଶୃଙ୍ଖଳା ଓ ଶାଳିନତା ରହିଲେ ଭବିଷ୍ୟତ ଗଠନ ହୋଇପାରିବ'



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ପରିଶ୍ରମ ଓ କଠୋର ସାଧନା, ଅଧ୍ୟୟନ ସହ ଶୃଙ୍ଖଳା ଓ ଶାଳିନତା ଥିଲେ ହିଁ ଭବିଷ୍ୟତ ଗଠନ କରିବାର ମାଧ୍ୟମ ହୋଇପାରିବ ବୋଲି ସମ୍ବୋଧନ କରିଥିଲେ ମାନ୍ୟବର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି । ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇ ଆଲୋକ ପାତ କରିଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବୋଧନ କରି ଉତ୍ସାହିତ କରିଥିଲେ । ବିଧାୟକ କଲେଜ ଫାଟକରେ ପହଞ୍ଚିବା କ୍ଷଣି ୱାଯୀ ଆର ଏସ୍ ସେଚ୍ଛାସେବି ଅନୁଷ୍ଠାନ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ । ପ୍ରଥମେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ସାମନ୍ତରା ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏକ କୋଟି ସତୁରୀ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବହୁମୁଖୀ ପ୍ରକୋଷ୍ଠ ର ଭିତ୍ତିପ୍ରସ୍ତର ସ୍ଥାପନ, କଲେଜ ନିଜସ୍ୱ ପାଣ୍ଠିରୁ ନିର୍ମିତ ଈ. ଗ୍ରନ୍ଥାଗାର, ୨୦୨୦/୨୦୨୧ ମସିହା ବିଧାୟକ ପାଣ୍ଠି କୋଡ଼ିଏ ଲକ୍ଷ ଟଙ୍କା ରେ ନିର୍ମିତ ବିଜ୍ଞାନ ପ୍ରୟୋଗଶାଳା ଗୃହର ଉଦଘାଟନ କରିଥିଲେ। ମଞ୍ଚ ସ୍ଥଳରୁ କଲେଜ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ସେନାପତି ସ୍ୱାଗତ ଭାଷଣ ଦେଇ ମଞ୍ଚ ଉପରକୁ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କୁ ନିମନ୍ତ୍ରଣ କରିଥିଲେ ।ଅଧ୍ୟାପକ ଡ.ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଇଥିଲେ । କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପଠନ କରି ଜଣାଇଥିଲେ ବିଧାୟକଙ୍କ ପ୍ରଚେଷ୍ଟାରେ ଆହୁରି ତିନି କୋଟି ପଚିଶି ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ କରିବାରେ ଲାଗିଛନ୍ତି । ଏହି କଲେଜ ର ସୁନାମ ପାଇଁ ଛାତ୍ର ଛାତ୍ରୀ ଙ୍କ ପାଠ ପଢିବା ରେ ଆଗ୍ରହ ଦେଖା ଦେଇଛି । ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ଢେର୍ ଅଧିକା ଅଛନ୍ତି ବୋଲି ବିବରଣୀରେ ଦର୍ଶାଇଥିଲେ ।ଶେଷରେ ଅତିଥିଙ୍କ ଦ୍ୱାରା ଜଉଗଡ ମୁଖପତ୍ରର ଉନ୍ମୋଚନ କରିଥିଲେ । ଅଧ୍ୟାପକ ଡ . ପ୍ରବୀର କେଶରୀ ପ୍ରଧାନଙ୍କ ଦାୟିତ୍ୱରେ ବିଭିନ୍ନ ପ୍ରତିଯୋଗିତାର କୃତିପ୍ରତିଯୋଗୀଙ୍କୁ ମାନ୍ୟବର ବିଧାୟକ ପୁରସ୍କାର ବଣ୍ଟନ କରିଥିଲେ। ଅଧ୍ୟାପକ ନାଇଡୁ ମୋହନ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଏଥିରେ କାର୍ଯ୍ୟକ୍ରମକୁ ସଫଳ କରାଇବା ରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରି ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଡ. ନଟବର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ପେସାରେ ଜଣେ ଶିକ୍ଷକ ହେଲେ ମଧ ନିଶା ତାଙ୍କର ରୋଗୀସେବା। ପରବର୍ତ୍ତୀ ସମୟରେ ରୋଗୀ ଚିକିତ୍ସା କରିବା ତାଙ୍କର ବୃତ୍ତିରେ ପରିଣତ ହେଲେ ମଧ ଗୁଡାଏ ଲେଖିବା ଓ ପଢ଼ିବା ତାଙ୍କ ପ୍ରବୃତ୍ତି ପାଲଟି ଯାଇଥିଲା। ସେ ଆଉ କେହି ନୁହନ୍ତି ଜିଲ୍ଲାର ଜଣେ ଜଣାଶୁଣା ପ୍ରଖ୍ୟାତ ହୋମିଓପ୍ୟାଥିକ ଡ଼ଃ ନଟବର ନାୟକ। ବିଗତ ଶତାବ୍ଦୀର ୬୦ ଦଶକର ପ୍ରାରମ୍ଭରେ ସେ ହୋମିଓପ୍ୟାଥିକ ଚିକିତ୍ସା ଆରମ୍ଭ କରିଥିଲେ। ୬ ଦଶନ୍ଧିରୁ ଉର୍ଦ୍ଧ ଉନ୍ନତ ରୋଗୀ ସେବା ଯୋଗାଇ ସେ ଜଣେ ସଫଳ ଚିକିତ୍ସକର ଆଖ୍ୟା ଅର୍ଜନ କରିଥିଲେ। ହାନିମ୍ୟାନ, ଆଲେନ ଓ କେଣ୍ଟଙ୍କ ଭଳି ବିଶିଷ୍ଟ ହୋମିଓପ୍ୟାଥିକ ବହି ସବୁ ପଢି ସେ ହଜମ କରିଦେଇଥିଲେ। 'ହୋମିଓପ୍ୟାଥିକ ମେଟେରିଆମେଡିକା' ସମେତ ୨୭ ଖଣ୍ଡ ହୋମିଓପ୍ୟାଥିକ ପୁସ୍ତକ ସେ ରଚନା କରିଯାଇଛନ୍ତି। ସାରସ୍ୱତ ସାଧକ ଡ଼ଃ ନାୟକ ରାମାୟଣ, ମହାଭାରତ ଓ ଶ୍ରୀମତ ଭାଗବତ ପ୍ରଭୃତି ପୁରାଣ ଦର୍ଶକଙ୍କୁ ତନ୍ନତନ୍ନ କରି ଅଧ୍ୟୟନ କରିଥିଲେ। ସେ ସବୁର ସାରମର୍ମ ଉପରେ ଆଧାରିତ ୩ ଖଣ୍ଡ ଉପାଦେୟ ପୁସ୍ତକ ସେ ରଚନା କରିଯାଇଛନ୍ତି। ସମାଜସେବୀ ଡ଼ଃ ନାୟକ ସୁଦୂର ମଫସଲ ଗୋପାକପୁରରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଛନ୍ତି। ସରକାରୀ ଅନୁଦାନ ମିଳିବା ପର୍ଯ୍ୟନ୍ତ ନିଜ ପେଟରୁ କାଟି ସେ ସ୍କୁଲକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅସିତିପର ବୟସରେ ମଧ ତାଙ୍କ ରୋଗୀ ସେବା ଜାରି ରହିଥିଲା। ଶେଷରେ କିନ୍ତୁ ସେ ନିଜେ ଦୁରାରୋଗ୍ୟ ନିମୋନିଆରେ ଆକ୍ରାନ୍ତ ହେଲେ। ଅଭିଜ୍ଞ ଡାକ୍ତରଙ୍କ ସତଚେଷ୍ଟା କିନ୍ତୁ ତାଙ୍କୁ ନିମୋନିଆ କବଳରୁ ମୁକୁଳାଇ ପାରିଲାନାହିଁ। ୮୬ ବର୍ଷ ବୟସରେ ୨୦୨୪ ମସିହା ଫେବୃଆରୀ ମାସ ୫ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ତାଙ୍କ ମର ଶରୀର ପଞ୍ଚ ଭୁତରେ ବିଲୀନ ହୋଇଗଲେ ମଧ ତାଙ୍କର ଅମର କୃତି ଜନ ମାନସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଗଲା। ଆଜିଦିନ ୨୫.୧.୨୦୨୫ ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ତାଙ୍କ ଆମର ଆତ୍ମା ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନ୍ ବିପ୍ଲବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳନ ଅବସରରେ ଆଜି ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭୁବନେଶ୍ୱରର ମ୍ୟୁଜିୟମ୍ ଛକସ୍ଥିତ ମହାନ୍ ବିପ୍ଲବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ହୋଇଯାଇଛି । ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭୁବନେଶ୍ୱର ଲକ୍ଷ୍ମଣ ବେହେରା, ଆଚାର୍ଯ୍ୟ ବିହାର ପରିଷଦର ସମ୍ପାଦକ, ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ମହାନ ବିପ୍ଲବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

### ରାଜଭବନରେ ୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ଥାପନା ଦିବସ ପାଳିତ

# ବିବିଧତାରେ ଏକତା ଭାରତର ବିଶେଷତ୍ୱ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଭବନଠାରେ ୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସ୍ଥାପନା ଦିବସ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ରାଜ୍ୟଗୁଡ଼ିକ ହେଲେ ଆସାମ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ତ୍ରିପୁରା, ଉତ୍ତରପ୍ରଦେଶ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ନଗରହାବେଲୀ ଓ ଡ଼ାମନ୍ ଏବଂ ଡିଉ । ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷଙ୍କର ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ



କମ୍ଭମ୍ପାଟି ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି କହିବା ସହିତ ବିବିଧତା ଆମ ଗୌରବ ବୋଲି କହିଥିଲେ । ଏକ ଭାରତ ଶ୍ରେଷ୍ଠ ଭାରତ । ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଣ୍ଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ । ଓଡ଼ିଶାରେ ଶିକ୍ଷାଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ । ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ । ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ତଥା କେନ୍ଦ୍ରଶାସିତ ଅଞ୍ଚଳର ଓଡ଼ିଶାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ବିବିଧତାରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏତଦ୍‌ବ୍ୟତୀତ ଆସାମ ରାଜ୍ୟର ବିହୁ ନୃତ୍ୟ ଦଳ ଏବଂ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଲୋକ ନୃତ୍ୟ ଦଳ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଭିନ୍ନ ରାଜ୍ୟର ବ୍ୟକ୍ତିବିଶେଷ ନିଜ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ସଂସ୍କୃତି, କଳା, ଐତିହ୍ୟ ଏବଂ ମହାନତା ସଂପର୍କରେ ଅବତାରଣା କରିବା ସହିତ ଓଡ଼ିଶା ସହ ସେହି ରାଜ୍ୟମାନଙ୍କର ଅତୁଟ ସଂପର୍କ ଏବଂ ଓଡ଼ିଶା ରାଜ୍ୟର ବିଶେଷତ୍ୱ ସଂପର୍କରେ ନିଜର ଅଭିଜ୍ଞତା ଓ ଉପଲବ୍ଧି ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ଫାଷ୍ଟ ଲେଡି ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ । ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଗଣତନ୍ତ୍ର ଦିବସ ପାଇଁ ଗାନ୍ଧିମାର୍ଗରେ ଫୁଲ୍ ଡ୍ରେସ୍ ରିହର୍‌ସଲ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୬ ତମ ସାଧାରଣତନ୍ତ୍ର ଦିବସ ପାଇଁ ରାଜ୍ୟସ୍ତରୀୟ ପରେଡ୍ ଅଭ୍ୟାସ ହୋଇଛି । ଶୁକ୍ରବାର ଫୁଲ ଡ୍ରେସ ରିହଲସଲ କରିଛନ୍ତି କଣ୍ଟିଜେଣ୍ଟ । ଭୁବନେଶ୍ୱର ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଛି ଫୁଲଡ୍ରେସ ରିହଲସଲ । ଫୁଲ ଡ୍ରେସ ରିହଲସଲରେ ପୋଲିସ ଡିଜି ଅତିଥି ଭାବେ ଯୋଗଦେଇ ପୁରା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଚଳିତ ଥର ପରେଡରେ ନେତୃତ୍ୱ ନେଇଛନ୍ତି ଯୁବ ଆଇପିଏସ ଭୋସଲେ ଶୁଭମ ସଞ୍ଜୟ । ସେ ଏବେ ସମ୍ବଲପୁର ଅତିରିକ୍ତ ଏସପି ଟ୍ରେନିଂ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଏଥର ପରେଡ଼ରେ ୪୩ଟି କଣ୍ଟିଜେଣ୍ଟ ଭାଗ ନେବେ । ପଡୋଶୀ ରାଜ୍ୟ ସହିତ ଉତ୍ତମ ସମନ୍ୱୟ ରକ୍ଷା କରିବା ଲାଗି ଝାଡଖଣ୍ଡ ପୋଲିସ ମଧ୍ୟ ପରେଡରେ ସାମିଲ ହୋଇଛି । ଫୁଲ୍‌ଡ୍ରେସ ରିହରସେଲରେ ପୋଲିସ ଡିଜିଙ୍କଠାରୁ ଅନୁମତି ନେଇ ପରେଡ଼ କମାଣ୍ଡର ପରେଡ଼ ଆରମ୍ଭ କରିଥିଲେ । ୧୨୦ ବାଟାଲିୟନ, ବିଏସଏଫ, ଆଇଟିବିପି, ସିଆରପିଏଫ, ସିଆରପିଏଫ୍ ବ୍ୟାଣ୍ଡ, ଭୁବନେଶ୍ୱର ଏସ୍‌ଏସ୍‌ବିଏନ୍, ଏସ୍‌ଓଜି ଚନ୍ଦକା, ଝାଡ଼ଖଣ୍ଡ ପୋଲିସ, ଓଆଇଏସଏଫ, ଅମର୍ଡ ପୋଲିସ, କମିଶନରେଟ ଟ୍ରାଫିକ୍ ପୋଲିସ, କଟକ ଓଏସଏଫ, ଓଡ୍ରାଫ, ଓଆଇଏସଏଫ, ଫାୟାର, ହୋମଗାର୍ଡ, ସରକାରି ଓ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ମହର୍ଷି ଡେୟାର ଡେଭିଲସ ଟିମ ଭାଗ ନେଇଛନ୍ତି । ଏହା ସହିତ ଓଡିଶା ସ୍କେଟିଂ ଏକାଡେମୀ ଦେଶାତ୍ମକ ସଙ୍ଗୀତରେ ନୃତ୍ୟ, ଆରୀୟନ ରୋୟାଲ ସ୍ପୋର୍ଟସ ଏକାଡ଼େମୀ ଛାତ୍ରଛାତ୍ରୀଙ୍କ ଶିବ ତାଣ୍ଡବ, ରାୟଗଡାର ଢେମସା, କେନ୍ଦୁଝରର ଆଦିବାସୀ ନୃତ୍ୟ, ଘୋଡ଼ନାଚ ଓ ପ୍ରଜ୍ଞାପନ ମେଢ଼ ପରେଡ଼ରେ ସାମିଲ ହୋଇଥିଲେ । ଅନ୍ୟପଟେ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ପରେଡ଼ ଗ୍ରାଉଣ୍ଡ ଅଞ୍ଚଳରେ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ । ପରେଡ଼ ଗ୍ରାଉଣ୍ଡ ସିସିଟିଭି ବଳୟରେ ରହିବ । ଏହା ସହ ବଛା ବଛା ପୋଲିସ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ । ସାଧା ପୋଷାକଧାରୀ ପୋଲିସ, ରୁଫଟପ ସିକ୍ୟୁରିଟି, ଡଗ ସ୍କ୍ୱାର୍ଡ, ବମ ସ୍କ୍ୱାର୍ଡ ଓ ଟ୍ରାଫିକ, ପାର୍କିଂ ନେଇ ବ୍ୟାପକ ପ୍ରସ୍ତୁତି କରଯାଇଛି । ରାଜ୍ୟସ୍ତରିୟ ପରେଡ଼ରେ ମହାମହିମ ରାଜ୍ୟପାଳ ପରେଡ଼ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

## ୮ ବଡ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି: ନିବେଶ ହେବ ୩୨ହଜାର କୋଟି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ହେବ ପୂର୍ବ ଭାରତର ଶ୍ରେଷ୍ଠ ନିବେଶ କ୍ଷେତ୍ର । ରାଜ୍ୟରେ ସୃଷ୍ଟି ହେବ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ । ରାଜ୍ୟରେ ପ୍ରାୟ ୮ଟି ଶିଳ୍ପ ପ୍ରତିଷ୍ଠା ପାଇଁ ୩୨ହଜାର ୭୩୬ କୋଟି ଟଙ୍କାର ପୁଞ୍ଜିନିବେଶକୁ ମଞ୍ଜୁରି ଦିଆଯାଇଛି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଉଚ୍ଚସ୍ତରୀୟ ଅନୁମୋଦନ କମିଟି ଏହିସବୁ ପ୍ରକଳ୍ପକୁ ମଞ୍ଜୁରି କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ, ସମ୍ବଲପୁର ଓ ଭଦ୍ରକରେ ପ୍ରତିଷ୍ଠା କରାଯିବ । ଏହା ଫଳରେ ୧୮,୬୮୮ଜଣ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ସୂଚନାଯୋଗ୍ୟ ଯେ, ରାଜ୍ୟକୁ ଶିଳ୍ପହବ୍ କରିବା ପାଇଁ ମୋହନ ମାଝୀ ସରକାର ଉଦ୍ୟମ ଜାରି ରଖିଛନ୍ତି । ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ଜନତା ମୈଦାନରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଅନୁଷ୍ଠିତ ହେବ ଓ ଏଥିରେ ଦେଶ ବିଦେଶର ବହୁ ପ୍ରତିଷ୍ଠିତ ନିବେଶକାରୀ ସାମିଲ୍ ହେବେ ।

## ଟଙ୍କା ଭର୍ତ୍ତି ଏଟିଏମ୍ ମେସିନ ଲୁଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ କମିଶନରେଟ ପୋଲିସକୁ ଅପରାଧୀଙ୍କୁ ଖୋଲା ଚାଲେଞ୍ଜ । ଟଙ୍କା ଭର୍ତ୍ତି ଏଟିଏମ ମେସିନ ଟେକି ନେଇଗଲେ ଦୁର୍ବୃତ୍ତ । ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ସାମନ୍ତରାପୁର ଶ୍ରୀରାମନଗର ଅଞ୍ଚଳରେ । ଗତକାଲି ବିଳମ୍ବିତ ରାତିରେ ଶ୍ରୀରାମନଗରରେ ଥିବା ଏସବିଆଇ ଏଟିଏମ ମେସିନ ସହ ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଲୁଟ ବେଳର ସିସିଟିଭି ଫଟୋ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରେ ଦୁଇଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଏଟିଏମ୍ ଭିତରେ ପଶିଥିଲେ । ଖବର ପାଇ ସକାଳୁ ସକାଳୁ ପୋଲିସ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଥିଲା । ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ ପରେ ସୁନ୍ଦରପଦା ଜଟଣୀ ରାସ୍ତାରେ ଥିବା ଗଗୁଆ ନାଳରୁ ଭଙ୍ଗାରୁଜା ଅବସ୍ଥାରେ ଏଟିଏମକୁ ଜବତ କରାଯାଇଛି । ଦୁର୍ବୃତ୍ତ ଏଟିଏମ ମେସିନ ଭାଙ୍ଗି ଟଙ୍କା ନେଇଯାଇ ଥିବାବେଳେ ଏଟିଏମ ଫିଙ୍ଗି ଛୁ ମାରିଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମହାରାଷ୍ଟ୍ର ଗଲେ ଓଡ଼ିଶାର ୫୭ କୃଷକ ଉତ୍ପାଦକ ଗୋଷ୍ଠୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରଙ୍କ ୫୭ ଜଣିଆ ପ୍ରତିନିଧୀ ଦଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ମହାରାଷ୍ଟ୍ର ନାସିକସ୍ଥିତ ସହ୍ୟାଦ୍ରୀ ଫାର୍ମରେ ପାଞ୍ଚଦିନିଆ ପ୍ରଶିକ୍ଷଣ ନେବାକୁ ଯାଇଛନ୍ତି । କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ମିଶନ୍ ଶକ୍ତି, ସହିତ ଅନ୍ୟ ୫ଟି ଟିମ୍‌ର କୃଷକ ଉତ୍ପାଦକ ଗୋଷ୍ଠୀ ପ୍ରତିନିଧି ଏଥିରେ ସାମିଲ ଅଛନ୍ତି । ନାସିକସ୍ଥିତ ଏହି ଫାର୍ମ କୌଣସି ସରକାରୀ ସହାୟତା ବିନା ମାତ୍ର ୧୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇ ଆଜିର ସମୟରେ ୨୦୦୦ କୋଟିରୁ ଉର୍ଦ୍ଧ୍ୱର ବାର୍ଷିକ ଆୟ କରୁଛି । ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, ଏଠାରୁ ଯେଉଁ ଜ୍ଞାନକୌଶଳ ସବୁ ଆପଣମାନେ ଶିଖିକରି ଫେରିବେ, ଓଡ଼ିଶା ଯାଇ ତାହାର ଉପଯୋଗ କରନ୍ତୁ । ଓଡ଼ିଶାର କୃଷି ଅର୍ଥନୀତିକୁ ଆହୁରି ସଶକ୍ତ କରିବାରେ ସହଭାଗୀ ହୁଅନ୍ତୁ । ଆହୁରି ମଧ୍ୟ, ଆଗାମୀ ଦିନରେ ଓଡ଼ିଶାରୁ ଅନ୍ୟ କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ କୃଷକଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ଯୋଜନା ରହିଛି । ଏହା ସହ ଅନ୍ୟ ରାଜ୍ୟର କୃଷି ଉଦ୍ୟୋଗୀମାନେ ମଧ୍ୟ ଓଡ଼ିଶା ଆସନ୍ତୁ ଓ ଓଡ଼ିଶାରେ ନିବେଶ କରନ୍ତୁ ବୋଲି ଶ୍ରୀ ସିଂହଦେଓ କହିଥିଲେ । ମହାରାଷ୍ଟ୍ରର କୃଷି ମନ୍ତ୍ରୀ ମାଣିକରାଓ କୋକଟେ ମଧ୍ୟ ଆସି ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ । ଏହି ପ୍ରଶିକ୍ଷଣର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରୁଛନ୍ତି । ଏହି ପରିଦର୍ଶନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହିତ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଳ ପଓ୍ୱନ କଲ୍ୟାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ତଃରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ, ଭୁବନେଶ୍ୱର ପହଞ୍ଚିଲେ ପୂର୍ବୋତ୍ତର ଭାରତର ୨୯ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ (ସିଲ୍) ରେ ପୂର୍ବୋତର ଭାରତର ୨୯ ଛାତ୍ରଛାତ୍ରୀ ଶୁକ୍ରବାର ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି । ସେମାନେ ଗୌହାଟୀରୁ ଟ୍ରେନ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେମାନଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା । ପୂର୍ବୋତ୍ତର ଭାରତର ଏହି ପ୍ରତିନିଧି ଦଳରେ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ମଣିପୁର ଓ ତ୍ରିପୁରା ଓ ସିକିମର ଛାତ୍ରଛାତ୍ରୀ ସାମିଲ ଅଛନ୍ତି । କାର୍ଯ୍ୟକ୍ରମର ସଂଯୋଜକ ଅରିଜିତ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ପ୍ରତ୍ୟେକ ବିଦ୍ୟାର୍ଥୀ ଏକ ଏକ ପରିବାରରେ ଅବସ୍ଥାନ କରୁଛନ୍ତି ।

## ଜାତୀୟ ଶିଶୁକନ୍ୟା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ଶିଶୁ କନ୍ୟା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଜାତୀୟ ଶିଶୁ କନ୍ୟା ଦିବସରେ ଆମେ ପ୍ରତିଟି ଶିଶୁ କନ୍ୟାର ଶକ୍ତି, ସ୍ୱପ୍ନ ଏବଂ ସଫଳତାକୁ ପାଳନ କରିବା । ଆସନ୍ତୁ ଆମେ ଏକ ସୁରକ୍ଷିତ ଦୁନିଆ ନିର୍ମାଣ କରିବା ଯେଉଁଠାରେ ସେମାନେ ସମୃଦ୍ଧି, ଚମକ ଏବଂ ସେମାନଙ୍କର ସର୍ବାଧିକ ସମ୍ଭାବନା ପ୍ରାପ୍ତ କରିପାରିବେ । ବେଟି ବଚାଓ ବେଟି ପଢାଓ ଯୋଜନାରେ ଆମେ ଆମର କନ୍ୟାମାନଙ୍କର ଏକ ଉଜ୍ଜଳ ଓ ସୁସ୍ଥ ଭବିଷ୍ୟତ ପାଇଁ ଶକ୍ତିଶାଳୀ କରିବା, ଶିକ୍ଷା ଦେବା ଏବଂ ସମର୍ଥନ କରିବା ।

## ଅସାଧୁ ରୂପେ ମଦ ବିକିଲେ କାର୍ଯ୍ୟାନୁଷ୍ଠାନ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅସାଧୁ ରୂପେ ମଦ ଅଧିକ ଦାମରେ ବିକ୍ରି କଲେ ଦୃଢକାର୍ଯ୍ୟାନୁଷ୍ଠାନ ହେବ । ଏଭଳି କେସ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ । ସରକାରଙ୍କ ନିର୍ଦ୍ଧାରିତ ମଦ ଦର ଠାରୁ ଏକ ପଇସା ଅଧିକ ନେବା କୌଣସି ଡିଲରଙ୍କ ଅଧିକାର ନାହିଁ ବୋଲି କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କିଛି ଜାଗାରେ ମଦ ଦରବୃଦ୍ଧି ହୋଇଛି, ଏହାସତ୍ତ୍ୱେ ବି ରାଜ୍ୟରେ କିଛି ଅସାଧୁ ବ୍ୟବସାୟୀ ମଦ ଚଢ଼ାଦରରେ ବିକ୍ରି କରୁଛନ୍ତି । ଏଭଳି କିଛି କେସ ଆମ ପାଖକୁ ଆସିଛି । ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦୁଇଟି କେସ ଆମ ପାଖକୁ ଆସିଥିଲା ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଆଗକୁ ଏଭଳି ଘଟଣା ସାମ୍ନାକୁ ଆସିଲେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ପୁଣି ରିମାଣ୍ଡରେ ଆସିବେ ହଂସିତା-ଅନିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ହାଇପ୍ରୋଫାଇଲ ଠକ ଅନିଲ ହଂସିତା ଗିରଫ ମାମଲା । ହଂସିତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିବ ପୋଲିସ । ଆଜି ଜେଏମଏଫସି କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି । ରିମାଣ୍ଡ ସମୟରେ ହଂସିତାଙ୍କ ଯୁବତୀ ଚାଲାଣ ଲିଙ୍କ୍ ଖୋଳିବ ସ୍ପେସାଲ କ୍ରାଇମ ୟୁନିଟ । ଝାଡ଼ଖଣ୍ଡରୁ କଲଗାର୍ଲ ଆଣି କାହାକୁ ଯୋଗାଇଥିଲେ ହଂସିତା, ତାର ଛାନଭିନ କରିବ କମିଶନରେଟ ପୋଲିସ ।


## ପିସିସି ସଭାପତିଙ୍କ ନାମ ଶୀଘ୍ର ଘୋଷଣା କରାଯାଉ: ବିଧାୟିକା ସୋଫିଆ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟର ଦୁଇ ଜାତୀୟ ଦଳ ଭାଜପା ଓ କଂଗ୍ରେସର ସଭାପତି କିଏ ହେବ ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି । ରାଜ୍ୟର ପରବର୍ତ୍ତୀ ବିଜେପି ସଭାପତି କିଏ ହେବା ପ୍ରଶ୍ନ ନିର୍ବାଚନ ପରଠାରୁ ଗତ ୭ ମାସ ହେଲା ଏହି ଚର୍ଚ୍ଚା ଲାଗି ରହିଛି । ଆଉ ଅନ୍ୟପଟେ ପ୍ରାୟ ୮ ମାସ ହେବ ପିସିସି ସଭାପତି ଚୌକି ଫାଙ୍କା । ମାସ ପରେ ମାସ ଗଡ଼ି ଚାଲିଥିବା ବେଳେ ରାଜ୍ୟରେ କଂଗ୍ରେସ ମୁଖିଆ ପଦରେ କାହାକୁ ନିଯୁକ୍ତି ଦିଆଯାଇ ପାରିନାହିଁ । ପିସିସି ସଭାପତି ନାମ ଘୋଷଣାରେ ବହୁତ ବିଳମ୍ବ ହୋଇଗଲାଣି । କଂଗ୍ରେସର ଯାହାକୁ ବି ସଭାପତି କରିବାର ଅଛି ଶୀଘ୍ର ନାମ ଘୋଷଣା କରାଯାଉ ବୋଲି ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋସ ନିଜର ପ୍ରତିକ୍ରିୟା ରଖିଛନ୍ତି । ସଭାପତି ନାମ ଘୋଷଣାକୁ ନେଇ କର୍ମୀଙ୍କ ଠାରୁ ନେତା ଅପେକ୍ଷା କରି ରହିଛନ୍ତି । ଯିଏ ବି ପିସିସି ସଭାପତି ହେବ ତାକୁ ମୋର ସମର୍ଥନ ରହିବ ବୋଲି ସୋଫିଆ କହିଛନ୍ତି । ଏଆଇସିସି ପିସିସିର ସମସ୍ତ କମିଟିକୁ ଭଙ୍ଗ କରିଥିବାରୁ ରାଜ୍ୟରେ କଂଗ୍ରେସ ସଙ୍ଗଠନ ପ୍ରାୟ ସୁପ୍ତ ଓ କିଛି ଦଳୀୟ ନେତା ନିଜ ନିଜ ପ୍ରଚେଷ୍ଟାରେ ସଙ୍ଗଠନ ଚଳାଉଥିବା ଦେଖାଯାଉଛି । ଗତ ଜୁଲାଇ ୨୧ରେ ପିସିସିର ସମସ୍ତ କମିଟିକୁ ଏଆଇସିସି ଭଙ୍ଗ କରିଥିଲା । ୨୦୨୪ ସାଧାରଣ ନିର୍ବାଚନରେ ଆଶାନୁରୂପ ସଫଳତା ମିଳିନଥିବାରୁ ହାଇକମାଣ୍ଡ ଦଳର ସମସ୍ତ ଛାମୁଆ କମିଟି ଭଙ୍ଗ କରିଥିଲେ । ତେବେ ନୂଆ ନେତା ସନ୍ଧାନରେ ଏଆଇସିସି ଦୀର୍ଘ ୭ ମାସ ହେବ କସରତ ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିଷ୍କର୍ଷ ବାହାରି ପାରୁନାହିଁ ।

## ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର: ପ୍ରତାପ ଷଡଙ୍ଗୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବୋଦୟର ବିକାଶରେ ବିକଶିତ ଭାରତ ବର୍ଷ ଗଠନ ସମ୍ଭବ । ଓଡିଶାର ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର ଏବଂ ଏଥି ପାଇଁ ଶାସନ ଦାୟିତ୍ୱ ନେବାର ପ୍ରଥମ ଦିନରୁ କାର୍ଯ୍ୟ କରିଆସୁଛନ୍ତି । ମୋଦିଜୀଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ ଗରୀବ, ଯୁବକ, କୃଷକ ଏବଂ ମହିଳା କଲ୍ୟାଣକାରୀ ଯୋଜନାକୁ ବାସ୍ତବ ଓ ସଫଳ ରୂପାୟନ ଦେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ ଜାରୀ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସାଢେ ଚାରି କୋଟି ଓଡିଆଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଜଣାଇ କାର୍ଯ୍ୟ କରାଯାଉଛି । ଓଡିଶାର ଐତିହ୍ୟ, ସଂସ୍କୃତି, ପରାଂପରା, କଳା, ଭାଷା, ଖାଦ୍ୟ ଆଦିକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ ଜାରୀ ରହିଛି । ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଛି । ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଜୀ ୫ମ ଥର ପାଇଁ ଓଡିଶା ଆସୁଛନ୍ତି । ଓଡିଶାରେ ପ୍ରଥମ ଥର ପାଇଁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀମାନ ଆୟୋଜନ କରାଯାଉଛି । ପୋଲିସ ଡିଜି ସମ୍ମିଳନୀ, ଭାରତୀୟ ନୌସେନା ଦିବସ ପାଳନ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଜରିଆରେ ଓଡିଶାର ମାନ ଓ ସମ୍ମାନ ବିଶ୍ୱସ୍ତରରେ ପହଞ୍ଚି ପାରିଛି । ଶପଥ ଗ୍ରହଣ, ସୁଭଦ୍ରା ଯୋଜନାର ଶୁଭାରମ୍ଭ, ପୋଲିସ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ପରେ ଆସନ୍ତା ୨୮ ତାରିଖ ଦିନ ପୁଣି ଥରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ ବୋଲି ସାଂସଦ ତଥା ବରିଷ୍ଠ ନେତା ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି । ଦିନିକିଆ ଗସ୍ତରେ ଓଡିଶା ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୮ ତାରିଖ ସକାଳ ୧୦ଟାରେ ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇବେ । ଏଥି ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡିଶା ସମ୍ମିଳନୀରେ ଯୋଗ ଦେବେ । ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦେଶ ତଥା ବିଦେଶରୁ ପ୍ରାୟ ୫ ହଜାର ପୁଞ୍ଜି ନିବେଶକାରୀ ପ୍ରତିନିଧି ଯୋଗ ଦେବେ । ଏହି ସମ୍ମିଳନୀ ଜରିଆରେ ଓଡିଶାକୁ ବୃହତ ପରିମାଣର ପୁଞ୍ଜି ନିବେଶ ସମ୍ଭବ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସହାୟକ ହେବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।





ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।
-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।
-ଗୌତମ ବୁଦ୍ଧ




## ଆତ୍ମହତ୍ୟାର ନଗରୀ 'କୋଟା'

# ଅକାଳରେ ଝଡ଼ୁଛି ଅମୂଲ୍ୟ ଜୀବନ

ରାଜସ୍ଥାନର କୋଟା ଏକ ଶିଳ୍ପ ସମୃଦ୍ଧ ନଗରୀ ଏବଂ ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ମାତ୍ର ଗତ କିଛିମାସ ହେଲା ଏକ ଭିନ୍ନକାରଣରୁ ଏହି ସହର ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି, ଆଉ ସେହି କାରଣଟି ହେଉଛି ଏହା ଏବେ ଛାତ୍ରଛାତ୍ରୀଙ୍କ ମୃତ୍ୟୁଯନ୍ତାରେ ପରିଣତ ହୋଇଛି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ 'କୋଟା' ଏକ ପ୍ରସ୍ତୁତି କେନ୍ଦ୍ର ରୂପେ ପରିଚିତ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀମାନେ ଏଠାକୁ ଆସି ପରୀକ୍ଷାର ସମ୍ମୁଖୀନ ହେବାକୁ ତାଲିମ୍ ନେଇଥାନ୍ତି। ମାତ୍ର ଗତ ବର୍ଷକ ଭିତରେ କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବା ଚିନ୍ତାଜନକ ମନେହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ଦୁଇଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାର ଖବର ମିଳିଛି। ସେମାନଙ୍କୁ ମିଶାଇ ଚଳିତ ଜାନୁଆରୀ ମାସରେ ୬ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ବିଦାୟୀ ବର୍ଷ ୨୦୨୪ରେ କୋଟାରେ ୧୭ରୁ ଅଧିକ ଛାତ୍ରଛାତ୍ରୀ ଜୀବନ ହରାଇଥିବା ବେଳେ ୨୦୨୩ ମସିହାରେ ୨୩ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଆସାମରୁ ଆସିଥିବା ପରାଗ୍ ନାମକ ଜଣେ ଛାତ୍ର ବୁଧବାର ସକାଳେ ତାଙ୍କର ମହାବୀର ନଗରସ୍ଥିତ ଘରେ ଆତ୍ମହତ୍ୟା କରିଥିବା ବେଳେ ତା'ର କିଛିଘଣ୍ଟା ପୂର୍ବରୁ ଗୁଜରାଟର ଅହମ୍ମଦାବାଦରୁ ଆସିଥିବା ଜଣେ ମୁସଲିମ୍ ଛାତ୍ରୀ ଗଳାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ମୃତ ଛାତ୍ରୀ ଜଣକ ଜବାହର ନଗରସ୍ଥିତ ଛାତ୍ରୀ ନିବାସରେ ରହି ମେଡିକାଲ ପରୀକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଏହି ମାସରେ ଆତ୍ମହତ୍ୟା କରିଥିବା ୧୯ ବର୍ଷୀୟ ନିରଜ ଓ ୨୦ ବର୍ଷୀୟ ଅଭିଷେକ୍ ଜେ.ଇ.ଇ ପ୍ରବେଶିକା ପରୀକ୍ଷା ଦେବାକୁ ଆଶାୟୀ ଥିବାବେଳେ ୧୮ବର୍ଷୀୟ ଅଭିଜିତ୍ ଡାକ୍ତର ହେବାର ସ୍ୱପ୍ନ ଦେଖି ମେଡିକାଲ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିଲେ। ଅଭିଜିତ୍‌ଙ୍କ ଝୁଲନ୍ତା ମୃତଦେହ ତାଙ୍କ ରହିବା ସ୍ଥାନରୁ ଉଦ୍ଧାର କରାଯାଇଛି। ସେହିପରି ୧୮ବର୍ଷ ବୟସର ମଦନ ଶର୍ମା ମଧ୍ୟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେ.ଇ.ଇ) ଦେବାକୁ ପ୍ରସ୍ତୁତ ହେଉଥିଲେ। ଛାତ୍ରଛାତ୍ରୀଙ୍କ କ୍ରମାଗତ ଆତ୍ମହତ୍ୟାକୁ ନେଇ ସହରରେ ଗଢ଼ି ଉଠିଥିବା କୋଚିଂ ସେଣ୍ଟରଗୁଡ଼ିକ ଉପରେ ପ୍ରଶ୍ନ ଉଠିଛି। ଅତ୍ୟଧିକ ଚାପ ପ୍ରୟୋଗ କରାଯାଉଥିବାରୁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଥିବାର କେତେକ ମହଲରୁ ଅଭିଯୋଗ ହେଉଛି। ଏହି ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ରାଜସ୍ଥାନରେ ରାଜନୀତି ଜୋର ଧରିଥିବା ବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାର ସମ୍ବେଦନଶୀଳ ମନୋଭାବ ପୋଷଣ କରୁନଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ବିଭିନ୍ନ ରାଜ୍ୟରୁ ଏକ ଲକ୍ଷରୁ ଦୁଇଲକ୍ଷ ଛାତ୍ରଛାତ୍ରୀ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ କୋଚିଂ ନିମନ୍ତେ 'କୋଟା'କୁ ଆସିଥାନ୍ତି। ଉଚ୍ଚ ପଦପଦବୀ ଲାଭର ଆଶା ନେଇ ଆସୁଥିବା ଏହି ଛାତ୍ରଛାତ୍ରୀଙ୍କୁ କୋଚିଂ ସେଣ୍ଟରଗୁଡ଼ିକ ନାନା ପ୍ରକାର ପ୍ରଲୋଭନ ଦେଖାଉଛନ୍ତି, ଯାହାଫଳରେ ଏଠାରେ ଶିକ୍ଷା ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଆଗମନ ଯୋଗୁ ସହରର ହଷ୍ଟେଲ ଓ କୋଚିଂ ସେଣ୍ଟର ମାଲେମାଲ୍ ହେଉଛନ୍ତି। ଗତ ୨୦୨୪ ମସିହାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କିଛିଟା ହ୍ରାସ ପାଇଥିଲେ ହେଁ କୋଚିଂ ସେଣ୍ଟରଗୁଡ଼ିକ ସାଢ଼େ ୩ହଜାର କୋଟି ଟଙ୍କା ଆୟ କରିଥିବାର ଜଣାପଡ଼ିଛି। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଯେ ପ୍ରତିବର୍ଷ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଜୀବନ ଅକାଳରେ ଝଡ଼ି ପଡୁଥିବା ସତ୍ତ୍ୱେ ରାଜ୍ୟ ସରକାର ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନାହାନ୍ତି। ଏ କ୍ଷେତ୍ରରେ କେବଳ ଏକ ମାର୍ଗଦର୍ଶିକା ଜାରି କରି ରାଜ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। କୋଚିଂ ସେଣ୍ଟରଗୁଡ଼ିକ ଆଗରେ ସରକାର ହାତଟେକି ବସିଥିବା ଭଳି ମନେହେଉଛି। ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବା ଦିଗରେ ହସ୍ତକ୍ଷେପ କରିବା ଅତ୍ୟନ୍ତ ଜରୁରି ମନେହେଉଛି। ନଚେତ୍ ଆଗାମୀ ଦିନରେ ଆହୁରି ଅନେକ ଅମୂଲ୍ୟ ଜୀବନ ଏଭଳି ଭାବରେ ଅକାଳରେ ଝଡ଼ିଯିବା କିଛି ଅସମ୍ଭବ ନୁହେଁ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ମତଦାନ ଅଧିକାର ଓ ଭୋଟରଙ୍କ ବୟସ




**ମୋହନ ଚରଣ ବିଷି**
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧


ଏକ ନିର୍ଦ୍ଦିଷ୍ଟ ବୟସ ହେଲେ ମତଦାନ ଅଧିକାର ମିଳିଥାଏ। ସେଥିପାଇଁ ନାଗରିକଙ୍କୁ ଅପେକ୍ଷା କରିବାକୁ ପଡିଥାଏ। ସାବାଳକ ଭୋଟର ହେବା ପାଇଁ ମତଦାନ ଯୋଗ୍ୟ ହେବା ଦରକାର। ଜଣେ ଭୋଟର ହିଁ ଦେଶର ଭାଗ୍ୟ ନିର୍ମାଣ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସହର୍ଷ ଯୋଗଦାନ କରିଥାଏ। ଭୋଟରଙ୍କ ବୟସ ସେଥିପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଭାରତରେ ଜାତୀୟ ମତଦାନ ଦିବସ ପ୍ରତିବର୍ଷ ଜାନୁଆରୀ ୨୫ତାରିଖରେ ପାଳନ କରାଯାଏ। ଏହି ତାରିଖରେ ନିର୍ବାଚନ ଆୟୋଗ ଗଠିତ ହୋଇଥିଲା। ପ୍ରଥମ ଥର ୨୫ ଜାନୁଆରୀ ୨୦୧୧ରେ ଜାତୀୟ ମତଦାନ ଦିବସ ପାଳନ ହୋଇଥିଲା। ଭାରତରେ ସାବାଳକ ଭୋଟ ଦାନ ବ୍ୟବସ୍ଥା ପ୍ରଚଳିତ। ବୟସ ପରିବର୍ତ୍ତନ ହେଲାପରେ ସମ୍ବିଧାନ ଧାରା ୩୨୬ରେ ୨୧ ବର୍ଷକୁ ୧୮ ବର୍ଷରେ ପରିବର୍ତ୍ତିତ କରାଗଲା।

ଭାରତର ପ୍ରଥମ ନିର୍ବାଚନ ୨୫ ଅକ୍ଟୋବର ୧୯୫୧ ଠାରୁ ୨୫ ଫେବୃଆରୀ ୧୯୫୨ ମଧ୍ୟରେ ହୋଇଥିଲା। ନିର୍ବାଚନରେ ଭୋଟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଭୋଟର ହିଁ ପ୍ରାର୍ଥୀ ଚୟନ କରିଥାଏ। ଗଣତନ୍ତ୍ର ପ୍ରଚଳନ ହେବା ପରେ ରାଷ୍ଟ୍ରରେ ମତଦାନ ସାବାଳକ ଭୋଟରଙ୍କୁ ଉତ୍ସାହିତ କରିଥାଏ। ବିଶେଷ କରି ଯୁବ ଭୋଟରମାନେ ମତଦାନରେ ଅଂଶଗ୍ରହଣ କରିବା ପାଇଁ ଅଧିକ ଉତ୍ସାହିତ ହୋଇଥାନ୍ତି।

ଆମ ଦେଶରେ ୨୧ବର୍ଷ ହେଲେ ଜଣେ ସାବାଳକ ଭୋଟର ଭାବରେ ମତଦାନ ଅଧିକାର ସାବ୍ୟସ୍ତ କରିପାରୁଥିଲା। ଭୋଟଦାନର ବୟସ ସୀମା ୨୧ରୁ ୧୮ ବୟସକୁ ୬୨ତମ ସମ୍ବିଧାନ ସଂଶୋଧନ ବିଲ୍ ୧୯୮୮ରେ ପରିବର୍ତ୍ତନ ହେଲା। ସେହି ସମୟରୁ ୧୮ ବର୍ଷ ହେଲେ ଜଣେ ଭାରତୀୟ ମତଦାନର ଅଧିକାରୀ ହୋଇପାରିଲା। ବୟସ କମିବା ଦ୍ୱାରା ଅନେକ ଯୁବ ଭୋଟର ମତଦାନରେ ସାମିଲ ହୋଇପାରିଲେ ଓ ନିଜର ଅଧିକାର ସାବ୍ୟସ୍ତ କରିପାରିଲେ।

ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ଯଦି ଦେଖିବା ଭୋଟରଙ୍କ ବୟସକୁ ନେଇ ଭିନ୍ନ ଭିନ୍ନ ମତ ରହିଅଛି। ୟୁନାଇଟେଡ୍ ଆରବ ଏମିରଟରେ ୨୫ ବର୍ଷ ହେଲେ ମତଦାନ କରିପାରିବେ। ୨୧ବର୍ଷରେ ମତଦାନ ଅଧିକାର ଲେବାନନ, ଓମାନ, କୁଏତ, ସୋମା, ଟୋଙ୍ଗା, ସିଙ୍ଗାପୁର। ୨୦ବର୍ଷରେ କେମରନ, ତାଇୱାନ,ବାହାରିନ ଓ ନଉରୁ। ୧୯ ବର୍ଷରେ ସୋଲୋମନ ଆଇସଲ୍ୟାଣ୍ଡ । ୧୮ ବର୍ଷରେ ଭାରତ, ଚୀନ, ଆମେରିକା, ପାକିସ୍ତାନ, ଋଷିଆ, ନାଇଜେରିଆ, ବାଙ୍ଗାଲାଦେଶ, ଇଥିଓପିଆ, ମେକ୍ସିକୋ, ଜାପାନ, ଇଜିପ୍ଟ, ଫିଲିପାଇନ୍ସ, ଇରାନ, ତୁର୍କୀ, ଜର୍ମାନୀ, ଭିଏତନାମ, ଥାଇଲ୍ୟାଣ୍ଡ, ତାଞ୍ଜାନିଆ, ଫ୍ରାନ୍ସ, ଇଟାଲୀ, କେନିୟା, ମିଆମାର, ଦକ୍ଷିଣ କୋରିଆ, ସ୍ପେନ, ଇରାକ୍, କେନିଆ, ପୋଲାଣ୍ଡ, ମୋରୋକ୍କୋ, ୟୁକାରିନ୍, ୟେମେନ, ମାଲେସିଆ, ଘାନା, ପେରୁ, ସାଉଦି ଆରବ, ନେପାଳ, ଅଷ୍ଟ୍ରେଲିଆ, ସିରିଆ, ଶ୍ରୀଲଙ୍କା, ନାଇଜେରିଆ, ଭେନିଜୁଆଲା, ଚିଲି, ରୋମାନିଆ, ସୋମାଲିଆ, ବେଲଜିଅମ, ଜୋରଡାନ, ହଙ୍ଗେରୀ, ବେଲାରଷ, ସ୍ୱିଜରଲ୍ୟାଣ୍ଡ, ଡେନମାର୍କ ପ୍ରଭୃତି ରାଷ୍ଟ୍ର। ୧୭ବର୍ଷରେ ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଗ୍ରୀସ୍, ଟିମର ଲିଷ୍ଟ, ବ୍ରାଜିଲ ଇତ୍ୟାଦି। ୧୬ବର୍ଷରେ ଆର୍ଜେଣ୍ଟିନା, ଉକ୍ୟାଡୋର, କ୍ୟୁବା, ଅଷ୍ଟ୍ରିଆ, ନୀକାରଗୁଆ, ମାଲଦା, ଜର୍ସି, ଗୁରେନ୍ସି, ଇସଲେ ଅଫମେନ୍ ପ୍ରଭୃତି ରାଷ୍ଟ୍ର । ୧୬ ବର୍ଷ ହେଉଛି ସବୁଠାରୁ କମ୍ ବୟସରୁ ଭୋଟଦାନ କ୍ଷମତା।

ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ଯଦି ଦେଖିବା ଅଧିକାଂଶ ୧୮ ବୟସକୁ ଭୋଟଦାନର ବୟସ ଭାବରେ ଗ୍ରହଣ କରିଛନ୍ତି। ଏହାର ବିଭିନ୍ନ କାରଣ ହେଇପାରେ। ପ୍ରାୟତଃ ସ୍ନାତକ ଶିକ୍ଷା ସମାପ୍ତି ପରେ ମତଦାନ ଅଧିକାର ପାଇଲେ ଜଣେ ନାଗରିକ ପ୍ରାର୍ଥୀ ଚୟନରେ ପରିପକ୍ୱତା ହାସଲ କରିଥାଏ। କମ୍ ବୟସରେ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ଅଧିକ ବୟସ ନାଗରିକମାନଙ୍କୁ ଅଧିକାରରୁ ବଞ୍ଚିତ କରିଥାଏ। ତେଣୁ ବୟସ ଏମିତି ହେବା କଥା ଯେମିତି ଅନେକ ଯୁବ ବର୍ଗ ସାମିଲ ହେଇ ପାରୁଥିବେ। ଯୁବ ବର୍ଗ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଧିକରୁ ଅଧିକ ସାମିଲ ହେଲେ ମତାଦାନ ବ୍ୟବସ୍ଥା ସଶକ୍ତ ଓ ଅଧିକ ଲୋକାଭିମୁଖୀ ହୋଇଥାଏ।

ଭାରତରେ ସେଥିପାଇଁ ୨୧ରୁ ୧୮ ବର୍ଷକୁ ପରିବର୍ତ୍ତନ କରାଯାଇ ଅଧିକ ଯୁବପିଢ଼ିଙ୍କୁ ମତଦାନରେ ସାମିଲ କରାଗଲା। ପ୍ରତିବର୍ଷ ଭୋଟର ତାଲିକା ସଂଶୋଧନ କରି ନୂଆ ଭୋଟରଙ୍କୁ ସାମିଲ କରାଯାଏ। ନୂଆ ଭୋଟରମାନେ ନିଜ ନାମ ପଞ୍ଜିକରଣ କରିବା ପାଇଁ ସହଜ ଓ ସୁବିଧା ବ୍ୟବସ୍ଥା କରାଯାଏ। ଯେମିତି ଅଧିକ ଯୁବ ଭୋଟର ନାମ ପଞ୍ଜିକରଣ କରିବେ ସେଥିପାଇଁ ସରକାରଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ। ଭାରତରେ ପ୍ରତିବର୍ଷ ନୂଆ ଭୋଟର ସାମିଲ ହେବା ସହ ନିର୍ବାଚନ ରେ ଭାଗ ନେଇଥାନ୍ତି। ବାସ୍ତବିକ୍ ଯୁବ ଭୋଟର ପ୍ରଥମ ଥର ନିର୍ବାଚନ ବ୍ୟବସ୍ଥାରେ ସାମିଲ ହେବା ଯେତିକି ଆନନ୍ଦ ଦେଇଥାଏ, ସେତିକି ଭୋଟର ସଚେତନ ମଧ୍ୟ ହୋଇଥାଏ।

"ଭୋଟ ପରି କିଛି ଆଉ ନାହଁ, ଭୋଟ ନିଶ୍ଚିୟ ଦେବା" ଏହା ହେଉଛି ଚଳିତ ବର୍ଷର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା। ସମସ୍ତ ସବାଳାକ ଭୋଟର ଦେଶର ନିର୍ବାଚନ ପ୍ରକ୍ରିୟାରେ ଭାଗନେବା ଉଚିତ। ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସବ୍ୟସ୍ତଶୀଳ କରିବା ପାଇଁ ନିଜର ବହୁମୂଲ୍ୟ ମତାଦାନକୁ ବ୍ୟବହାର କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ସମର୍ଥନ ଓ ଚୟନ କରିବା । ଯଦି ଆମେ ଉପଯୁକ୍ତ ନେତୃତ୍ୱକୁ ଚୟନ କରିବା ତେବେ ଦେଶ ପ୍ରଗତିରେ ସହାୟକ ହୋଇପାରିବେ। ଆସନ୍ତୁ ଯେଉଁମାନଙ୍କର ୧୮ବର୍ଷ ହେଇଛି ଭୋଟର ତାଲିକାରେ ପଞ୍ଜିକରଣ କରି ଦେଶର ସର୍ବବୃହତ ବ୍ୟବସ୍ଥା ନିର୍ବାଚନରେ ସାମିଲ ହେବା।

# ଷଟ୍‌ତିଳା ଏକାଦଶୀ




**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦


ଭଗବାନ କୃଷ୍ଣ ଯୁଧିଷ୍ଠିରଙ୍କୁ କହିବା ଅନୁଯାୟୀ ମାଘ ମାସ କୃଷ୍ଣ ପକ୍ଷ ଏକାଦଶୀର ନାମ ଷଟ୍‌ତିଳା ଏକାଦଶୀ। ଏହି ଏକାଦଶୀର ନିୟମ ଅନୁଯାୟୀ ଦଶମୀ ଓ ଦ୍ୱାଦଶୀରେ ହବିଷ ଭୋଜନ କରି ଏକାଦଶୀ ଦିନ ଉପବାସ ରହି ବ୍ରତି ଜାଗର ବ୍ରତ ପାଳନ କରନ୍ତି। ଷଟ୍‌ତିଳା ଏକାଦଶୀ କହିବା ଅର୍ଥରେ ଏହା ଛଅଟି କଥାକୁ ବୁଝାଏ - ୧. ତିଳରେ ସ୍ନାନ (ରାଶି), ୨. ତିଳରେ ଶରୀର ଲେପନ, ୩. ତିଳରେ ହବନ (ଅଗ୍ନି-ହୋମ), ୪. ତିଳାଂଜଳି (ରାଶି ସହିତ ଠାକୁରଙ୍କର ଚରଣୋଦକ), ୫. ତିଳର ଭୋଜନ ଏବଂ ୬. ତିଳର ଦାନ। ଏହା ହିଁ ଷଟ୍‌ତିଳା। ଏହାର ମହାତ୍ମ୍ୟ ପୁଲ୍ୟସ୍ତ ଋଷି, ଦାଲଭ୍ୟଙ୍କୁ ଶୁଣାଇ ଥିଲେ ଏବଂ ଏହା ଶୁଣି ନାରଦ ଭଗବାନ କୃଷ୍ଣଙ୍କୁ କହିଥିଲେ। ଏହି ବ୍ରତ ଦ୍ୱାରା ଗୋ ହତ୍ୟା, ବ୍ରହ୍ମ ହତ୍ୟା ଏବଂ ଅନ୍ୟାନ୍ୟ ମହାପାପ ତଥା ବ୍ରହ୍ମଶାପରୁ ମୁକ୍ତି ମିଳେ। ଏହାକୁ ନେଇ ବର୍ଣ୍ଣିତ କାହାଣୀଟିର ରୂପରେଖ ଏହିପରି।

ଗୋଟିଏ ବ୍ରାହ୍ମଣୀ ଥିଲା। ସେ ଚାନ୍ଦ୍ରାୟଣ ଇତ୍ୟାଦି ବ୍ରତ କରୁଥିଲା। ବ୍ରତ କରି କରି କ୍ରମଶଃ ସେ ଦୁର୍ବଳ ହୋଇଗଲା। ବ୍ରତର ପ୍ରଭାବରୁ ଏହାର ମଧ୍ୟ ସମସ୍ତ ପାପ ନଷ୍ଟ ହୋଇଗଲେ। ବିଷ୍ଣୁ କହିଲେ ସେତେବେଳେ ମୁଁ ବିଚାର କଲି ଯେ ଏବେ ଏହାର ମରଣ ସମୟ ଆସିଗଲା। ଅବଶ୍ୟ ସେ ସ୍ୱର୍ଗ ଯିବ, କିନ୍ତୁ ଖାଲି ହାତରେ ଯିବ। ତେଣୁ ମୁଁ ଯାଇ ତାକୁ କିଛି ଦାନ ମାଗିବି। ଯଦି ସେ ଯଥାର୍ଥ ଦାନ ମୋତେ ଦିଏ ତା'ହେଲେ ତାକୁ ଅବଶ୍ୟ ବୈକୁଣ୍ଠପୁର ପ୍ରାପ୍ତି ହେବ। ତେଣୁ ନାରାୟଣ ବୈକୁଣ୍ଠପୁରୀ ତ୍ୟାଗ କରି ମୃତ୍ୟୁ ଲୋକକୁ ଆସିଲେ। ସେ କପିଳଙ୍କ ସଦୃଶ ଛୋଟା ବାମନ ବ୍ରାହ୍ମଣ ରୂପରେ ବ୍ରାହ୍ମଣୀ ଦ୍ୱାରରେ ଉପସ୍ଥିତ ହୋଇ ଭିକ୍ଷା ମାଗିଲେ। ବିଚରା ବ୍ରାହ୍ମଣୀ ତାଙ୍କ ଭିକ୍ଷା ଥାଳଟି କଚାଡ଼ି ଦେଇ ମୁଠାଏ ମାଟି ପିଣ୍ଡ ଦେଲା। ନାରାୟଣ ନିଜ ବୈକୁଣ୍ଠ ପୁରୀକୁ ଫେରି ଆସିଲେ। କିଛିଦିନ ପରେ ବ୍ରାହ୍ମଣୀ ଦେହ ତ୍ୟାଗ କଲା ଏବଂ ତା' ବ୍ରତର ପ୍ରଭାବରୁ ସ୍ୱର୍ଗ ବି ଗଲା। ସେଠାରେ ପହଞ୍ଚି ଦେଖିଲା ଯେ ତା' ପାଇଁ ଉଦ୍ଦିଷ୍ଟ ବାସଟି ମଧ୍ୟ ମାଟି ପିଣ୍ଡ। ଅନ୍ୟ କୌଣସି ବସ୍ତୁ ସେ ଘରେ ନାହିଁ। ଖାଲି ଖାଁ ଖାଁ ଏବଂ ଶୂନ୍ୟ ଶୂନ୍ୟ। ତା'ର ଏପରି ହତାସିଆ ଘରକୁ ଦେଖି ସେ ବିଷ୍ଣୁଙ୍କର ଶରଣ ଗଲା ଏବଂ କହିଲା ମୁଁ ତ ସବୁପ୍ରକାରର ବ୍ରତ କରିଛି, ଆପଣ ଏସବୁର ଫଳ ଦାତା, ଏହାକୁ ନିଷ୍ଫଳ କଲେ କିଆଁ? ଏଥିକୁ ଶ୍ରୀ ନାରାୟଣ ଉତ୍ତର ଦେଲେ ଯେ ସେ କରିଥିବା ବ୍ରତ ମାନେ ତାକୁ ସ୍ୱର୍ଗକୁ ନେଇ ଆସିଲେ। କଥାରେ କହିଲା ପରି ଯାହା ଦେଇ, ତାହା ପାଇ ନ୍ୟାୟରେ ତୁମେ ମୃତ୍ୟୁ ଲୋକରେ ହାତ ବଢ଼ାଇ ଯାହା ଦେଇଛ, ତା' ଏଠି ପାଇଲ। ବ୍ରାହ୍ମଣୀ ଉତ୍ତରରେ କହିଲା ତା'ହେଲେ ମୋର ଏ ଦାରିଦ୍ର୍ୟ କିପରି କଟିବ ପ୍ରଭୁ? ଶ୍ରୀନାରାୟଣ କହିଲେ ଯେ ଗୋଟିଏ ଘରକୁ ନୂଆ ବୋହୂଟିଏ ଆସିଲେ ଯେମିତି, ତା'ମୁହଁ ଦେଖିବା ପାଇଁ ଅନେକଙ୍କ ଭିଡ଼ ହୁଏ, ସେମିତି ତୁମକୁ ଦେଖିବା ପାଇଁ ଅନେକ ଦେବଂଗନା (ଅପ୍‌ସରୀ) ଦେଖିବାକୁ ଆସିବେ। ତୁମେ ଦ୍ୱାର ବନ୍ଦ କରି ରଖିବ। ସେମାନେ ଦ୍ୱାର ଖୋଲିବାକୁ କହିଲେ, ତୁମେ ତାଙ୍କୁ ପ୍ରଥମେ କହିବ ଯେ ସେମାନେ ତୁମକୁ ଆଗ ଷଟ୍‌ତିଳା ଏକାଦଶୀ ମହାତ୍ମ୍ୟ ଶୁଣାନ୍ତୁ। ତାହା ତୁମ ଦୁଃଖରୁ ତୁମକୁ ମୁକ୍ତି ପାଇଁ ଶୁଣିବା ନିହାତି ଆବଶ୍ୟକ।

ଏଥର ସେ ବ୍ରାହ୍ମଣୀ ନିଜ ଘରକୁ ଗଲା। ତା' ଦ୍ୱାର ବନ୍ଦ କଲା। ଏହା ପରେ ପରେ ଦେବ କନ୍ୟାମାନେ ତା' ଦର୍ଶନ ପାଇଁ ଆସିଲେ ଏବଂ ଦୁଆର ଖୋଲି ତା' ମୁଖ ଦର୍ଶନ ଦେବାକୁ କହିଲେ। ବ୍ରାହ୍ମଣୀ ଏଥିକୁ କହିଲା ପ୍ରଥମେ ମୋତେ ଷଟ୍‌ତିଳା ଏକାଦଶୀର ମହାତ୍ମ୍ୟ ଶୁଣାଅ। ତେଣୁ ଦେବ ନାରୀମାନେ ସେ କହାଣୀ ଶୁଣାଇଲେ ଏବଂ କହିଲେ ଯେ ବିଗିଡ଼ି ଯାଇଥିବା ଭାଗ୍ୟ ସମ୍ଭାଳିବାରେ ଷଟ୍‌ତିଳା ଏକାଦଶୀ ହିଁ ଏକମାତ୍ର ଆଧେୟ। ଏହା ଏମିତି ଏକ ଏକାଦଶୀ ଯାହା ଗୋ ହତ୍ୟା, ବ୍ରହ୍ମ ହତ୍ୟା ଇତ୍ୟାଦି ମହାପାପ କରିଥିବା ବ୍ୟକ୍ତିକୁ ମୁକ୍ତି କରିଦିଏ। ଯେମିତି ସେ ବ୍ରାହ୍ମଣୀ ଏହା ଶୁଣି ସାରି ଦ୍ୱାର ଖୋଲି ଦେଇଛି, ତାର ସେ ବାସଗୃହଟି ନନ୍ଦନ ବନର ବିଭୂତିରେ ପରିପୂର୍ଣ୍ଣ ହୋଇଗଲା। କୁହାଯାଏ ଯେ ଏହି ବ୍ରତରେ ଏକ ତିଳ ଦାନ କରି ମଧ୍ୟ ଲୋକେ ହଜାର ବର୍ଷ ପର୍ଯ୍ୟନ୍ତ ସ୍ୱର୍ଗ ପ୍ରାପ୍ତି ହୁଅନ୍ତି। ହଜାରେ ତପ, ଜପ, ପୂଜା ଏବଂ ପାର୍ବଣରେ କଥା ନଥାଏ। ଦାନ-ଧର୍ମ ହିଁ ଆତୁର ପ୍ରତି ଯାହାର କର୍ତ୍ତବ୍ୟ ତାହା ହିଁ ଶ୍ରେଷ୍ଠ ଧର୍ମ। ସେହିପରି କେତେକ ନିଷେଧାଜ୍ଞ ଗୋ ହତ୍ୟା, ବ୍ରହ୍ମହତ୍ୟା, ନାରୀ ହତ୍ୟା ଇତ୍ୟାଦି ଶୃଙ୍ଖଳିତ ସମାଜ ପାଇଁ ନିହାତି ଆବଶ୍ୟକ ହେତୁ ଏହା ବର୍ଜନୀୟ ବୋଲି ଷଟ୍‌ତିଳା ଏକାଦଶୀ କହେ। ତେବେ ତିଳକୁ ନେଇ ଦାନ, ଧର୍ମ ଏବଂ ଭକ୍ଷଣ ଇତ୍ୟାଦିକୁ ନେଇ ଯାହା କୁହାଯାଇଛି ଏହା ରାଶିର ମଣିଷ ଜୀବନ ଏବଂ ବିଶେଷକରି ଶରୀର ପ୍ରତି ଆବଶ୍ୟକତା ବୋଲି ଗୁରୁତ୍ୱ ଦିଆଯାଇଛି। ଏହି ସବୁ କେତୋଟି କାରଣରୁ ଷଟ୍‌ତିଳା ଏକାଦଶୀ ପାଳନୀୟ।

# ଏ ପଥର କଥାକହେ-୨




**ମାୟାଧର ନାୟକ**
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩


ଦିନେ ଅଯୋଧ୍ୟାର ଯୁବରାଜ ଶ୍ରୀରାମଚନ୍ଦ୍ରଙ୍କ ପାଦସ୍ପର୍ଶରେ ଅଦ୍ଭୁତ ଘଟଣା ଘଟିଥିଲା। ଅଗନାଗ୍ନି ବନସ୍ତର ଖଣ୍ଡେ ପଥର ହଠାତ୍ ପରିଣତ ହୋଇଉଠିଲା ରକ୍ତମାଂସର ଦିବ୍ୟରୂପସୀ ରୂପରେ। ସେ ଅହଲ୍ୟା। ଅଭିଶପ୍ତା ଋଷିପତ୍ନୀ। ନାରୀ ହେବା ପାଇଁ ସେ ପଥରଖଣ୍ଡିକର ଅପେକ୍ଷାରେ ଥିଲା କେତେ ଯୁଗ, କେତେ କାଳ, କେତେ ମନ୍ୱନ୍ତର ?-କେଜାଣି ? ମୋର କିନ୍ତୁ ଏବେ ବି ବିଶ୍ୱାସ ଯେ ଏଇ ପଥର ଭିତରେ ଅଛି ସୂକ୍ଷ୍ମଜୀବନୀସତାର ଗୁପ୍ତତତ୍ତ୍ୱ। ହୁଏତ ଏହା ବି ସଂଭବ, ସୁଦୂରତମ ମହାଭବିଷ୍ୟକାଳକୁ ଏ ସୃଷ୍ଟି ଦିନେ ଅଙ୍ଗେ ନିଭାଇବ ଏକ ଅଭୂତପୂର୍ବ କାୟାକଳ୍ପର କୁହୁକ - ଯେଉଁଦିନ ପଥରମାନେ ପରିବର୍ତ୍ତିତ ହୋଇସାରିଥିବେ ଧ୍ୟାନମୁଦ୍ରାରେ ଆସୀନ ଗୋଟିଏ ଗୋଟିଏ ଅଲୌକିକ ମହାପ୍ରାଣୀରେ। ସେମାନେ ସେଦିନ ଉନ୍ମୋଚନ କରିବେ ମହାଜୀବନର ରହସ୍ୟ... ଜ୍ଞାନ ଓ ବିଜ୍ଞାନର ଅପହଞ୍ଚ ସ୍ତରରେ ଲୁକ୍କାୟିତ ପ୍ରଜ୍ଞାନର ପ୍ରଭାମଣ୍ଡଳ... ରୂପାନ୍ତର ପ୍ରକ୍ରିୟାମୁଖୀ ମୃତ୍ୟୁରହିତ ଜୀବନର ମହାସତ୍ୟ। ଜଡ଼ ଲାଭ କରିବ ଜୀବନ - ଯେମିତି ବିବର୍ତ୍ତନର ବୈଚିତ୍ର୍ୟରେ ଜେଲିମୀନରୁ ମଣିଷର କ୍ରମପରିଣାମ।

ପୁରାଣ କଥା ଯେତେ ପୁରୁଣା, ପଥର କଥା ତା'ଠୁ କାହିଁ କେତେଗୁଣା ପୁରୁଣା। ସେଇ ଶ୍ରୀରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧି ଲଙ୍କା ବିଜୟ କରିବାକୁ ପଣ କଲାବେଳେ କ'ଣ କରାଯିବ ଭାବିଲାବେଳକୁ ବୁଦ୍ଧିବାଟ ଦିଶିନଥିଲା ତାଙ୍କୁ। ସେ ଯୁଗରେ ସମୁଦ୍ରରେ ସେତୁବନ୍ଧ ପ୍ରତିଷ୍ଠା କରିବା କେବଳ ସମ୍ଭବପର ହୋଇପାରିଥିଲା - ଆମେ ପଥରମାନେ ଯେତେବେଳେ ପ୍ରସ୍ତୁତ ହେଲୁ ଭାସମାନ ଭୂମିକାରେ ଥାଇ ପିଠି ପାତିଦେବୁ। ପାଣିରେ ନ ବୁଡ଼ି ଆମେ ପତାଇଦେଲୁ ପିଠିଟିମାନ ଆମର - ଆଉ ତା' ଉପରେ ଅସୁରସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କରି ଲଙ୍କା ଅଭିମୁଖେ ଆଗେଇଚାଲିଲେ ସମ୍ମିଳିତ ନର ବାନର। ଏକ ଲକ୍ଷ୍ୟରେ ଏଇ ମହାସଂଗଠିତ ଐକ୍ୟ ଆଗରେ ଭୂଲୁଣ୍ଠିତ ହେଲା ବିଶାଳ ଆସୁରିକ ଅପଶକ୍ତି।

ମୁନିମନୀଷୀ, ଋଷିମହର୍ଷିମାନେ ପୁରାଣରୁ ପୋଥିପତ୍ର ଯାଏଁ କେତେ କଥାର ନଥା ଛାଡ଼ିଯାଇ ନାହାନ୍ତି ! ନା କଥା ବୁଝିଛି ନା ନଥା ବୁଝିଛି ମଣିଷ ? ସେ ବୁଝିଛି କେବଳ ଜୟପରାଜୟର ବିବରଣୀ - ହତ୍ୟା, ଲୁଣ୍ଠନ, ବର୍ବରତାର ବୃତ୍ତାନ୍ତ। ମାତ୍ର ଦୁଃସହ ଦୁଃଖରେ ମଣିଷ ବି କେମିତି ପଥର ହୋଇଯାଏ, ସେ କଥା ବୁଝିଛି କି ?

ପ୍ରାଚୀନ ଲୋକଗଳ୍ପରେ ଅଛି ଏଇ କଥାଟି।

ଦୁଇ ସଂଗାତ ସେମାନେ। ରଜାପୁଅ, ମନ୍ତ୍ରୀପୁଅ। ଦିନେ ବାଟବଣା ହେଇ ଘୋର ବନସ୍ତରେ ଗୋଟିଏ ଗଛମୂଳେ ରାତି କାଟିଲେ ଦୁହେଁ। ରଜାପୁଅ ଶୋଇଥାଏ, ମନ୍ତ୍ରୀପୁଅ ଜଗିଥାଏ। ଗଛଡ଼ାଳରେ କଥାବାର୍ତ୍ତା ହେଉଥାନ୍ତି ଦୁଇ ଚଢ଼େଇ। ଗୋଟିଏ କହୁଥାଏ ଆରଗୋଟିକୁ - ଏ ଗଛମୂଳରେ ଆଜି ଯେଉଁ ରଜାପୁଅଟି ଶୋଇଛି, କାଲି ସୂର୍ଯ୍ୟ ବୁଡ଼ିବା ଆଗରୁ ତା'ର ମରଣ ନିଶ୍ଚିତ।

ଆର ଚଢେଇଟି ପଚାରିଛି - ଏ ମରଣରୁ ତରିବା ପାଇଁ କ'ଣ କିଛି ଉପାୟ ନାହିଁ।

ପୂର୍ବ ଚଢେଇ କହିଛି - ଅଛି ଯେ, ହେଲେ ବିପଦ ଅଛି।

ଆର ଚଢେଇ - କି ବିପଦ ?

ତହୁଁ ପୂର୍ବ ଚଢେଇ ଉପାୟମାନ ବତାଇଦେଲା ପରେ ଚେତାଇ ଦେଇଛି - ଏ ଉପାୟ ଜାଣି ଯିଏ ରଜାପୁଅକୁ ଉଦ୍ଧାର କରିବ, ସିଏ ଏସବୁ କଥା କିନ୍ତୁ ଗୁପ୍ତ ରଖିବ। ଯଦି ଗୁପ୍ତକଥା ପ୍ରଘଟ କଲା, ତା'ହେଲେ ଜାଣ ସେ ପାଦରୁ ମୁଣ୍ଡଯାଏଁ ପଥର ହେଇଗଲା - ଅର୍ଥାତ୍ ବଞ୍ଚି ଥାଉଥାଉ ମଲା। ଆର ଚଢେଇକୁ ରଜାପୁଅ କିପରି ମରଣଦାଢ଼ରୁ ବର୍ତ୍ତିପାରିବ, ତା'ର ଗୁପ୍ତଭେଦ କହିଦେଇ ସାରିବା ପରେ ବି ପୂର୍ବଚଢେଇଟି ଅତି ଦୁଃଖରେ କହିଲା - ଆମ ଚଢେଇଙ୍କ ଭାଷା କିଏ ବୁଝିବ ଯେ ରଜାପୁଅକୁ ବଞ୍ଚାଇପାରିବ ? ହେଲେ ମନ୍ତ୍ରୀପୁଅକୁ ମାଲୁମ୍ ଥିଲା ଚଢେଇମାନଙ୍କ ଭାଷା।

ସକାଳ ହେଲା। ମନ୍ତ୍ରୀପୁଅ ରଜାପୁଅକୁ ଉଠାଇ ରାଜ୍ୟ ଆଡ଼କୁ ବାଟ କଢ଼ାଇଲା। ବାଟରେ ଯେତେ ବିପଦଆପଦ, ରଜାପୁଅର ଜୀବନ ପ୍ରତି ଯେତେ ମହାବିପତି ଉପୁଜିଲେ ବି ସବୁକୁ ମନ୍ତ୍ରୀପୁଅ ଚଢେଇ କହିଥିବା ଗୁପ୍ତଭେଦ ଅନୁସାରେ ଗୋଟାକ ପରେ ଗୋଟାଏ ଟାଳିଦେବାରେ ସଫଳ ହେଲା। ରଜାପୁଅ ଏକାବେଳକେ ତାଟକା। ସେ ସନ୍ଦେହ କଲା ଯେ ମନ୍ତ୍ରୀପୁଅ ଆଗରୁ ଜାଣିଲା ପରି କେମିତି ଏ ବିଘ୍ନବିପତିରୁ ତାକୁ ଉଦ୍ଧାର କରିଦେଉଛି ?ସେ ଗୁଡ଼େଇତୁଡ଼େଇ ମନ୍ତ୍ରୀପୁଅକୁ ପ୍ରଶ୍ନ କଲା। ମନ୍ତ୍ରୀପୁଅ ଉତ୍ତର ଦେବାକୁ ନାମଙ୍ଗ ହେବାରୁ ତା'ର ସନ୍ଦେହ ଆହୁରି ବଢ଼ିଲା। ଶେଷରେ ବାଧ ହୋଇ ମନ୍ତ୍ରୀପୁଅ କହିଲା: ସଂଗାତ, ଇଏ ଗୁପ୍ତଭେଦ। ଯାକୁ ପ୍ରଘଟ କଲେ ମୁଁ ପାଦରୁ ମଥାଯାଏଁ ପଥର ହେଇଯିବି। ରଜାପୁଅ ହସିହସି କଥାଟାକୁ ଉଡେଇ ଦେଇ ତାକୁ ଅବିଶ୍ୱାସ କରିବାକୁ ଆରମ୍ଭ କଲା। ମନ୍ତ୍ରୀପୁଅ ବିଚରା ଦୁଃଖରେ କଳା ପଡ଼ିଗଲା ସଂଗାତର ଅବିଶ୍ୱାସ ଅନୁଭବ କରି। ବାଧ ହୋଇ ସେ ଗୁପ୍ତଭେଦ ରହସ୍ୟ ବୃତ୍ତାନ୍ତ ବଖାଣୁ ବଖାଣୁ ପାଦରୁ ବେକଯାଏଁ ପଥର ହେଇଆସିଲାବେଳକୁ ରଜାପୁଅର ଚେତା ପଶିଲା। ବନ୍ଧୁର ଏ ଅବସ୍ଥା ଦେଖି ସେ ଭୋ ଭୋ କାନ୍ଦି ପକାଇଲା...।

ମୁଁ ଏ ଲୋକଗଳ୍ପଟିର ଶେଷଭାଗ ଜାଣିଶୁଣି କହୁନି। ଯେଉଁଠି ମନ୍ତ୍ରୀପୁଅ ପଥର ହେଇଗଲା, ସେଇଠି ମୋ ବକ୍ତବ୍ୟ ସାରୁଛି। ତମ ମଣିଷମାନଙ୍କୁ କେବଳ ଚେତାଇଦେଉଛି - ତମେସବୁ ସନ୍ଦେହୀ ରଜାପୁଅର ଅୟସଭରା ଜୀବନ ବଞ୍ଚିବାକୁ ଚାହୁଁଚ, ମାତ୍ର ତମ ଚାରିପଟର ବନ୍ଧୁପରିଜନମାନଙ୍କ କୁଶଳ କଥା କେବେହେଲେ ଚିନ୍ତୁନାହଁ - ତାଙ୍କୁସବୁ ପର ମଣି, ପରତେ ନ ଯାଇ ପଥର ହେବାର ବାଟରେ ଛାଡ଼ିଦେଇ ଚାଲିଯିବାକୁ ଦ୍ୱିଧାବୋଧ କରୁନାହଁ ତିଳାର୍ଦ୍ଧେ। ହଁ, ମୁଁ ଆଜି କହିବି ଯେ ଏମିତି ମଣିଷ ରୂପରେ ଅମଣିଷ ହେବା ଅପେକ୍ଷା ପଥର ହେବା ବରଂ ଶତଗୁଣେ ଶ୍ରେୟସ୍କର।

ହେ ଆତ୍ମକୈନ୍ଦ୍ରିକ ବସ୍ତୁଲୋଭୀ ମଣିଷ, ନିଜ ସଭ୍ୟତାର ଇତିହାସକୁ ଅନା। ଯେତେବେଳେ ସଭ୍ୟତାର ସମୟ ଆସି ନଥିଲା, ସେତେବେଳେ ତମେସବୁ ରହୁଥିଲ ଘନ ଅନ୍ଧକାର ଯୁଗରେ - ସେ ଯୁଗ ଥିଲା ପ୍ରାଗୈତିହାସିକ ଯୁଗ। ଜଙ୍ଗଲରେ ଫଳମୂଳ ଖାଇ ବଞ୍ଚୁଥିଲ। ଯେଉଁଦିନ ତମେମାନେ ଜାଣିଗଲ ନିଆଁର ରହସ୍ୟ, ସେଇଦିନ ସଭ୍ୟତା ଅନୁଭବ କଲା ଆଲୋକର ସତ୍ୟତା। ଚକ୍‌ମକ ପଥରକୁ ଘଷି ଛୋଟପିଲାଟିଏ ଖେଳୁଖେଳୁ ନିଆଁର ଛିଟିକା ବାହାରିଲା। ସେ ଦୃଶ୍ୟ ଦେଖିଦେଇ ବଡ଼ମଣିଷଗୁଡ଼ାକ ଖୁସିରେ କୁରୁଳି ଉଠିଥିଲେ ସେଦିନ। ସେଦିନ ସେମାନେ ଜାଣିଗଲେ ନିଆଁ ଜଳାଇବାର କୌଶଳ।

ଏଇ ନିଆଁ ବଳରେ ସେମାନେ ଡରାଇରଖିଲେ ବଡ଼ବଡ଼ ଜଙ୍ଗଲି ଜାନୁଆର୍‌ଙ୍କୁ। କୁତ୍ରା, ଠେକୁଆ, ହରିଣ, ସମ୍ବର, ବାର୍‌ହା ମାରି ସେମାନଙ୍କ ମାଂସଖଣ୍ଡକୁ ପୋଡ଼ି ଖାଇବାର ସ୍ୱାଦ ଶିଖିଗଲେ। ସେତେବେଳେ ସବୁଆଡ଼ ଖାଲି ଅନ୍ଧାର ନଥିଲା, ବରାବର ବର୍ଷା ଆଉ ଶୀତ ଲାଗିରହୁଥିଲା - ଗୁମ୍ଫା, ଗିରିଗୁହାବାସୀ ମଣିଷ ଗୋଟାଏ ଗୋଟାଏ ବଡ଼ ପଥରଖଣ୍ଡକୁ କବାଟ ପରି ମଧ୍ୟ କ୍ରମେ ବ୍ୟବହାର କଲେ। ପଥରର ଶେଯ, ତକିଆରେ ଶୋଇଲେ। ପଦାରେ ତାଳପତ୍ରରେ ନିଆଁ ଲଗାଇ ଅଣ୍ଡାରୁ ବର୍ତ୍ତିଲେ।

ନିଆଁ ଆସିଲା, ଅନ୍ଧାର ଗଲା, ସଭ୍ୟତା ଆରମ୍ଭ ହେଲା। ପଥରକୁ ହତିଆର କରାଯିବା ପରେ ତମେ ମଣିଷମାନେ ଖାଲି ଜୀବଜନ୍ତୁକୁ ଶିକାର କଲନାହିଁ, ନିଜନିଜ ଭିତରେ କନ୍ଦଳ ଆରମ୍ଭ କରିଦେଲ- ସ୍ୱାର୍ଥ ପାଇଁ ନିଜ ଭାଇବିରାଦରମାନଙ୍କୁ ବି ହତ୍ୟା କରିବାକୁ ପଛାଇଲ ନାହିଁ। ବାଇବେଲ୍‌ରେ ପଢ଼ିବ ତୁମ ପ୍ରଥମ ପାପର ଫର୍ଦ୍ଦ। ଯେଉଁଦିନ ଭାଇ ହତ୍ୟା କଲା ଭାଇକୁ, ସେଇଦିନି ପ୍ରଥମ ପାପର ପ୍ରବେଶ। ତା'ପରେ ତ ତୁମ ସଭ୍ୟତାର ସୁଦୀର୍ଘ ଶୋଭାଯାତ୍ରା - ଦଳବଳ ଧରି ଗୋଷ୍ଠୀ ଗଢ଼ିଲ, ବାହିନୀ ଗଢିଲ, ଗୋତ୍ର ଓ ବଂଶ ବିସ୍ତାରିଲ, ଦେଶେଦେଶେ ରାଜ୍ୟସାମ୍ରାଜ୍ୟର ଧ୍ୱଜ ଉତ୍ତୋଳନ କଲ। ବହୁ ପ୍ରଜା, ଏକ ରଜା - ଅନେକ ପୋଇଲି, ଜଣେ ପାଟରାଣୀ - ଗଣସମାଜର କବର ଉପରେ ପ୍ରତିଷ୍ଠିତ ହେଲା ରାଜତନ୍ତ୍ର। ରଜା-ରଜା ଭିତରେ ଲଢେଇରେ ତୁମ ଇତିହାସ ରକ୍ତାକ୍ତ। କିଏ କାହାର ସୁନ୍ଦରୀ ରାଣୀ ଉପରେ ଆଖି ପକାଇଲାଣି ତ ଆଉ କିଏ ଅନ୍ୟର ସଞ୍ଚିତ ଧନରତ୍ନ, ମୋତିମାଣିକ୍ୟମଣି ଉପରେ ଲାଖି ଗଲାଣି - ତାପରେ ରାଜ୍ୟବିସ୍ତାର - ସାମ୍ରାଜ୍ୟ ସ୍ଥାପନ। ହାତୀର ଖୋଜଚିହ୍ନ, ଘୋଡ଼ାର ଖୁରାଚିହ୍ନ ଆଉ ପଦାତିର ପଦଚିହ୍ନରେ ପାଂଶୁଳ ତୁମ ଇତିହାସର ଅକ୍ଷର। ତୁମେ ସେ ଇତିହାସ ପଢ଼ି ଗର୍ବ ଅନୁଭବ କରିଥାଅ, ପରବର୍ତ୍ତୀ ପିଢ଼ି ପାଇଁ ଛାଡ଼ିଯାଇଥାଅ ବିରଳ ବୀରତ୍ୱର ବିସ୍ତାରିତ ବିବରଣୀ; ମାତ୍ର ତୁମ ଇତିହାସର ଆରପଟେ ଯେଉଁ ବିଭୀଷିକା, ବିପର୍ଯ୍ୟୟ, ବ୍ୟଥାବେଦନାର ଆର୍ତ୍ତନାଦ-ବାଦବିସମ୍ବାଦ-ନିର୍ଦ୍ଦୟ ନିପୀଡ଼ନ ଓ ନିର୍ଯ୍ୟାତନାର ନିରବଚ୍ଛିନ୍ନ ନିନାଦ-ରକ୍ତପାତ ଓ ଅଶ୍ରୁପାତର ସକରୁଣ ସ୍ୱରଶବ୍ଦ- ତା' କ'ଣ କେବେ ହୃଦୟଙ୍ଗମ କରିଛ ? ଦେଶଦେଶାନ୍ତରବ୍ୟାପୀ ଦାରୁଣ ଯୁଦ୍ଧର ଦୁଂଦୁଭିନାଦ ମଧ୍ୟରେ ହଜିଯାଇଛି ଯୁଗଯୁଗାନ୍ତର ଦୁଃଖ, ଦୀର୍ଘଶ୍ୱାସ ! ଏଇ ତୁମ ସଭ୍ୟତା - ବୀଭତ୍ସ ବର୍ବରତା। ମାତ୍ର ମନେରଖ, ତୁମ ସଭ୍ୟତାର ପ୍ରଥମ ଦୁଇଟି ପର୍ଯ୍ୟାୟ ଆମ ପଥରମାନଙ୍କୁ ନେଇ ଚିହ୍ନିତ - ପ୍ରାଚୀନ ପ୍ରସ୍ତରଯୁଗ ଓ ନୂତନ ପ୍ରସ୍ତର ଯୁଗ।

ଆମେ ପଥରମାନେ ସବୁ ଦେଖିଛୁ, ସବୁ ସହିଛୁ। ତୁମ ସଭ୍ୟତାରେ ପ୍ରଥମେ ଦେଖିଥିଲୁ ମାତୃପ୍ରଧାନ ସମାଜର ଚେହେରା। ସେ ସମାଜରେ ନାରୀ ଥିଲା ନେତ୍ରୀ। ନାରୀର ପରିଚୟରେ ଚିହ୍ନଟ ହେଉଥିଲା ଗଣ - ଗୋତ୍ର - କୁଳ। ତୁମ ମଣିଷ ସମାଜର ପୁରୁଷମାନଙ୍କ ଦେହ ସହିଲା ନାହିଁ। ସେମାନେ ନାରୀର ସର୍ବବିଧ ସହାୟତା ଓ ସାହଚର୍ଯ୍ୟ ପାଇ ସୁଦ୍ଧା ଅନ୍ତଃକରଣରେ କେବେହେଲେ ନାରୀର ମୁକ୍ତ ପଦକ୍ଷେପ, ସ୍ୱାଧୀନତା ପ୍ରତି ସମର୍ଥନ ଦେଉ ନଥିଲେ। ସେମାନେ ଭୁଲିଗଲେ ଯେ ପୃଥିବୀର ପ୍ରଥମ ଶସ୍ୟବୀଜର ଆବିଷ୍କର୍ତ୍ତ୍ରୀ ହେଉଛି ନାରୀ। ମଞ୍ଜିଟିରୁ ଗଛ ହୁଏ - ଏ ସତ୍ୟ ପୁରୁଷକୁ ପ୍ରଥମେ କହିଛି ନାରୀ। ସୁନାରୁପା, ହୀରାନୀଳା ଠୁ କାହିଁ କେତେ ଦରକାରୀ ଫଳମୂଳ, ପନିପରିବା - ସ୍ୱର୍ଣ୍ଣକଣାଠାରୁ କେତେ ମହାର୍ଘ ଶସ୍ୟକଣା - ଏଇ ମହାଚେତନାର ମନ୍ତ୍ରଦାତ୍ରୀ ସେ। ସମାଜ ପ୍ରତି ତାର ଦାନ, ଅବଦାନ, ଅନୁଦାନ ଅତୁଳନୀୟ। ସମାଜ ଯେତେବେଳେ ସ୍ଥିର ନଥିଲା, ଖୋଦ୍ ନିଜର ଓ ନିଜ ପାଳିତ ପଶୁପକ୍ଷୀଙ୍କ ଖାଦ୍ୟ ସନ୍ଧାନରେ ଯାଯାବର ପରି ଘୂରି ବୁଲୁଥିଲା ଏ କ୍ଷେତ୍ରରୁ ସେ କ୍ଷେତ୍ର, ଏ ଅରଣ୍ୟରୁ ସେ ଅରଣ୍ୟ, ଏ ହ୍ରଦ-ଗିରିପର୍ବତରୁ ସେ କନ୍ଦର - ସେତେବେଳେ ତାକୁ ତା'ର ଚାରଣଭୂମିର କ୍ଳେଶକର ଅନୁସନ୍ଧାନ ଅଭିଯାନରୁ ନିବୃତ୍ତ କରାଇ କୃଷିଭିତ୍ତିକ ସଂସ୍କୃତି ଆଡ଼କୁ ମାର୍ଗ ଦେଖାଇଲା ନାରୀ। ମଣିଷ ଘର କଲା, ନଦୀକୂଳର ଉପକଣ୍ଠରେ, ଅବବାହିକାରେ ବସତି ବିସ୍ତାରିଲା, ବସତି ପରେ ସମ୍ପତି ସଞ୍ଚୟ ଦିଗରେ ଧ୍ୟାନ ଦେଲା। ଏଇଠି ଆସିଲା ସ୍ୱାର୍ଥୀ ମନୋଭାବ।

ସମ୍ପତି ଉପରେ ମାଲିକାନାକୁ ନେଇ ଉଠିଥିବା ପ୍ରଶ୍ନରୁ ପରିବାର ସୃଷ୍ଟି ହେଲା। ନାରୀକୁ ବି ସମ୍ପତି ଦୃଷ୍ଟିରେ ଦେଖିଲା ପୁରୁଷ। ପୂର୍ଣ୍ଣଚ୍ଛେଦ ପଡ଼ିଗଲା ଦୀର୍ଘକାଳର ମାତୃପ୍ରଧାନ ସମାଜର ମାଙ୍ଗଳିକ ସଂସ୍କୃତିରେ। ମୁଣ୍ଡ ଟେକିଲା ପିତୃପ୍ରଧାନ ସମାଜ - ଦଳ, ଗୋଷ୍ଠୀ, ବଂଶ। ପୁରୁଷ ହେଲା କର୍ତ୍ତା। ନାରୀ ହେଲା ତା'ର ସେବାଦାସୀ। ପତିକୁ ପରମେଶ୍ୱର ମଣିବାକୁ ମଣିଷ ଶିଖାଇଲା ତାକୁ। ପଥର ହେଇଗଲା ନାରୀ - ରକ୍ତମାଂସର ପଥର !

ବେଶି କ'ଣ କହିବି ଆଉ ? ସାଧୁବାଦ ଦେବି ସେଇ ସ୍ୱଳ୍ପସଂଖ୍ୟକ ସୃଜନବିଭୋର ମଣିଷମାନଙ୍କୁ, ଯେଉଁମାନେ ଶିଳ୍ପୀ, ଭାସ୍କର, ସ୍ଥପତି, ବିନ୍ଧାଣି, କାରିଗର, କବି। ସେମାନେ ଧ୍ୱଂସରେ ବିଶ୍ୱାସ ନକରି ସର୍ଜନାରେ ମନପ୍ରାଣଚୈତନ୍ୟ ସମର୍ପି ଦେଇଛନ୍ତି - ଯୁଗେଯୁଗେ ସେମାନଙ୍କ ସଂଖ୍ୟା ସ୍ୱଳ୍ପ। ମାତ୍ର ସେଇ ମୁଷ୍ଟିମେୟର ଦଳ ହିଁ କାଳକାଳ ପାଇଁ ରଖିଯାଇଛନ୍ତି କଳା ଓ କୀର୍ତ୍ତିର ମହାନ ସଭ୍ୟତା। କୃଷି ଓ କୃଷ୍ଟିର ସମନ୍ୱୟରେ ଯେଉଁ ସଂସ୍କୃତି - ସେଇ ସଂସ୍କୃତିର ଶତଦଳ ଫୁଟାଇଛନ୍ତି ଏମାନେ ଯୁଗେଯୁଗେ, କାଳେକାଳେ। ଆଜି ବି ପରମ ବିସ୍ମୟ ସେମାନଙ୍କ ଶିଳ୍ପକଳା - ଆଧୁନିକ ମଣିଷ ଆଖିରେ। ତୁମେ ପ୍ରକୃତରେ କୃତାର୍ଥ ମଣିପାର ନିଜକୁ - ଏଇ ମୁଷ୍ଟିମେୟ ମଣିଷର କଳା ଓ କୀର୍ତ୍ତି ଦର୍ଶନ କରି। ରହସ୍ୟମୟ ମାୟାସଭ୍ୟତା ତୁମକୁ ଯେଉଁ ଉତ୍ତୁଙ୍ଗ ପ୍ରସ୍ତରମାଳାର ଅଦ୍ଭୁତ ଦୃଶ୍ୟ ଦେଖାଏ, କଳନା କରିପାରିବ ସେ କଳ୍ପନାତୀତ ବାସ୍ତବତାର ରହସ୍ୟ ? ମିଶରର ପିରାମିଡ୍ ଆଜି ବି ପଥର ପିଣ୍ଡରେ ପରମ ବିସ୍ମୟ। ଦେଖ ପୁଣି ପ୍ରାଚୀନ ଗ୍ରୀସ୍‌ର ଭାବୋଦ୍ଦୀପକ ଭାସ୍କର୍ଯ୍ୟ, ଚୀନ୍‌ର ସୁଦୀର୍ଘ ପ୍ରାଚୀର, ଦେଶବିଦେଶର ଦୁରତିକ୍ରମ୍ୟ ଦୁର୍ଗଶିଖର। ସବୁଠି ଆମ ପଥରମାନଙ୍କର ଭିନ୍ନ ଭିନ୍ନ ଭୂମିକାରେ ବିଚିତ୍ର ବର୍ଣ୍ଣାଢ୍ୟତା। ପ୍ରାଚୀନ ସଭ୍ୟତାର ସ୍ମୃତିଲିପି ସଂରକ୍ଷିତ ହୋଇରହିଛି ସୁରମ୍ୟ ଶିଳାଖଣ୍ଡଗୁଡ଼ିକରେ। ଶିଳାସ୍ତମ୍ଭରେ ସ୍ମାରକିତ ହୋଇଛି କେତେ କମ୍ର କମକୁଟି। ମନ୍ଦିର, ମସ୍‌ଜିଦ୍, ଗିର୍ଜା, ପାଗୋଡ଼ା - ସବୁ ଧର୍ମପୀଠର ଭିତି ଓ ଭୂତି ପଥର - ସୋପାନରୁ ଶିଖରଦେଶ ପର୍ଯ୍ୟନ୍ତ ସବୁ ପଥର - ତୁମେ ପୂଜୁଥିବା ଶାଳଗ୍ରାମ ବି ପଥର - ଲକ୍ଷ୍ୟ କର। ମାତ୍ର କଠିନ ପଥରକୁ ଫୁଲ କରିଦେବାର କଳା ଯଦି କେହି ଦେଖାଇଥାନ୍ତି, ତା'ହେଲେ ସେମାନେ ଏ ଦେଶର ଦୁଃସ୍ଥଦୁର୍ଗତ ଶିଳ୍ପୀକୁଳ। ଯାଅ ଦେଖିବ ଅଜନ୍ତା, ଏଲୋରା, ଖଜୁରାହୋ, କୋଣାର୍କ - ପରମ ବିସ୍ମୟରେ ନିଜେ ବି ପାଲଟିଯାଇପାର ପଥର !

ଏବେ କିନ୍ତୁ ମଣିଷର ଆଖିରେ ଲାଳସାର ଲାଲ୍‌ରଙ୍ଗ। ଲାଭଖୋର୍ ଲୋଭୀମଣିଷ ପଥରକୁ ତା' ତରାଜୁର ପଲା ଉପରେ ଥୋଇ ଓଜନ କରୁଛି। ଅନ୍ୟ ଗ୍ରହରେ ଜୀବଜଗତର ସ୍ଥିତି ସନ୍ଧାନ ପାଇଁ ତା'ର ମହାକାଶ ଅଭିଯାନ ଜାରି ରହିଛି - ଏଲିଏନ୍ ହେଉ କି ଉଡ଼ନ୍ତା ଥାଳିଆ ହେଉ, କେତେ କ'ଣ କାହାଣୀକୁ ନେଇ ରୂପେଲି ପରଦାରେ ରଙ୍ଗ ସୃଷ୍ଟି କରୁଛି - ଅନ୍ୟ ଗ୍ରହରେ ଜଳ ଅଛି କି ନାହିଁ ଖୋଜି ବୁଲୁଛି। ତା' ନିଜ ଗ୍ରହର ଉପଗ୍ରହରେ ଅର୍ଥାତ୍ ଚନ୍ଦ୍ରରେ ଏଯାବତ୍ ଚାଲିଛନ୍ତି ୧୨ଜଣ ମହାକାଶଚାରୀ। ସେଠାରେ ପାଣି ମିଳି ନଥିଲେ ବି ବୈଜ୍ଞାନିକ ପରୀକ୍ଷାରୁ ବରଫ ପ୍ରସ୍ତୁତ ହେଉଥିବା ତଥ୍ୟ ସୂଚାଇ ଦିଆଯାଇଛି। ଚନ୍ଦ୍ରରୁ ପାଣି ଟୋପିଏ ସିନା ମିଳିନି, ମାତ୍ର ଆପୋଲୋ ଅଭିଯାନରେ ସଂଗ୍ରହ କରାଯାଇଛି ୨୧୯୬ ଖଣ୍ଡ ପଥର! ସେ ପଥରଖଣ୍ଡଗୁଡ଼ିକୁ ଏକାଠି ମିଶାଇଦେଲେ ତା'ର ସର୍ବମୋଟ ଓଜନ ୩୮୨ କିଲୋଗ୍ରାମ। ତୁମ ମଣିଷମାନଙ୍କର ମତଲବ ହେଉଛି ଖାଲି ତଉଲିବା। ଏପରିକି ସରଳ ନିରୀହ ଭାଗ୍ୟବାଦୀ ମଣିଷମାନଙ୍କୁ ଭଣ୍ଡେଇବା ପାଇଁ କିଛି ଧୂର୍ତ୍ତ ମଣିଷ ନିଜକୁ ଭବିଷ୍ୟଭାଷୀ ଭାଗ୍ୟ ପରିବର୍ତ୍ତନକାରୀ ଜ୍ୟୋତିଷୀ ଆସନରେ ବସାଇ 'ଗ୍ରହପଥର' ନାଆଁରେ ଗୁଡ଼ିଏ ରଙ୍ଗିଲା ପଥର ବିକି ବିତ୍ତଶାଳୀ ହେବାରେ ଲାଗି ପଡ଼ିଛନ୍ତି। ଏମିତି ମୁନାଫାଖୋର୍ ମଣିଷଙ୍କ ହାତରେ ପଡ଼ି ଜଣେ ନିରୀହ ମଣିଷକୁ ପ୍ରତାରିତ କରିବାର ପ୍ରକ୍ରିୟାରେ ପରୋକ୍ଷ ଭାବରେ ସାମିଲ୍ ହେଲାବେଳେ ସୁଦ୍ଧା ଆମେ ପଥରମାନେ କ'ଣ କମ୍ ଲଜ୍ଜିତ ହୋଇନଥାଉ ?



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶୁକ୍ରବାର ୧୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ସକାଳେ ଗ୍ରାମ ତଥା ଆଖପାଖ ଗ୍ରାମର ମହିଳା ମାନେ ଜଗତୀ ମହାନଦୀ ଘାଟକୁ ଯାଇ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା କରି କଳସରେ ଜଳ ଭର୍ତ୍ତି କରି ଏକ ଶୋଭାଯାତ୍ରାରେ ୩ କିଲୋମିଟର ରାସ୍ତା ଅତିକ୍ରମ କରି ନାରାୟଣ ନଗର ଗ୍ରାମରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଓ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କ ସହ ଶ୍ରୀ ପ୍ରଧାନ ମୃଦଙ୍ଗ ବଜାଉଥିବା ବେଳେ ଶ୍ରୀ ରଥ ଗିନି ବଜାଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଯଜ୍ଞ ମଣ୍ଡପ ନିକଟରେ କଳସ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିକ ମେହେର, ହରି ମେହେର, କୁବେର ମେହେର, ଧର୍ମୁଧର ମେହେର, ଲକ୍ଷ୍ମଣ ମେହେର, ଝରିଆ ମେହେର, ପୁରନ୍ଦର ମେହେର, ଶଙ୍କର ମେହେର, ପ୍ରମୋଦ ମେହେର, ଶୁକୁ ମେହେର, ଚତୁରୁ ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜା କାର୍ଯ୍ୟ ଅଜିତ ପାଣିଗ୍ରାହୀ ଓ ରାମଚନ୍ଦ୍ର ପାଣିଗ୍ରାହୀ ସମ୍ପନ୍ନ କରିଥିଲେ। ସୁରେଶ ପାଣିଗ୍ରାହୀ, କୁମୁଦ ପାଣିଗ୍ରାହୀ, ନୀଳକଣ୍ଠ ପାଣିଗ୍ରାହୀ, ସିଦ୍ଧେଶ୍ୱର ପଣ୍ଡା, ରିଙ୍କୁ ପଣ୍ଡା, ଜିତେନ୍ଦ୍ର ହୋତା, ପ୍ରଦୀପ ପାଢ଼ୀ, ରାଜୀବ ପାଢ଼ୀ, କୃଷ୍ଣ ଶତପଥୀ, ଶ୍ରୀକାନ୍ତ ମହାପାତ୍ର, ଶିବ ହୋତା, ସନ୍ତୋଷ ହୋତା ପ୍ରମୁଖ ସହଯୋଗ କରିଥିଲେ। ନାରାୟଣ ନଗର ଗ୍ରାମରେ ନବ ନିର୍ମିତ ଯୁଗ୍ମ ମନ୍ଦିର ପ୍ରତିଷ୍ଠା ପାଇଁ ୧୧ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ ହୋଇଛି ।

# ଜିଲ୍ଲାପାଳଙ୍କ ଅଫିସକୁ ଧସେଇ ପଶିଲେ ହଜାର ହଜାର ମିଶନ ଶକ୍ତି ମହିଳା



ବାରିପଦା(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ମିଶନ ଶକ୍ତି ପୁନର୍ଗଠନ ପାଇଁ ନିଷ୍ପତି ନେଇଥିବା ବେଳେ ଆଜି ଏହାକୁ ବିରୋଧ କରି ମୟୁରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଇସି ମେମ୍ବର ମାନେ ମୟୁରଭଞ୍ଜ ମିଶନଶକ୍ତି ଇସି ମହାସଙ୍ଘର ଚେୟାରପର୍ସନ ବିଷ୍ଣୁ ପ୍ରିୟା ଦାସ, କାର୍ଯ୍ୟକାରୀ ସଭାନେତ୍ରୀ ଲୀଳାବତୀ ମହାନ୍ତ, ସମ୍ପାଦିକା ରଶ୍ମିତା ମହାକୁଡ଼, ସଂଗଠନ ସମ୍ପାଦିକା ଚିତ୍ରାସ୍ମିତା ପୁଟି ପ୍ରମୁଖଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ମହିଳା ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଜିଲ୍ଲାପାଳ ମନ୍ତ୍ରୀଙ୍କ ଜନଶୁଣାଣିରେ ଶୂଳିଆପଦା ଯାଇଥିବାରୁ ମହିଳାମାନେ ଦାବିପତ୍ର ପ୍ରଦାନ ପାଇଁ ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ହଜାର ହଜାର ସଂଖ୍ୟାରେ ଜିଲ୍ଲାପାଳଙ୍କ ଅଫିସ ଭିତରେ ଧସେଇ ପଶିଥିଲେ। ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଆନ୍ଦୋଳନରତ ମହିଳାଙ୍କ ନିକଟକୁ ଆସି ତାଙ୍କର ଦାବିପତ୍ର ଗ୍ରହଣ କରିଥିଲେ। ତେବେ ହଜାର ହଜାର ସଂଖ୍ୟାରେ ମହିଳା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବସିରହି ଥିବାରୁ ଦୀର୍ଘସମୟ ଧରି ବାରିପଦା କଚେରୀ ରୋଡ଼ ମୁଖ୍ୟ ରାସ୍ତା ବନ୍ଦ ହୋଇ ରହିବାରୁ ସାଧାରଣ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଅଭିଯୋଗ ମୁତାବକ ବିଗତ ୫ବର୍ଷ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାକୁ ମିଶନ ଶକ୍ତି ବିଭାଗ ପକ୍ଷରୁ ୧୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସିଥିଲା। ମାତ୍ର ବିଜେପିର ନୂଆ ସରକାର ଗଠନ ହେବାର ୭ ମାସ ବିତିଯାଇଥିଲେ ମଧ ଜିଲ୍ଲା ମିଶନ୍ ଶକ୍ତି ବିଭାଗକୁ ଟଙ୍କାଟିଏ ବି ଅନୁଦାନ ଆସିନାହିଁ ବୋଲି ଅଭିଯୋଗ ଆଣିଛନ୍ତି ବିକ୍ଷୋଭରତ ମହିଳା, ଯାହା ନିଶ୍ଚିତ ଏହି ବିଭାଗକୁ ବନ୍ଦ ଅବା ପୁନର୍ଗଠନ କରାଯିବ ବୋଲି ରାଜ୍ୟ ସରକାର ଯୋଜନା କରୁଛନ୍ତି। ଯାହାକୁ ନେଇ ବାରିପଦାରେ ପ୍ରାୟ ୬ହଜାରରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ଇସି ମେମ୍ବର ମାନେ ଜୋରଦାର ବିକ୍ଷୋଭ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମିଶନ ଶକ୍ତି ପୁନର୍ଗଠନ କରିବାକୁ ବିରୋଧ ଓ ସ୍ଥାୟୀ ନିଯୁକ୍ତି ଦାବିରେ ୬ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ପ୍ରମୁଖ ଦାବୀ ଗୁଡିକ ମଧ୍ୟରେ, ମିଶନ ଶକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମାସିକ ବେତନ ପ୍ରଦାନ, ମୁଣ୍ଡ ପିଛା ହାରରେ ଭତ୍ତା ପ୍ରଦାନ, ସହରାଞ୍ଚଳ କାର୍ଯ୍ୟରତଙ୍କୁ ମାସିକ ଭତ୍ତା ସୁନିଶ୍ଚିତ କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ମିଶନ ଶକ୍ତି ସଦସ୍ୟାଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ, ବୀମା ସୁବିଧା, ୬୫ବର୍ଷ ପରେ ପେନସନ ପ୍ରଦାନ, ଦୁର୍ଘଟଣା ବୀମା ସହ ମୃତ୍ୟ କାଳୀନ ସହାୟତା ୫ ଲକ୍ଷ ଟଙ୍କା ପ୍ରଦାନ ଇତ୍ୟାଦି ଦାବି ଉପସ୍ଥାପନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୪୦ ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇଥିବା ବେଳେ ୪ ଲକ୍ଷ ୪୨ ହଜାର ମହିଳା ପଞ୍ଜୀକୃତ ହୋଇଛନ୍ତି। ଗ୍ରାମ୍ୟସ୍ତରରେ ସିଏଲଏଫ, ଜିପିଏଲଏଫ, ବିଏଲଏଫ ଏବଂ ଡିଏଲଏଫ ଗଠନ କରାଯାଇ ସଦସ୍ୟାଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ବର୍ଷକ ତଳେ ସ୍ୱୟଂ ସହାୟିକା ମହିଳାଙ୍କ ପାଇଁ ମିଶନଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଥିଲା, ଏହି ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବ୍ୟାଙ୍କମିତ୍ର, କମ୍ୟୁନିଟି ରିସୋର୍ସ ପର୍ସନ, ମାଷ୍ଟର ବୁକ୍ କିପର, ପ୍ରାଣୀ ମିତ୍ର, କୃଷି ମିତ୍ର, ଜିପିଏଲଏଫ, ବିଏଲଏଫ ଏବଂ ଡିଏଲଏଫର ନେତ୍ରୀ ମାନଙ୍କୁ ସ୍କୁଟି କିଣିବା ନିମନ୍ତେ ସରକାର ବ୍ୟାଙ୍କ ଜରିଆରେ ୧ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରି ଆସୁଥିଲେ, କିନ୍ତୁ ନୂଆସରକାର ତାହାକୁ ଏବେ ବନ୍ଦ କରିଦେଇଛନ୍ତି। ଯାହାକୁ ବିରୋଧ କରି ଏହି ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା କୁହାଯାଇଛି।

# ସୀମାନ୍ତରେ ୯ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁରରେ ୯ ମାଓବାଦୀଙ୍କ ଆତ୍ମସମର୍ପଣ। ସୂଚନା ଅନୁଯାୟୀ ଛତିଶଗଡର ଆତ୍ମସମର୍ପଣ ନୀତି ଦ୍ୱାରା ପ୍ରଭାବିତ ହୋଇ ବିଗତ ଦିନରେ କ୍ରମାଗତ ଭାବେ ଅନେକ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆତ୍ମସମର୍ପଣ କରିଥିବା ବେଳେ ଶୁକ୍ରବାର ପୁଣି ୯ ମାଓବାଦୀ ନାରାୟଣପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଯେଉଁଥିରେ ମାଓ ସଙ୍ଗଠନର ଡିକେଏମଏସର ଜଣେ ସଭାପତି ଏବଂ ଜଣେ ଉପାଧ୍ୟକ୍ଷ ଓ ୭ ମିଲିସିଆ ସଦସ୍ୟ ରହିଛନ୍ତି। ଆତ୍ମସମର୍ପଣ କାରୀ ମାଓବାଦୀ ମାନେ ହେଲେ ସନ୍ତୁ ଭଡ୍ଡା, ମାସା ଭଡ୍ଡା, ପୁନାଉ ରାମ ଭଡ୍ଡା, ରମେଶ ଭଡ୍ଡା, ଅଜୟ ଧ୍ରୁବ, ସୁଦିଲ କୁମେଟି, ଅନିଲ ଭଡ୍ଡା, କରଭେ ଭଡ୍ଡା ଏବଂ ଆୟତୁ ଉସେଣ୍ଡି। ନାରାୟଣପୁର ଅଞ୍ଚଳରେ ଏହି ଆତ୍ମସମର୍ପଣ କାରୀ ମାଓବାଦୀ ମାନେ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ମାଓ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଇ ନିଜର ନୀତି ଆଦର୍ଶ ହରାଇଥିବା ସହ ପୋଲିସ ପକ୍ଷରୁ କଡା ତଲାସି ଅଭିଯାନ ଓ ମାଓ ଦମନ ରଣନୀତି ଯୋଗୁଁ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିବା ପରେ ପ୍ରୋତ୍ସାହନ ସ୍ୱରୂପ ସମସ୍ତଙ୍କୁ ୨୫ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଅଥଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରେନ୍‌ରୁ ପଡ଼ି ଯୁବକ ମୃତ

ବାଲୁଗାଁ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନରେ ଏକ ଅଘଟଣ ଘଟଣା ଘଟିଛି। ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଖବର ହସ୍ତଗତ ହୋଇଛି। ଶୁକ୍ରବାର ସକାଳେ ବାଲୁଗାଁ ରେଳଷ୍ଟେସନ ୨ ନଂ ପ୍ଲାଟଫର୍ମରେ ପ୍ରଶାନ୍ତି ଏକ୍ସପ୍ରେସ ଛାଡିବା ସମୟରେ ଜଣେ ଯୁବକ ଟ୍ରେନ୍‌ରୁ ଖସିପଡ଼ିଥିଲେ। ଫଳରେ ଯୁବକଙ୍କ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିଲା। ଯାହାଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ବାଣପୁର ଥାନା ରୋପଡା ଗ୍ରାମର ସତ୍ୟବାନ ସ୍ୱାଇଁ (୪୮)। ଏ ନେଇ ନିରାକାରପୁର ଜିଆରପି ଅଧିକାରୀ ପରୀକ୍ଷିତ ନାୟକ କେସ ନମ୍ବର ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଉପ-ମୁଖ୍ୟମନ୍ତ୍ରୀଙ୍କ ମା'ଙ୍କ ଏକାଦଶାହରେ ଯୋଗଦେବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ



ନିମାପଡ଼ା,(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କର ମାତୃ ବିୟୋଗ ଘଟିଥିବା ବେଳେ ନିମାପଡ଼ାରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଦୀପଦାନ କରାଯାଇଥିଲା। ପରଲୋକ ଗମନ କରିଥିବା ମହିଳା ଲୋଭାବତୀଙ୍କର ଝିଅ ପ୍ରଭାତି ପରିଡ଼ା ନିଜ ଗାଁ ପାଇଁ ସମ୍ମାନ ଆଣି ପାରିଛନ୍ତି। ଲୋଭାବତୀ ପରିଡ଼ା ଗତ ୧୫ ତାରିଖରେ ସ୍ୱର୍ଗାରୋହଣ କରିଥିବା ବେଳେ ଶୁକ୍ରବାର ଦଶାହ କାର୍ଯ୍ୟ ସମାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝିଅ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ବହୁ ବନ୍ଧୁ ପରିଜନ ମଧ୍ୟ ଯୋଗ ଦେଇଥିଲେ। ଏକାଦଶାହ କାର୍ଯ୍ୟକ୍ରମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେବା ପାଇଁ ସ୍ଥିର କରାଯାଇଥିବା ବେଳେ ବହୁ ମାନ୍ୟଗଣ୍ୟ ନେତା ଏକାଦଶାହ କାର୍ଯ୍ୟରେ ନିଭରଣ ଗ୍ରାମରେ ଯୋଗ ଦେଉଥିବା ଜଣାପଡ଼ିଛି । ଶ୍ରୀମତି ପ୍ରଭାତି ପରିଡ଼ା ନିମାପଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ସାମ୍ବାଦିକମାନଙ୍କୁ ଏକାଦଶାହ କାର୍ଯ୍ୟରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦେଇଥିବା ଜଣାପଡ଼ିଛି ।

## ଫୁଟବଲ୍ ଏକାଡେମୀ ନିର୍ମାଣ କାର୍ଯ୍ୟ ବନ୍ଦ ନ କରିବାକୁ ଦାବି

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଆଳି ହାଇସ୍କୁଲ ମିନି ଷ୍ଟାଡିଅମ ଯାହାକି ଫୁଟବଲର ଅଦ୍ଭୁତିଶାଳ ଭାବେ ସମଗ୍ର ରାଜ୍ୟରେ ପରିଚୟ ସୃଷ୍ଟି କରିଛି। ଏବେ ସେହି ପରିଚୟକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ଏହି ପରିଚୟକୁ ପୂର୍ବ ସରକାର ଫୁଟବଲ ଏକାଡେମୀ ଘୋଷଣା କରି ପ୍ରାୟ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାଇ ଦେଇଥିଲେ। ଏହି ଏକାଡେମୀ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ବନ୍ଦ କରିବା ନିମନ୍ତେ କିଛି ବ୍ୟକ୍ତି ଚକ୍ରାନ୍ତ ଚଳାଉଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା। ୨୫ବର୍ଷ ମଧ୍ୟରେ ପ୍ରାୟ ୪୦ ଜଣ ମହିଳା ଖେଳାଳି ଏହି ଷ୍ଟାଡିଅମରୁ ଯାଇ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ଭାଗ ନେଇ ଆଳି ପାଇଁ ଗର୍ବ ପାଲଟିଛନ୍ତି। ଏପରିକି ସେମାନେ ଭଲ ଭଲ ପଦବୀରେ ଚାକିରି ପାଇଛନ୍ତି। ଆଜିକା ଦିନରେ ଆଳି ଅଞ୍ଚଳର ଛୋଟ ଛୋଟ ଝିଅମାନେ ଏଠାରେ ପ୍ରତ୍ୟେକ ଦିନ ଫୁଟବଲ ଅଭ୍ୟାସ କରିଆସୁଛନ୍ତି। ଏହି ପଡ଼ିଆରେ ମହିଳା ଫୁଟବଲ ଖେଳାଳିମାନେ ପ୍ରତ୍ୟେକ ଦିନ ଅଭ୍ୟାସ କରିବା ସହ କ୍ରିକେଟ ଖେଳାଳି ମାନେ ମଧ୍ୟ ଅଭ୍ୟାସ କରନ୍ତି। ଏବେ ଏକାଡେମୀ କାର୍ଯ୍ୟ ଜାରି ରହିଥିବା ବେଳେ ଏହି ପ୍ରକଳ୍ପ ବାବଦରେ ସଠିକ ତଥ୍ୟ ଅନୁଧ୍ୟାନ ନକରି ଏହି ପ୍ରକଳ୍ପକୁ ବିରୋଧ କରାଯିବା ନିଶ୍ଚିତ ଭାବେ ଆଳି ପାଇଁ କ୍ଷତିକର। ଓ ଖେଳୁଥିବା ମହିଳା ଫୁଟବଲ ଖେଳାଳିଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି। ଯଦି ଏହି ପ୍ରକଳ୍ପ କାର୍ଯ୍ୟକୁ ରାଜନୈତିକ ଆକ୍ରୋଶ ରଖି ବନ୍ଦ କରି ଦିଆଯାଏ ତେବେ ଏହା ଆଳି ପାଇଁ ଏକ ବିରାଟ କ୍ଷତି ହେବ ବୋଲି ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ କାଲି ବିଜେପିର ଆଳି ବିଧାୟକ ପ୍ରାର୍ଥୀ ହୋଇ ଥିବା କୃଷ୍ଣଚନ୍ଦ୍ର ପଣ୍ଡା ଆଳି ହାଇସ୍କୁଲ ଷ୍ଟାଡିୟମ ଠାରେ ନିର୍ମାଣାଧିନ ଫୁଟ୍‌ବଲ ଏକାଡେମି କାର୍ଯ୍ୟକୁ ସଂପୂର୍ଣ ବନ୍ଦ ରଖିବାକୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ।

# ୩୨୮ ଅଭିଯୋଗର ଶୁଣାଣି କଲେ ମନ୍ତ୍ରୀ, ତ୍ୱରିତ ସମାଧାନ ପାଇଁ ଦେଲେ ନିର୍ଦ୍ଦେଶ



ବାରିପଦା/ଶୁଳିଆପଦା(ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, କ୍ୟାବିନେଟ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶୁଳିଆପଦା ବ୍ଲକ ବୈଠକ ଗୃହରେ ଜନଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୩୨୮ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୨ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦,୦୦୦ ଓ ୫୦୦୦ ଲେଖାଏଁ ସମୁଦାୟ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ମହାପାତ୍ର, ସମସ୍ତ ଜନତାଙ୍କର ଅଭିଯୋଗଗୁଡିକ ଶୁଣି ସେ ସବୁର ଆବଶ୍ୟକ ସମାଧାନ ପାଇଁ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡିକର ତୁରନ୍ତ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଅଭିଯୋଗ ଶୁଣାଣୀ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଧର୍ମାନନ୍ଦ ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ପତ୍ରଗୁଡିକ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଜମିପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମିପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟାଗୁଡ଼ିକ ସର୍ବାଧିକ ଥିଲା। ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କ ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ, ଅନୁପମା ଘୋଷଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ସହଯୋଗ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧାସୁମନ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଅଭିଯୋଗ ସଂଚାଳନା କାର୍ଯ୍ୟ କରିଥିଲେ।

# ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତିଙ୍କ ପାଟଣାର ବିଭିନ୍ନ ଧାନମଣ୍ଡି ପରିଦର୍ଶନ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏରେଣ୍ଡୋଇ ଧାନମଣ୍ଡୀ, ପାଟଣା ଧାନମଣ୍ଡୀ, ବାଉଁଶୁଳି ଧାନମଣ୍ଡୀ, ଚେମେଣା ଧାନମଣ୍ଡୀ ଓ ଜମୁନାପସି ଧାନମଣ୍ଡୀକୁ ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଧାନମଣ୍ଡୀ ପରିଦର୍ଶନ ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀ ମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ। ମୋହନ ଚରଣ ମାଝି ସରକାର ଓଡ଼ିଶାରେ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯୋଉ ମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ଯେଉଁଠାରେ ଧାନକିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ମିଲରମାନଙ୍କର ମନମାନି ଯୋଗୁ ୧୧ମିଲ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସଭାପତି ଶ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀଧର ସାହୁ, ପ୍ରାଣବନ୍ଧୁ ସାହୁ, ଦିଲ୍ଲୀପ କୁମାର ନାୟକ, କୃଷ୍ଣ ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ଶଶିଭୂଷଣ ମହାନ୍ତ, ବ୍ରଜବନ୍ଧୁ ସେଠୀ, ପ୍ରକାଶ କୁମାର ସେଠୀ, ଯୁଧିଷ୍ଠିର ମହାନ୍ତ, କେଶବ ଚନ୍ଦ୍ର ବାରିକ, ଖଗେଶ୍ୱର ମହାନ୍ତ, ପ୍ରଫୁଲ୍ଲ କୁମାର ମହାନ୍ତ, ଯତିନ୍ଦ୍ର କୁମାର ଦାଶ, ହରିଶ୍ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଦୟାନିଧି ମହାନ୍ତ, ପ୍ରମୋଦ କୁମାର ବାରିକ, ବ୍ରଜ୍ ସେଠୀ, ବ୍ରଜବନ୍ଧୁ ସାହୁ, ସନ୍ଦିପନୀ ସାହୁ, ଲକ୍ଷ୍ମୀଧର ପତି, ସୁଦାମ ଚରଣ ସାହୁ, ନାରାୟଣ ମହାରଣା, ସହଦେବ ସାହୁ, ସୋମବାରୀ ମୁଣ୍ଡା, ସୁଚିତ୍ରା ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ତଥା ଗବେଷକ ବିଜୟ ସ୍ୱାଇଁଙ୍କ ପରଲୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବନୀକରଣ, ଆରଣ୍ୟ ବୃକ୍ଷ ଗବେଷଣା, ବାଉଁଶ ବନ ପରିଚାଳନା, ଓଡିଶାର ଔଷଧୀୟ ଉଦ୍ଭିଦ ଓ ଗୋଷ୍ଠୀ ବନ ପରିଚାଳନା କ୍ଷେତ୍ରରେ ଗବେଷଣା ଓ ଉଦ୍ଭାବନ ପାଇଁ ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ପରିବେଶବିତ, ବନବିଜ୍ଞାନ ବିଶାରଦ ତଥା ଭାରତୀୟ ବନ ସେବା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ଗତକାଲି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ୭୭ ବର୍ଷ ବୟସରେ ପରଲୋକ ଘଟିଛି । ଶ୍ରୀ ସ୍ୱାଇଁ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ଅଧ୍ୟୟନ ପାଇଁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ । ୨୦୦୮ରେ ଅବସର ନେବା ପରେ ସେ କଳିଙ୍ଗର ଗୌରବମୟ ସାମୁଦ୍ରିକ ଇତିହାସ ଉପରେ ଗବେଷଣା ଜାରି ରଖିଥିଲେ। ସେ କଳିଙ୍ଗ ପରମ୍ପରା ଏବଂ କଳିଙ୍ଗ- ଦକ୍ଷିଣ-ପୂର୍ବ ଏସିଆର ଭାରତୀୟକରଣ ନାମରେ ଦୁଇଟି ପୁସ୍ତକ ରଚନା କରିଛନ୍ତି । ତାଙ୍କର ଦୁଇଝିଅ ଡାକ୍ତର ରୋମା ରତନ, ଯୁଗ୍ମ ଡିଏମଇଟି ଏବଂ ରୂପା ରୋଶନ ସାହୁ, ଆଇଏଏସ ଅଛନ୍ତି । ତାଙ୍କ ବଡଜ୍ୱାଇଁ ଡାକ୍ତର ଦେବାଶିଷ ନାୟକ ଆପୋଲୋ ହସ୍ପିଟାଲରେ ବରିଷ୍ଠ ପରାମର୍ଶଦାତା, କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜନ ଏବଂ ସାନ ଜ୍ୱାଇଁ ଅନୁପ କୁମାର ସାହୁ ଆଇପିଏସ୍ ଭାବରେ ଅବସ୍ଥାପିତ ଅଛନ୍ତି । ତାଙ୍କ ଅବର୍ତ୍ତମାନରେ ପରିବାରରେ ପତ୍ନୀ ଜୟନ୍ତୀ ସ୍ୱାଇଁ, ଦୁଇଝିଅ, ଜ୍ୱାଇଁ ଓ ନାତିନାତୁଣୀ ରାଜିନ, ରିଦ୍ଧି ଓ କୁହୁ ରହିଛନ୍ତି।

## ଦୁଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ଭାପୁର(ଭାସ୍କର ନ୍ୟୁଜ): ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର ଏବଂ ମନ୍ଦିରର ଠାକୁର ହେଉଛନ୍ତି ଶିକ୍ଷକ । ଶିକ୍ଷାବର୍ଷ ତମାମ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ଆଜ୍ଞାଧୀନ ରହିଥିବା ବେଳେ ବାର୍ଷିକ ଉତ୍ସବ ଦିନ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକମାନଙ୍କର ପରସ୍ପର ସହଯୋଗୀ ହେବା ସହିତ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣଗୁଡ଼ିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ପରିପ୍ରକାଶ ହୋଇଥାଏ । ଏହି ପରିପ୍ରେକ୍ଷୀରେ, ଗୁରୁବାର ଦିନ ଆଞ୍ଚଳିକ ଚାରୁଦେବୀ ଉଚ୍ଚବିଦ୍ୟାଳୟ, ଜାମୁସାହି ଏବଂ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁରର ୫୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଚାରୁଦେବୀ ଉଚ୍ଚବିଦ୍ୟାଳୟରେ ଭାପୁର ଗୋଷ୍ଠୀ ଶିକ୍ଷାଅଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ମୁଖ୍ୟବ୍ୟକ୍ତା ରୂପେ ମୋ ସ୍କୁଲ ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ପିଲାମାନଙ୍କୁ ନିଜ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣ ଓ ପ୍ରତିଭାକୁ ଆବିଷ୍କାର କରିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମିଶ୍ର ବାର୍ଷିକ ଉତ୍ସବକୁ ପରିଚାଳନା କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱଅର୍ଜନ କରିଥିବା ୫୦ ଛାତ୍ରଛାତ୍ରୀ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ । ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ନୟାଗଡ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଆଙ୍କାକ୍ଷି ପାଠ୍ୟକ୍ରମ ଓ କ୍ରୀଡାଙ୍ଗନର ରାଜ୍ୟ ପରିଦର୍ଶକ ସୁପ୍ରିତି ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବ୍ୟକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ମୋ ସ୍କୁଲ ସଭାପତି ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ ବାର୍ଷିକ ଉତ୍ସବକୁ ପରିଚାଳନା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୦୦ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ ।

## ଧର୍ମପରାୟଣା ମହିଳାଙ୍କ ଏକାଦଶାହରେ ଯୋଗଦେଲେ ମାନ୍ୟଗଣ୍ୟ ବ୍ୟକ୍ତି



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଚାରିଛକ ତୁଳସୀପୁର ଗ୍ରାମର ଧର୍ମପରାୟଣା ମହିଳା ତଥା ସମାଜସେବୀ ସ୍ୱର୍ଗତ କନକଲତା ସାହୁଙ୍କ ଏକାଦଶାହ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ମୃତିଚାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ସଭାରେ ସମାଜସେବୀ ବନ ବିହାରୀ ଦାଶ, ଦ୍ୱିଜବର ମୁଦୁଲି, ପଂଚାନନ ସାହୁ, ନିର କର, ବିକା କର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମ୍ଳାନ ସ୍ମୃତିରେ ନୀରବ ପ୍ରାର୍ଥନା କରିଥିଲେ । ଏକାଦଶାହରେ ନାମ ସଂକୀର୍ତ୍ତନ, ପାଲା ଓ ଭଜନ ସଂଧ୍ୟାରେ ଆୟୋଜନ କରାଯାଇଥିଲା । ସଭାରେ ପୁଅ ପ୍ରଦୀପ୍ତ କୁମାର ସାହୁ, ଦୀପକ କୁମାର ସାହୁ, ପ୍ରତାପ କୁମାର ସାହୁ, ରାଜ କିଶୋର ସାହୁ, ଛବିନ୍ଦ୍ର ମଲ୍ଲିକ୍, ଝିଅ ପ୍ରଭାସିନୀ ସାହୁ, ସୁଭାଷିନୀ ସାହୁ, ନାତି ଓ ନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।

# ଟ୍ରେଜେରୀ ସିଙ୍ଗଲ୍ ଆକାଉଣ୍ଟ୍ ଉପରେ ପ୍ରଶିକ୍ଷକଙ୍କ ଦୁଇଦିନିଆ ତାଲିମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଓ ଜାତୀୟ ଏଡସ୍ ନିୟନ୍ତ୍ରଣ ସଂସ୍ଥାର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱରର ହୋଟେଲ ସୀତାଲରେ ସାର୍ବଜନୀନ ଆର୍ଥିକ ପରିଚାଳନା ପ୍ରଣାଳୀ ଅଧୀନରେ ଟ୍ରେଜେରୀ ସିଙ୍ଗଲ୍ ଆକାଉଣ୍ଟ୍ ଉପରେ ଏକ ଦୁଇଦିନିଆ ତାଲିମଦାତାଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ବ୍ୟବସ୍ଥାକୁ କାର୍ଯ୍ୟକାରୀ ଏବଂ ପରିଚାଳନା କରିବା ପାଇଁ ଅଂଶଗ୍ରହଣକାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା, ଯାହା ସରକାରୀ ନଗଦ ସମ୍ବଳକୁ ଦକ୍ଷତାର ସହିତ ଏକୀକରଣ ଏବଂ ପରିଚାଳନା କରିବା ପାଇଁ ଅତ୍ୟାବଶ୍ୟକ। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉପସଚିବ ଅଞ୍ଜନ ସରକାର, ବରିଷ୍ଠ ଅଧିକାରୀ ଦୀପିକା ଚୋପ୍ରା ଗୁଲାଟି, ସୁରିନ୍ଦର ସିଂହ ଏବଂ ଅର୍ଥ ମନ୍ତ୍ରଣାଳୟର ବୈଷୟିକ ପରାମର୍ଶଦାତା ସିରିଶ ଦୀକ୍ଷିତ ଓ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ସ୍ୱାଇଁ, ଅର୍ଥ ପରାମର୍ଶଦାତା ଗଜେନ୍ଦ୍ର ନାଥ ପରିଡା ପ୍ରମୁଖଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ବ୍ୟକ୍ତିମାନେ ସରକାରୀ ଆର୍ଥିକ କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବାରେ ଚରଗଝର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ଆଲୋକପାତ କରିଥିଲେ ଯେ କିପରି ସାର୍ବଜନୀନ ଆର୍ଥିକ ପରିଚାଳନା ପ୍ରକ୍ରିୟାକୁ ସୁଗମ କରିବ ଏବଂ ସମ୍ବଳ ବ୍ୟବହାରକୁ ସରଳୀକରଣ କରିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ତାଲିମରେ ଓଡ଼ିଶା, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ସମେତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ତାଲିମରେ ଯୋଗ ଦେଇଥିଲେ ଯେଉଁଥିରେ ବିଶେଷଜ୍ଞଙ୍କ ନେତୃତ୍ୱରେ ଇଣ୍ଟରାକ୍ଟିଭ୍ ଅଧିବେଶନ, ବ୍ୟବହାରିକ ପ୍ରଦର୍ଶନ ଏବଂ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଏହି ଅଧିବେଶନଗୁଡ଼ିକ ଅଂଶଗ୍ରହଣକାରୀଙ୍କୁ ପିଏଫ୍‌ଏମ୍‌ଏସ୍ ଅଧୀନରେ ଟିଏସ୍‌ଏ ବିଷୟରେ ଏକ ବ୍ୟାପକ ବୁଝାମଣା ପ୍ରଦାନ କରିବା ଏବଂ ସେମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳରେ ଅନ୍ୟମାନଙ୍କୁ ତାଲିମ ଦେବା ପାଇଁ ସକ୍ଷମ କରିବା ପାଇଁ ଡିଜାଇନ୍ କରାଯାଇଥିଲା, ଯାହାଦ୍ୱାରା ଏହି ଆର୍ଥିକ ପରିଚାଳନା ଉପକରଣର ବ୍ୟାପକ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ ହେବ। କାର୍ଯ୍ୟକ୍ରମରେ ଓସାକ୍ସ ଅଧିକାରୀ, ପ୍ରଶାସନିକ ଅଧିକାରୀ ସୁଶ୍ରୀ ଶତାବ୍ଦୀ ରାୟ, ସହକାରୀ ନିର୍ଦ୍ଦେଶକ (ଅର୍ଥ) ଗୋକୁଳାନନ୍ଦ ପରିଡା, ତପନ କୁମାର ରାଜ, ଭୁବନାନନ୍ଦ ସାହୁ, କେଦାର ମହାରଣା, ଶିବ ପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଉପସ୍ଥିତି ଏବଂ ଅବଦାନ ତାଲିମ ଅଭିଜ୍ଞତାକୁ ଯଥେଷ୍ଟ ପରିମାଣରେ ସମୃଦ୍ଧ କରିଥିଲା। କାର୍ଯ୍ୟକ୍ରମର ଆଙ୍କରିଂ ଶିଶିର ବାହିନୀପତି କୁଶଳୀ ଭାବରେ ପରିଚାଳିତ କରିଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ

# ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନିତ ଉପରେ ଗୁରୁତ୍ୱ



ମାଲକାନଗିରି(ଭାସ୍କର ନ୍ୟୁଜ): ବିଭିନ୍ନ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମର ସମନ୍ୱୟ ଓ ପର୍ଯ୍ୟାଲୋଚନା ନିମନ୍ତେ ଗଠିତ କମିଟି (ଦିଶା) ର ଏକ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ନବରଙ୍ଗପୁର ଲୋକସଭା ସାଂସଦ ଇଂ.ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ପ୍ରତାପ କର୍ଚ୍ଚାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ନେଇ ସାଂସଦ ସମୀକ୍ଷା କରିବା ସହ ଚାଲୁଥିବା କାର୍ଯ୍ୟ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆତ୍ମନିର୍ଭର ଭାରତ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଅନ୍ତତଃ ଦୁଇ ଦିନ ବ୍ୟବଧାନରେ ମନରେଗା ଶ୍ରମିକଙ୍କୁ ମଜୁରୀ ଦେବାର ବ୍ୟବସ୍ଥା ହେଲେ ଜିଲ୍ଲାର ଦାଦନ ହାର କମିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାଂସଦ ଇଂ ମାଝୀ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପ୍ରତି ଘରକୁ ବିଜୁଳି ସଂଯୋଗୀକରଣ, ପାନୀୟ ଜଳ, କୃଷି, ଜଳସେଚନ, ପଶୁପାଳନ ସହ ଦୁଗ୍ଧ ଓ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ରେଞ୍ଜ ଅନୁସାରେ ଜିଲ୍ଲାର ଜଙ୍ଗଲ ଗୁଡ଼ିକର ସର୍ଭେ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନକଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ସୁକନ୍ୟା, ଲକ୍ଷପତି ଦିଦି, ଅଟଳ ପେନସନ ଓ ମୁଦ୍ରା ଯୋଜନା ବିଷୟରେ ଆଲୋଚନା କରାଯାଇ କିଭଳି ଏହା ବିଷୟରେ ସମସ୍ତେ ଅବଗତ ହୋଇ ଏହାର ଲାଭ ଉଠାଇ ପାରିବେ ସେ ନେଇ ଆଲୋଚନା କରାଯାଇଛି। ଅପହଞ୍ଚ ଗ୍ରାମଗୁଡିକୁ ସଡ଼କ ପଥ ମାଧ୍ୟମରେ ଯୋଡିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ସେହିପରି ନୂତନ ଶିକ୍ଷା ନୀତି ଆଧାରରେ ସମସ୍ତ ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ପ୍ରତ୍ୟେକ ଗ୍ରାମକୁ ବିଜୁଳି ସେବା କିଭଳି ଯୋଗାଇ ଦିଆଯିବ ସେଥି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଗ୍ରାମରେ ମୋବାଇଲ ନେଟୱର୍କ ସେବାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ସାଂସଦଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନାଗୁଡିକ ତୃଣମୂଳ ସ୍ତରରେ ପହଞ୍ଚାଇ ନିମନ୍ତେ ସମସ୍ତ ବିଭାଗ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : କଟକ ସଦର, ନିଆଳି ଓ ବାଙ୍କୀ ବ୍ଲକ ଭିତ୍ତିକ ଅଗ୍ରଣୀ ସାମାଜିକ ସଂଗଠନ 'ସଂଗ୍ରାମ ସମିତି' ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ସିଏମସି ୫୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ନୂଆଗଡ଼ସ୍ଥିତ ଅନନ୍ତ ବଳିଆ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିବକ୍ତା ଉମାକାନ୍ତ ନନ୍ଦ, ବରିଷ୍ଠ ନାଗରିକ ତଥା ମୁରବି ନିମାଇଁଚରଣ ଲେଙ୍କା, ପ୍ରାକ୍ତନ ସରପଞ୍ଚ ତଥା ବରିଷ୍ଠ ମୁରବି ପୀତବାସ ମହାପାତ୍ର, ଡାକ୍ତର ଅରବିନ୍ଦ ନନ୍ଦ, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ଅଧିବକ୍ତା କେଶବଚନ୍ଦ୍ର କର, ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ସାମ୍ବାଦିକ ଲଳିତକୁମାର ଦାଶ, ସଂଗଠକ ସୋମନାଥ ଦାସ, ସମାଜସେବୀ ଗଣେଶ ବେହେରା, ମୁରବି ଅଶୋକ ରଥ, ଅଜୟକୁମାର ବେଉରା, ଶାଶ୍ୱତ କର, ପ୍ରଭାତକୁମାର ସ୍ୱାଇଁ, ଯୁବ ସଂଗଠକ ନଳିନୀକାନ୍ତ ପଟ୍ଟନାୟକ, ତନ୍ମୟ ପରିଡ଼ା ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସେ ବାସ୍ତବରେ ଜାତିର ନେତା ଥିଲେ ବୋଲି ବର୍ଣ୍ଣନା କରିଥିଲେ। ପ୍ରାକ୍ତନ ସରପଞ୍ଚ ଗଗନବିହାରୀ ଜେନା, ପ୍ରାକ୍ତନ ସରପଞ୍ଚ ଦେବରଞ୍ଜନ ବୈଠାଲୁ, ଇଂ.ଅଶୋକକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାଗର ଯାତ୍ରାରେ ମହାରାଜ କଂସ,ମଧୁମଙ୍ଗଳ ଓ ମହାମନ୍ତ୍ରୀଙ୍କୁ ବରଣ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ବ୍ଲକ ଚାନ୍ଦିନୀମାଲ ଗ୍ରାମରେ ଆସନ୍ତା ଫେବୃୟାରୀ ୨୪ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହାଶିବରାତ୍ରି ଜାଗର ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଫେବୃୟାରୀ ୨୬ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି କଂସ ଦରବାର ଅନୁଷ୍ଠିତ ହେବ । ଏଥିପାଇଁ ବରଗଡ଼ ଚିଚିଣ୍ଡା ଗ୍ରାମର ଝସକେତନ ପ୍ରଧାନଙ୍କୁ କଂସ ମହାରାଜ' ଭୂମିକାରେ ଓ ପଞ୍ଚାନନ୍ଦ ବର୍ତ୍ତିଆଙ୍କୁ ମଧୁମଙ୍ଗଳ' ଭୂମିକାରେ ବରଣ କରାଯାଇଛି । ଏଥିସହ ମହାରାଜଙ୍କ କଂସ ଦରବାର ପାଇଁ ଆସନ୍ତା ଫେବୃୟାରୀ ୧୨ ତାରିଖ ଦିନ ଯାତ୍ରା ପଡ଼ିଆରେ ଶୁଭ ସ୍ତମ୍ଭ ସ୍ଥାପନ କରାଯିବ । ମହାଶିବରାତ୍ରି ଜାଗର ଯାତ୍ରା ଓ ପ୍ରସିଦ୍ଧ ଆଞ୍ଚଳିକ ଧନୁଯାତ୍ରା କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ, ସମ୍ପାଦକ ପର୍ଶୁରାମ ରୋହିଦାସ, କୋଷାଧକ୍ଷ ଲିଙ୍ଗରାଜ ରୋହିଦାସ ଓ ଗ୍ରାମର ସଦସ୍ୟ ତଥା ଭଦ୍ରବ୍ୟକ୍ତି କିଶୋର ଚନ୍ଦ୍ର ପ୍ରଧାନ, ସୁନିଲ୍ ପ୍ରଧାନ, ହେମନ୍ତ ରୋହିଦାସ, ପଦ୍ମଲୋଚନ ରୋହିଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଯୋଗଦାନ କରିଥିଲେ ।

# ବିଳମ୍ବରେ ମଣ୍ଡି ଖୋଲିବା ନେଇ ତାତିଲେ ଚାଷୀ



ଧାନ ପୋଡି ରାସ୍ତା ରୋକ

ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ତହସିଲ ଅଧିନସ୍ତ ରାଣୀଓଳା ସେବା ସମବାୟ ସମିତିରେ ଧାନ ମଣ୍ଡି ଚଳିତବର୍ଷ ଖୋଲାଯାଇନାହିଁ। ବାରମ୍ବାର ତାରିଖ ପରିବର୍ତ୍ତନ ଓ ମଣ୍ଡି ଖୋଲିବା ଜାଗା ପରିବର୍ତ୍ତନ ହେଉଛି। ଯାହାକୁ ନେଇ ଚାଷୀ ଉତ୍ତେଜିତ। ଶୁକ୍ରବାର ଦିନ ସକାଳ ୭ ଟା ରୁ ୩୦ରୁ ଉର୍ଦ୍ଧ୍ୱ ଚାଷୀ ୫୦ରୁ ଉର୍ଦ୍ଧ୍ୱ ଧାନ ବସ୍ତା ରାସ୍ତା ଉପରେ ରଖି ୨୦ରୁ ଉର୍ଦ୍ଧ୍ୱ ଧାନ ବସ୍ତାରେ ପେଟ୍ରୋଲ ପକାଇ କସର୍ଦା ଫାଣ୍ଡି ଛକରେ ରାସ୍ତା ରୋକ କରିଥିଲେ। ଯାହାଫଳରେ ଅଡଶପୁର ଜଗତସିଂହପୁର ରାସ୍ତା ୫ ଘଣ୍ଟା କାଳ ଯାତାୟାତରେ ବାଧା ଉପୁଜି ଥିଲା। ଖବର ପାଇ ଘଟଣା ସ୍ଥଳରେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ଚାଷୀଙ୍କ ଦାବି ଶୁଣିଥିଲେ ଓ ମଣ୍ଡି ଖୋଲିବ ବୋଲି ପ୍ରତିଶୃତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ଘଟଣା ସ୍ଥଳରେ ନିଆଳି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, କସର୍ଦା ସରପଞ୍ଚ ସୁରେଶ ପଟନାୟକ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ଓ ଚାଷୀ ବିଶ୍ୱମ୍ବର ସ୍ୱାଇଁ, ଶୁଭ ପଟନାୟକ, ପ୍ରଶାନ୍ତ ସାହୁ, ବ୍ରହ୍ମହନନ୍ଦ ପଟନାୟକ, ସୁବାଷ ସାହୁ, ବିଦ୍ୟାଧର ମହାପାତ୍ର, ବିଶ୍ୱରଞ୍ଜନ ଭୁଇଁଆ, ଅଭୟ ରାଉତ, କନକ ମହାପାତ୍ର, ସୁଶାନ୍ତ କୁମାର ସାହୁ ସମେତ ୩୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ନିଆଳି ପୋଲିସ ଓ କସର୍ଦା ଫାଣ୍ଡି ଅଧିକାରୀ ଉପସ୍ଥିତ ରହିଥିଲେ।

# କେନ୍ଦ୍ର ସରକାରଙ୍କ ତରଫରୁ ବରିଷ୍ଠ ଚିତ୍ରଶିଳ୍ପୀଙ୍କୁ ସମ୍ମାନୀତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ଚିତ୍ରଶିଳ୍ପୀ ଅଶୋକ ନାୟକଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କଳା ଓ ସଂସ୍କୃତିର ବିକାଶ ପାଇଁ ସିନିୟର ଫେଲୋସିପ ପ୍ରଦାନ କରାଯାଇଛି। ଏହି ଫେଲୋସିପ ତାଙ୍କୁ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ମିଳିବ। ଏହି ସମୟ ମଧ୍ୟରେ ସେ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ଗବେଷଣା କରିବେ। ବର୍ଷ ଶେଷ ବେଳକୁ ଭାରତ ସରକାରଙ୍କୁ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିବେ। ଭାରତ



ସରକାରଙ୍କ ପକ୍ଷରୁ ସିନିୟର ଫେଲୋସିପ ପାଇବାରେ ଶ୍ରୀ ନାୟକ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ଚିତ୍ରଶିଳ୍ପୀ। ମାଳତିଲତା ଚାରିଟେବୁଲ ଟ୍ରଷ୍ଟ ଅଧିନରେ ଶ୍ରୀ ନାୟକ କେନ୍ଦ୍ରାପଡ଼ା ସହରର ନସଡ଼ିପୁର ଓ ମହିପାଳ ଠାରେ କୁନ୍ତଳାକୁମାରୀ ଚିତ୍ରକଳା ଶିକ୍ଷାକେନ୍ଦ୍ର ଖୋଲି ଶତାଧିକ ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ପ୍ରଦାନ କରି ଆସୁଛନ୍ତି। ସେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତର ପେରିଜପୁର ଗ୍ରାମର ସ୍ୱର୍ଗତ କିଶୋର ନାୟକ ଓ ସ୍ନେହଲତା ନାୟକଙ୍କ ଜ୍ୟେଷ୍ଠପୁତ୍ର ଅଟନ୍ତି। ନିକଟରେ ଶ୍ରୀ ନାୟକ ଦୁବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ କରି ଉଚ୍ଚ ପ୍ରଶଂସିତ ହେବା ସହ ଜିଲ୍ଲା ପାଇଁ ଗୌରବ ଆଣିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ ଶ୍ରୀମନ୍ଦିର ଉଦବୋଧନୀ ସ୍ମୃତି ମହୋତ୍ସବ



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ବାର୍ଷିକୀ ସହିତ ଅଷ୍ଟାଦଶ ତମ ଶ୍ରୀମନ୍ଦିର ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ମହାସମାରୋହରେ ସତସଙ୍ଗ ବିହାର କରଞ୍ଜିଆ ଆନୁକୂଲ୍ୟରେ ସ୍ଥାନୀୟ ମେଳଣ ପଡିଆ ଠାରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃ କାଳରେ ବେଦ ମାଙ୍ଗଳିକ, ଉଷାକୀର୍ତ୍ତନ ସହିତ ଏକ ସୁରମ୍ୟ ରଥରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିକୃତି ଛବି ସହିତ ନଗରକୀର୍ତ୍ତନ ଅନୁଷ୍ଠିତ ହୋଇଛି ଏଥିରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ତତ୍ପରେ ସଂଗୀତାଞ୍ଜଳି ସହିତ ସତସଙ୍ଗ ସଦାଲୋଚନା ଅନୁଷ୍ଠିତ ହୋଇଥିଲା। ସତସଙ୍ଗ ରେ ଭଦ୍ରକରୁ ଆଗତ ବିଶିଷ୍ଟ କଣ୍ଠ ଶିଳ୍ପୀ ମହେଶ୍ୱର ନାୟକଙ୍କ ସହିତ ଡୋଲୀ ରାଣୀ ଦାସ, ପ୍ରତାପ ପଶୁପାଳକ ଭଜନ ଏବଂ କୀର୍ତ୍ତନ ପରିବେଷଣ କରିଥିଲେ ପରେ ସଦାଲୋଚନା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମ ଚରଣ ହାଇବୁରୁ ଯୋଗ ଦେଇ ଶ୍ରୀ ଶ୍ରୀଠାକୁରଙ୍କ ଦର୍ଶନରେ ପ୍ରେମ ଏବଂ ସେବାର ସାମାଜିକ ମୂଲ୍ୟ ବୋଧ ଉପରେ ଆଲୋକପାତ କରିଥିଲେ । ବିଶ୍ୱାଜୀବନରେ ତାଙ୍କ ଭାବାଦର୍ଶ ସଭିଙ୍କ ଧ୍ୟେୟ ଏବଂ ଏହା ବ୍ୟତିରେକ ଅନ୍ୟ ପନ୍ଥା ନାହିଁ ବୋଲି ସେ ବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବାଲେଶ୍ୱରରୁ ଆଗତ ଅଭିନ୍ନ ପଟ୍ଟନାୟକ, ସାମ୍ପ୍ରତିକ ଯୁଗ ସମସ୍ୟାରେ ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ କିଭଳି ସମଗ୍ର ମାନବ ସଭ୍ୟତା ପାଇଁ ମୃତ୍ୟୁ ସଂଜୀବନୀ ରୂପେ ଉଭା ହୋଇଛି ସେ ବିଷୟରେ ଆଲୋକ ପାତ କରିଥିଲେ । ପୁରୁଷୋତ୍ତମଙ୍କ ଆଦର୍ଶ ହିଁ ସର୍ବ ସମସ୍ୟାର ସମାଧାନର ଏକ ମାତ୍ର ପଥ ଏବଂ ପନ୍ଥା ବୋଲି ଅଭିହିତ କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶରେ ସୁସନ୍ତାନ ଦାନ ହିଁ ଏ ସମାଜକୁ ମଣିଷର ଶ୍ରେଷ୍ଠ ଦାନ ହେବା ଉଚିତ ବୋଲି ତାଙ୍କ ବକ୍ତବ୍ୟରେ ଆଲୋଚନା କରିଥିଲେ । ଉକ୍ତ ସଭାକୁ ପ୍ରଭାକର ଦଳେଇ, ପରିଚାଳନା କରିଥିବା ବେଳେ ଲମ୍ବୋଦର ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ତତ୍ପରେ ଶିଶୁ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ପରେ ବିଜନବାସୀ ଦାସଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କଟକ ରୁ ଆଗତ ଜ୍ୟୋତ୍ସ୍ନାମୟୀ ପତି, ଜୟନ୍ତୀ ମହାପାତ୍ର ଆଲୋଚକ ଭାବେ ଯୋଗ ଦେଇ ଶ୍ରୀ ଶ୍ରୀ ବଡ଼ମା ଏ ଜଗତର ସମଗ୍ର ମାତୃ ଜାତିର ସର୍ବକାଳୀନ ଆଦର୍ଶ ବୋଲି ଅଭିହିତ କରି ତାଙ୍କୁ ଅନୁସରଣ କରି ଚାଲିପାରିଲେ ନାରୀ ଜୀବନ ସାର୍ଥକ ହେବ ବୋଲି କହିଥିଲେ । ଓଡିଶାର ବିଭିନ୍ନ ପ୍ରାନ୍ତରୁ ତିନି ହଜାର ଭକ୍ତ ଅନୁରାଗୀ ଆନନ୍ଦ ବଜାର ରେ ପ୍ରସାଦ ଗ୍ରହଣ କରିଥିଲେ । ଉକ୍ତ ବିଶେଷ ଦିବସରେ ଏକ ନିଃଶୁଲ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାର ସ୍ୱନାମ ଧନ୍ୟ ଚିକିତ୍ସକ ଡା. ବୀରେଶ୍ୱର ଜ୍ୟୋତିଷୀ ଉକ୍ତ ଅନୁଷ୍ଠାନକୁ ପରିଚାଳନା କରିଥିବା ବେଳେ ଡା. ଗୌରାଙ୍ଗ ଚରଣ ନାୟକ, ଡା. ସମୀର ରଞ୍ଜନ ବେହେରା,ଡା. ମୃତ୍ୟୁଞ୍ଜୟ, ଡା. ଶକ୍ତି ଶୋଭନ ପ୍ରଧାନ, ଫାର୍ମାସିଷ୍ଟ ଅବନୀ ମଣ୍ଡଳ, ସୌମ୍ୟ ରଞ୍ଜନ ଶତପଥୀ, ରାଜୀବ ରଞ୍ଜନ ବେହେରା, ସଂଜୀବ ମହାନ୍ତ ପ୍ରଭୃତି ଉପସ୍ଥିତ ରହି ପ୍ରାୟ ୧୫୦ ରୋଗୀଙ୍କ ନିଃଶୁଳ୍କ ଚିକିତ୍ସା କରିଥିଲେ ଏବଂ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନୀ ସମ୍ବଳିତ ଏକ ପ୍ରଦର୍ଶନି ଆୟୋଜିତ ହୋଇଥିଲା । ଅନେକ ମଣିଷ ସତମନ୍ତ୍ର ରେ ଅଭିମନ୍ତ୍ରିତ ହୋଇଥିଲେ । ଉକ୍ତ ଉତ୍ସବରେ ମଧୁସୂଦନ ନାଏକ, ବିଶ୍ୱନାଥ ସାହୁ, ଜ୍ୟୋତି କିଶୋର ଦଳେଇ ପ୍ରଭୃତିଙ୍କ ସହିତ ମହେଶ୍ୱର ସାହା, ଗୋପୀନାଥ ମହାନ୍ତ, ଦେବେନ୍ଦ୍ର ନାଥ ମହାନ୍ତ, ନବୀନ ଦେଓ, ଅଶ୍ୱିନୀ ବାରିକ, ଦେବବ୍ରତ ସିହ୍ନା, ଦାସରଥୀ ସାହୁ, ସରୋଜ ସାହୁ, ଚନ୍ଦ୍ରଶେଖର ଦାସ, ପ୍ରିୟବ୍ରତ ସିହ୍ନା, ରଞ୍ଜନ ରଥ, ଦୁର୍ଯ୍ୟୋଧନ ସାହୁ, ନରେନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ନବ ଉତ୍କଳ ମହିଳା ସମିତି ଦ୍ୱାରା କନ୍ୟା ଦିବସ ପାଳିତ



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଜାତୀୟ କନ୍ୟାଦିବସ ଉପଲକ୍ଷେ ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟସନଗର ସ୍ଥିତ ଶଶି ଭୂଷଣ ବିଦ୍ୟାଳୟରେ ସଭାନେତ୍ରୀ ଅମୂଲୀ ପହିଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି କର୍ଯ୍ୟକ୍ରମରେ ବରାଜ୍ୟର ପୂର୍ବତନ ସଭାନେତ୍ରୀ ମହିଳା କଂଗ୍ରେସ ବନ୍ଦିତା ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ପୌରାଧକ୍ଷା ସବିତା ରାଉତ ଉଦ୍ଘାଟକ ରୂପେ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିରିନା ମହାନ୍ତି ମୁଖ୍ୟ ବକ୍ତା ଭାବେ ଏବଂ ଶଶିଭୂଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ ବେହେରା, ସମ୍ମାନୀୟ ଅତିଥି ରୂପେ ଯୋଗଦେଇଥିବା ସମୟରେ, ବିଦ୍ୟାଳୟର ଶିକ୍ଷୟତ୍ରୀ ଅଞ୍ଜଳି ମହାପାତ୍ର, ନିହାରିକା ଦାସ, ସଂଯୁକ୍ତା ବିହାରି, ସୁଶ୍ରୀ ସଂଗୀତା ପଣ୍ଡା, ସନ୍ଧ୍ୟାରାଣୀ ସେଠି, ମହିମା ପ୍ରିୟଦର୍ଶନୀ ସାହୁ, ସମିତିର ସମ୍ପାଦିକା ଜୟନ୍ତୀ ଜେନା, ସହ ସମ୍ପାଦିକା ଜେମମିଣୀ କରଙ୍କ ସହିତ ପଚାଶରୁ ଉର୍ଦ୍ଧ ଛାତ୍ରୀ ଯୋଗଦାନକରି ସଚେତନତା କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜାତୀୟ କ୍ରୀଡାରେ ବୈଷୟିକ କାର୍ଯ୍ୟକର୍ତ୍ତା ଭାବେ ରତବିକ ମନୋନୀତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଭାରତୀୟ ଅଲମ୍ପିକ ଆସୋସିଏସନ ଆନୁକୂଲ୍ୟରେ ଉତ୍ତରାଖଣ୍ଡର ରିଷିକେଶ ଠାରେ ହେବାକୁ ଯାଉଛି ୩୮ତମ ଜାତୀୟ କ୍ରୀଡା ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ହ୍ୟାଣ୍ଡବଲ ଏବଂ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ତଥା ରାଜ୍ୟ ହ୍ୟାଣ୍ଡବଲ ସଂଘର ଉପସଭାପତି ରତବିକ ଅଧିକାରୀ ବୈଷୟକ କାର୍ଯ୍ୟକର୍ତ୍ତା ଭାବେ



ଭାରତୀୟ ଅଲିମ୍ପିକ ଆସୋସିଏସନ ସଭାପତି ପି ଟି ଉଷାଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଶ୍ରୀ ଅଧିକାରୀ ଏହି ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଭୁବନେଶ୍ୱରରୁ କଳିଙ୍ଗ ଉତ୍କଳ ଏକ୍ସପ୍ରେସରେ ରିଷିକେଶ ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି।

# ସାଧାରତନ୍ତ୍ର ଦିବସ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଚଳିତ ମାସ ୨୬ତାରିଖରେ ପାଳନ ହେଉଥିବା ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନକେ ସ୍ଥିତ ପେରେଡ ପଡିଆ ଠାରେ ଏକ ବନ୍ଧୁତ୍ୱ କ୍ରିକେଟ ମ୍ୟାଚର ଆୟୋଜନ କରାଯାଇଥିଲା। ଏହି ମ୍ୟାଚଟି ଉମରକୋଟ ତହସିଲ ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ଉକ୍ତ ମ୍ୟାଚ ଟି ୧୫ଓଭର ଲେଖାଏଁ ଖେଳାଯାଇଥିଲା। ପ୍ରଥମେ ଓକିଲ ଏକାଦଶ ଟସ୍ ଜିତି ବେଟିଂ କରି ନିର୍ଦ୍ଧାରିତ ୧୫ଓଭର ଖେଳି ୭ ୱିକେଟ ହରାଇ ୧୨୨ରନ କରିଥିଲେ। ଜବାବରେ ତହସିଲ ଏକାଦଶ ୧୧ଓଭର ଖେଳି ୪ ୱିକେଟ ହରାଇ ୧୨୪ରନ କରି ବିଜୟୀ ହୋଇଥିଲେ। ତହସିଲଦାର ମେଗବାନ ବାଗ ମ୍ୟାଚର ଶ୍ରେଷ୍ଠ ଖେଳାଳି ରୂପେ ବିବେଚିତ ହୋଇଥିଲେ। ସାଧାରଣତନ୍ତ୍ର ଦିବସ ଅର୍ଥାତ ୨୬ ତାରିଖ ଦିନ ମ୍ୟାଚର ବିଜେତା, ଉପବିଜେତା ଓ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏହି ବନ୍ଧୁତ୍ୱ ମ୍ୟାଚଟିକୁ ସତ୍ୟ ନାରାୟଣ ଦାସ ଓ ସୁନୀଲ ଜେନା ପରିଚାଳନା କରିଥିଲେ।



# ସାଧାରଣତନ୍ତ୍ର ଦିବସ ଅବସରରେ ଅଭ୍ୟାସ ପ୍ୟାରେଡ୍



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୁଡ଼ାନ୍ତି ପର୍ଯ୍ୟାୟରେ ପହଞ୍ଚିଛି । ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ଅଭ୍ୟାସ ପ୍ୟାରେଡରେ ୨୩ଟି କ୍ୟାଡେଟ ଅଂଶ ଗ୍ରହଣ କରୁଥିବା ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ବିଶେଷକରି ଏନସିସି କ୍ୟାଡେଟ,ଏୟାର ୱିଙ୍ଗ୍, ଆର୍ମି ୱିଙ୍ଗ୍ ଓ ନେଭାଲ୍ ୱିଙ୍ଗ୍, ବିଭିନ୍ନ ବିଦ୍ୟାଳୟର ରେଡକ୍ରସ ୟୁନିଟ, ସ୍କାଉଟ ଗାଇଡ୍, ସିଭିଲିଆନ୍ ଆଦି ବିଭିନ୍ନ ୟୁନିଟ ପକ୍ଷରୁ ଜୋରଦାର ପ୍ୟାରେଡ ଅଭ୍ୟାସ କରାଯାଇଛି। ଶୁକ୍ରବାର ଚୁଡାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଶିବିର ଆୟୋଜିତ ହୋଇଛି। ଏଥିପାଇଁ ସ୍ଥାନୀୟ ଏନ୍ଏସି ପକ୍ଷରୁ ପୂର୍ବରୁ ଦୁଇଟି ଟ୍ୟାଙ୍କର ସହାୟତାରେ ପଡ଼ିଆରେ ପାଣି ସିଞ୍ଚନ କରାଯାଇଛି। ଏଣୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଚଳିତବର୍ଷ ଏହି ଜାତୀୟ କାର୍ଯ୍ୟକ୍ରମ ଯେପରି ଅଧିକ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ଭରପୁର ପ୍ରୟାସ କରୁଥିବା ସୂଚନା ଅଧିକାରୀ ଗୌରୀଶଙ୍କର ଶତପଥୀ ଉଲ୍ଲେଖ କରିଛନ୍ତି। ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ପଡ଼ିଆରେ ପାଣି ସିଞ୍ଚନ କରାଯିବ। ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅନୁଷ୍ଠିତ ହୋଇଯାଇଛି । ୨ ଓଡ଼ିଶା ବାଟାଲିୟନର ଏନ୍‌ସିସି ଆର୍ମି ଉଇଙ୍ଗ୍ ସେକେଣ୍ଡ ଅଫିସର ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ, ସୁରେଶ ପ୍ରଧାନ, ବିରୁପାକ୍ଷ ପଣ୍ଡା ଓ ଶ୍ରୀ ମିଶ୍ର ବିପ୍ଳବ ବୀର ତଥା ଭାରତମାତାଙ୍କ ଅନ୍ୟତମ ଯୋଗଜନ୍ମା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଗାଥା ସଂପର୍କରେ ବର୍ଣ୍ଣନା କରିଥିଲେ । କତିପୟ ବି ଏଡ୍ ଗୁରୁ ଛାତ୍ର ଛାତ୍ରୀ ଓ ୟୁ ବି ହାଇସ୍କୁଲ୍‌ର କେତେକ ଛାତ୍ର ଛାତ୍ରୀ ମଧ୍ୟ ଉଭୟଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପ ପ୍ରଜ୍ୱଳନ କରିଥିଲେ । ଶ୍ରୀ ନାହାକ ନେତାଜୀଙ୍କ ଜୀବନାଦର୍ଶ ସଂପର୍କିତ ବିବରଣୀ ଦେଇଥିଲେ ଓ ଶ୍ରୀ ମିଶ୍ର 'ପରାକ୍ରମ ଦିବସ' ବିଷୟରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ମାଧବରୁ କଟକକୁ ଗଡ଼ିଲା ମୋ ବସ



ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳିର ପ୍ରସିଦ୍ଧ ଠାକୁର ପ୍ରଭୁ ଜଗନ୍ନାଥଙ୍କ ମାମୁଘର ମାଧବରୁ କଟକକୁ ମୋ ବସ ଗଡିଛି। ଦୀର୍ଘ ଦିନ ହେବ ହୋଇଆସୁଥିବା ଦାବି ଆଜି ପୂର୍ଣ୍ଣ ହୋଇଛି। ମନ୍ଦିର ଟ୍ରଷ୍ଟର ପ୍ରଶାନ୍ତ କୁମାର ଗୋସ୍ୱାମୀଙ୍କ ଉପସ୍ଥିତିରେ ବସ ଗଡ଼ିଥିଲା। ଅନ୍ୟ ମାନଙ୍କ ମଧ୍ୟରେ କୈଳାସ ପାଣି, ପ୍ରଭାକର ଦୀକ୍ଷିତ, କୃଷ୍ଣଚନ୍ଦ୍ର ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ବିଶ୍ୱକଲ୍ୟାଣ ପୁଷ୍ପାଳକ, କିଶୋର ଚନ୍ଦ୍ର ପାଣି, ତ୍ରିଲୋଚନ ବେହେରା, ପିତାମ୍ବର ରାଉତ, ମାନସ ସ୍ୱାଇଁ ସମେତ ମାଧବ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ମାଧବରୁ କଟକକୁ ବସ ଗଡ଼ିବା ପରେ ଅଞ୍ଚଳ ବାସୀଙ୍କ ମଧ୍ୟରେ ଖୁସିର ଲହଡି ଖେଳିଯାଇଛି।

# ମନେପଡ଼େ ପିଲାଦିନ କାର୍ଯ୍ୟକ୍ରମ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ 'ମନେପଡ଼େ ପିଲା ଦିନ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇ ଥିଲା। ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପୁରୁଣା ଜିନିଷ ଓ ପୁରୁଣା ସଂସ୍କୃତିକୁ ଆମେ ଭୁଲିବାକୁ ବସିଥିବା ବେଳେ ଆଜିର ପିଲାମାନେ ଏଥିପ୍ରତି ପୂରା ଅଜ୍ଞ ଅଛନ୍ତି। ସେହି ପିଲାମାନଙ୍କୁ ଏ ସଂପର୍କରେ ବ୍ୟାପକ ଭାବେ ଜାଣିବା ପାଇଁ ପୋଷ୍ଟକାର୍ଡ଼, ଇନଲ୍ୟାଣ୍ଡ୍ ଲେଟର, ଲଫାପା, ବ୍ୟାଟେରି ଟର୍ଚ୍ଚ, ପେଟ୍ରୋମାକ୍ସ ଲାଇଟ, ଚୁଙ୍ଗି, ଚିମିନି, ଲଣ୍ଠନ, କଳାଧଳା ଟିଭି, ରେଡ଼ିଓ, କାଳିକଲମ, କାଠ ହଳଲଙ୍ଗଳ, ଗହୁଣୀ, କଠା, ଶଗଡ଼ ଗାଡ଼ି, ଆଦିବାସୀ ଅଳଙ୍କାର, ଶିଙ୍ଗ ପାନିଆ ଇତ୍ୟାଦି ବହୁ ଜିନିଷ ଓ ତାର ବ୍ୟବହାର ସଂପର୍କରେ ଦୀପକ କୁମାର ଦାସ, ରଣଜିତ ମହାନ୍ତି, ମଳୟ ମଞ୍ଜରୀ ରଥ, ବୀଣାପାଣି ବାରିକ, ବେଣୁଧର ବେହେରା, ରିନା ଷଡଙ୍ଗୀ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ସୋନାକ୍ଷୀ ଦଣ୍ଡପାଟ, ମଧୁସ୍ମିତା ବାରିକ, ଶୁଭଜିତ ଶୁଭଙ୍କର ରାଉତ, ସୁମନ ବେହେରା, ବୃନ୍ଦାବତୀ ନାଏକ, ସୌଭାଗ୍ୟବତୀ ରାଉତ ଓ କବିତା ପତି ବୁଝାଇଥିଲେ। ପ୍ରଥମେ ନମ୍ରତା ବାରିକ, ସବିତା ମହାନ୍ତି, ପ୍ରତିଭା ପାତ୍ର, ଶ୍ୱେତଲିନା ମିଶ୍ର, ନିହାରୀକା ପାତ୍ରଙ୍କ ଦ୍ୱାରା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋ ଚିତ୍ରରେ ପୂଜା ଅର୍ଚ୍ଚନା ଓ ମାଲ୍ୟାର୍ପଣ କରାଯାଇ ଥିଲା। 'ରାଷ୍ଟ୍ରର କଲ୍ୟାଣ ପାଇଁ ଦୁଇ ମହାତ୍ମାଙ୍କ ଭୂମିକା' ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କବି କାର୍ତ୍ତିକ ସେଠୀ ପରିଚାଳନା କରିଥିଲେ। ଏଥିରେ ସତ୍ୟଜିତ୍ ପଣ୍ଡା ପ୍ରଥମ, ଜଗଦୀଶ୍ ଉପାଧ୍ୟାୟ ଦ୍ୱିତୀୟ ଓ ପ୍ରିୟଦର୍ଶନୀ ଭଞ୍ଜବାବୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ପୂଜା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଅନୁଷ୍ଠାନର ଉଦ୍‌ଘାଟନ କଲେ ସାଂସଦ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ପଡ଼ିଆ ବ୍ଲକ୍ ଗସ୍ତକରି ବିଭିନ୍ନ ଅନୁଷ୍ଠାନର ନୂତନ ଗୃହଗୁଡିକ ଉଦ୍‌ଘାଟନ କରିଥିଲେ। ଏଥି ମଧ୍ୟରେ ୧ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ବାପନପଲ୍ଲୀ ପଞ୍ଚାୟତ ସଦର ସ୍ଥିତ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପରିସରରେ ନିର୍ମିତ ଛାତ୍ରୀନିବାସ, ପଡ଼ିଆ ସଦର ମହକୁମାରେ ୨୫ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ଏବଂ ୮ ଲକ୍ଷରେ ନିର୍ମିତ ପାଠାଗାର ଓ ନୂତନ ଡାକଘର ଶ୍ରୀ ମାଝୀ ଉଦ୍‌ଘାଟନ କରିଥିଲେ । ତାଙ୍କ ସହ ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଏଡିଏମ୍ ବେଦବର ପ୍ରଧାନ, ଡାକ ବିଭାଗ ଉପଖଣ୍ଡ ଇନ୍ସପେକ୍ଟର ରାଜବେନ୍ଦ୍ର ପଣ୍ଡା ପଡିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯମୁନା ମୂଷାକି, ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓ, ବାପନପଲ୍ଲୀ ସରପଞ୍ଚ ମେଡ଼ା ବାଗାମ, ପଡିଆ ସରପଞ୍ଚ ଗଙ୍ଗା କାରାମ,ବିଧାୟକ ପ୍ରତିନିଧି ମନ ଦୀପନ ରାୟ, ଡାକ ବିଭାଗ ଓଭରସିଅର ବିଜୟ କୁମାର ପାତ୍ର ଏବଂ ରାଜାରାମ ମାଦ୍ରୀ ପ୍ରମୁଖ ଯୋଗଦେଇଥିଲେ ।

# ୧୯୯୦ ବ୍ୟାଚ୍ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ସ୍ଥିତ ନଅରବୁଢ଼ୀ ଠାକୁରାଣୀଙ୍କ ପୀଠରେ ଚୌଦ୍ୱାର କଲେଜର ୧୯୯୦ ବ୍ୟାଚ୍ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ପୂର୍ବତନ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ଭୂୟାଁ, ପବିତ୍ର ଭୂୟାଁ, ପ୍ରମୋଦ ଜେନା ଓ ଶୁଭ୍ରାଂଶୁ ଦସ ଯୋଗ ଦେଇ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହ ସ୍ୱାସ୍ଥ୍ୟ ଭଲ ରହିଲେ ଆମେ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିପାରିବା ବୋଲି ମତବ୍ୟକ୍ତ କରିବା ସହ ବୟସ୍କ ପିତାମାତାଙ୍କ ପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏ ଅବସରରେ ଦିବଂଗତ ସହପାଠୀ ଦିଲ୍ଲୀପ ଭୂୟାଁଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ସ୍ୱାଇଁ, ସ୍ନିଗ୍ଧା ସାହୁ, ଭୁବନାନନ୍ଦ ବଳ ପରିଚାଳନା କରିଥିବା ବେଳେ ସ୍ନିଗ୍ଧା ନାୟକ, ସୁଷମା ଦାସ, ସୁନୀତା ଦାସ, ସୁନିତା ମିଶ୍ର, ସୁଚିତ୍ରା ବିଶ୍ୱାଳ, ପ୍ରତିମା ଓଝା, ଅନିତା ବେହେରା, ନିରୁପମା ତରାଇ, ବିନୋଦିନୀ ଦାସ, ଆରତୀ ସ୍ୱାଇଁ, ମିନତୀ ଦାସ, ସୁକାନ୍ତ ବିଶ୍ୱାଳ, ଜୟନ୍ତ ପରିଡ଼ା, ପ୍ରାଣକୃଷ୍ଣ ମିଶ୍ର, ଅକ୍ଷୟ ନାଥ, ସପନ ଅଧିକାରୀ, ହରି ସେଠୀ, ଅଜୟ ସ୍ୱାଇଁ, ପ୍ରାସଦ ମହାନ୍ତି, ରଞ୍ଜନ ସାହୁ, କିଶୋର ମହାନ୍ତି, ମନୋଜ ଦାସ ଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରି ପ୍ରଶଂସିତ ଛାତ୍ରଛାତ୍ରୀ



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଶଙ୍ଖଚିଲା ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀ ଯଥା ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନବମ ଷ୍ଟେଜ୍ ୨ର ପରୀକ୍ଷାର୍ଥୀ ଶ୍ରୀମାନ ମୃତ୍ୟୁଞ୍ଜୟ ସାହୁ କୋରାଇ ବ୍ଲକ ରେ ପ୍ରଥମ ସ୍ଥାନ ହାସଲ କରିଥିଲା ବେଳେ ଷ୍ଟେଜ୍-୧ ଷଷ୍ଠ ଶ୍ରେଣୀର ଛାତ୍ରୀ ତଥା ପିତା ନିରଞ୍ଜନ ମହାକୁଡ଼ ଓ ମାତା ଉମା ରାଣୀ ମହାକୁଡ଼ଙ୍କ ଝିଅ କୁମାରୀ ସଞ୍ଚରିତା ମହାକୁଡ଼ କୋରାଇ ବ୍ଲକରେ ପଞ୍ଚମ ସ୍ଥାନ ହାସଲ କରି ଅଞ୍ଚଳ ପାଇଁ ଶିକ୍ଷା କ୍ଷେତ୍ରରେ ଗୌରବ ଆଣି ବିଦ୍ୟାଳୟର ଗାରିମାକୁ ଦ୍ୱିଗୁଣିତ କରିଛନ୍ତି। ଏଠାରେ ସୂଚନା ଥାଉ କି ପୂର୍ବରୁ ଶ୍ରୀମାନ ସାହୁ ଷଷ୍ଠରେ ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିବା ସହ ରାଜ୍ୟ ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ରେ ଯାଜପୁର ଜିଲ୍ଲାରୁ ଦଶମ ପରୀକ୍ଷାରେ ସେକେଣ୍ଡ ହାଏଷ୍ଟ ନମ୍ବର ରଖି ମୁଖ୍ୟ ମନ୍ତ୍ରୀ ଦ୍ୱାରା ଲୋକ ସେବା ଭବନ ରୁ ପୁରସ୍କୃତ ହୋଇଛନ୍ତି ବୋଲି ତାଙ୍କ ପିତା ମହେନ୍ଦ୍ର କୁମାର ସାହୁ ଓ ମାତା କମଳା ସାହୁ ଖୁସିରେ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ତାଙ୍କ ପିତା ମାତା ଉଭୟେଙ୍କୁ ଉଭୟ ଛାତ୍ର ଛାତ୍ରୀ ଏହାର ଶ୍ରେୟ ଦେଇଥିଲା ବେଳେ ଶ୍ରୀ ସାହୁ ଭବିଷ୍ୟତ ରେ ଆଇଆଇଟି ରେ ଇଞ୍ଜିନିୟରିଂ ପାଠ ପଢିବା ଏବଂ କୁମାରୀ ସଞ୍ଚରିତା ମହାକୁଡ଼ ପେଶାରେ ଜଣେ ଭଲ ଡାକ୍ତର ହୋଇ ସମାଜର ଗରିବ ଲୋକଙ୍କ ସେବା କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଲଗାତର ବୈପ୍ଳବିକ ସଫଳତା ପାଇଁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।




ବୌଦ୍ଧ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଟାଉନହଲ ଠାରେ ଆଜି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ। ଏହି ଅବସରରେ ଅତିଥିମାନେ ବାଳିକାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ସେମାନଙ୍କୁ ପଢ଼ିବାର ସୁଯୋଗ ଦେବା, କନ୍ୟାଭ୍ରୂଣ ନଷ୍ଟ ନକରିବା, କନ୍ୟାରତ୍ନକୁ ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବେଟି ବଚାଓ ବେଟି ପଢାଓ ନାରା ଥିବା ଏକ ଦସ୍ତଖତ ଅଭିଯାନରେ ସମସ୍ତେ ନିଜ ନିଜ ଦସ୍ତଖତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ରୂପକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨ବର୍ଷ ତଳେ ମିଳିଥିବା ଅନୁଦାନରେ
# ନିର୍ମାଣ ହୋଇ ପାରୁନି ମିଶନଶକ୍ତି ଗୃହ

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତକୁ ମିଶନଶକ୍ତି ଗୃହ ପାଇଁ ୨ବର୍ଷ ତଳେ ଅନୁଦାନ ମିଳିଥିଲା। ମାତ୍ର ଅଦ୍ୟାବଧି କେତେକ ପଞ୍ଚାୟତରେ ମିଶନଶକ୍ତି ଗୃହ ନିର୍ମାଣ ହୋଇ ପାରିନାହିଁ। ଯେଉଁଥିପାଇଁ ମହିଳା ମଣ୍ଡଳ ଓ ପଞ୍ଚାୟତ ମହିଳା ସଂଘର କର୍ମକର୍ତ୍ତାମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ତିହିଡ଼ି ବ୍ଲକ ଅଧୀନ କୁବେରା, ହରସିଂହପୁର, ଦୌଲତପୁର, ଅଚକ, ନୂଆନନ୍ଦ, ସାହାପୁର ଆଦି ୬ଟି ପଞ୍ଚାୟତକୁ ମିଶନଶକ୍ତି ଗୃହ ନିର୍ମାଣ ପାଇଁ ୩୦ଲକ୍ଷ ଲେଖାଏଁ ଅନୁଦାନ ଯୋଗାଇ ଦିଆଯାଇଥିଲା। ମିଶନଶକ୍ତି ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ସେଥି ମଧ୍ୟରୁ ଅଚକ ଓ ସାହାପୁର ପଞ୍ଚାୟତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ନୂଆନନ୍ଦ ପଞ୍ଚାୟତରେ ଛାତ ପଡ଼ି ରହିଛି। ଦୌଲତପୁର ଓ କୁବେରା ପଞ୍ଚାୟତରେ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ସରକାରୀ ଜାଗା ମିଳି ପାରିନାହିଁ। ହରସିଂହପୁର ପଞ୍ଚାୟତରେ ସରକାରୀ ଜାଗା ଚିହ୍ନଟ ହୋଇଥିଲେ ମଧ୍ୟ ସେହି ଜାଗା ଜବର ଦଖଲରେ ଥିବାରୁ ଗୃହ ନିର୍ମାଣ ହୋଇ ପାରୁନାହିଁ। ପ୍ରଶାସନ ପକ୍ଷରୁ ଅବରୋଧମୁକ୍ତ କରାଯିବା ଦିଗରେ ପଦକ୍ଷେପ ନିଆଯିବା ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ତୁରନ୍ତ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଜାଗା ଚିହ୍ନଟ ଓ ଅବରୋଧମୁକ୍ତ କରାଯାଇ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ପଇଡା ଓ ନାରଦିଆ ସହ ୪ଟି ସମିତିରେ ଖୋଲିଲା ଧାନମଣ୍ଡି



ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ପଇଡା, ନାରଦିଆ, ଗୋଡା ଓ ଗଡହରିଶପୁର ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ପଇଡା ସମବାୟ ସମିତିର ସଭାପତି ରମେଶ ସାସମଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ଏରସମା ଶାଖା ପରିଚାଳକ କ୍ଷେତ୍ରମୋହନ ଲେଙ୍କା, ରାଜ୍ୟ ବିଜେଡ଼ି ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସମିତିର ସମ୍ପାଦକ ସରୋଜ କୁମାର ନାୟକ, ସହସମ୍ପାଦକ ଅଭିଜିତ୍ ସ୍ୱାଇଁ, କର୍ମଚାରୀ ପ୍ରଜସୋ କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାରଦିଆ ସମବାୟ ସମିତିର ସଭାପତି ଦୀନକୃଷ୍ଣ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସୀମାଇ ଚରଣ ଭୋଳ, ସରପଞ୍ଚ ଗଦାଧର ମଲ୍ଲିକ, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସମାଜସେବୀ ମହେନ୍ଦ୍ର ସେନାପତି, ସମିତିର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସେଠୀ ଓ ପ୍ରସାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୋଡା ସମବାୟ ସମିତିର ସଭାପତି ରାମଚନ୍ଦ୍ର ହାତୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ଥାନୀୟ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ରାଜ୍ୟ ବିଜେଡ଼ି ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସମାଜସେବୀ ରବିନ୍ଦ୍ରନାଥ ନାୟକ, ସମିତିର ସମ୍ପାଦକ ସୂର୍ଯ୍ୟକାନ୍ତ ଲେଙ୍କା, କର୍ମଚାରୀ ତରୁଣ ମଣ୍ଡଳ, ସିଦେଶ୍ୱର ବିଶ୍ୱାଳ, ସଞ୍ଜୟ ଦାସ ଓ ଅଭିଳାଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଡହରିଶପୁର ସମବାୟ ସମିତିର ସଭାପତି ସୁଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ରାଜ୍ୟ ବିଜେଡ଼ି ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସମିତିର ସମ୍ପାଦକ ସରୋଜ କୁମାର ନାୟକ, ସହ ସମ୍ପାଦକ ନକୁଳା ନନ୍ଦ ମଣ୍ଡଳ, କର୍ମଚାରୀ ପ୍ରଶାନ୍ତ ମଣ୍ଡଳ, ସୋରୁପ ଦାସ, ଜଟାଧାରୀ ଗୁଡିଆ, ଭିମସେନ ରାଉତ, ନନୀ ଗୋପାଳ ଜେନା, ସନ୍ତୋଷ କୁମାର ଦାସ ଓ ଚନ୍ଦନ ବେହେରା ପ୍ରମୁଖଙ୍କ ସମେତ ଚାରୋଟିଯାକ ସମବାୟ ସମିତିର ସଭ୍ୟ / ସଭ୍ୟା ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଆଳି ବିକାଶ ମଞ୍ଚ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଆଳି ନମୌଜା ହାଇସ୍କୁଲରେ ଆଳି ବିକାଶ ମଞ୍ଚ ଭୁବନେଶ୍ୱର କଟକ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ଡାକ୍ତର ରମେଶ ଚନ୍ଦ୍ର ଦାଶ ଏବଂ ଧରଣୀଧର ପାଣ୍ଡବଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ଦେଖିବାକୁ ମିଳିଥିଲା। କଟକସ୍ଥିତ ସୃଷ୍ଟି ହସ୍ପିଟାଲ ଓ ଭୁବନେଶ୍ୱରର ଅଭିଜ୍ଞ ଭେଷଜ, ଅସ୍ଥିଶଲ୍ୟ ମେଡ଼ିସିନ, ଶିଶୁ ବିଭାଗ, ଆଣ୍ଠୁ ବିଭାଗ, ଆଖି ଓ ଛାତି, ଶ୍ୱାସ ଇତ୍ୟାଦି ରୋଗୀମାନଙ୍କୁ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଯେଉଁମାନେ ଅର୍ଥ ଅଭାବରୁ ରୋଗରେ ପଡି ହଇରାଣ ହେଉଛନ୍ତି ସେମାନଙ୍କୁ ମଧ୍ୟ ବିନା ପଇସାରେ ମେଡିକାଲ ପର୍ଯ୍ୟନ୍ତ ନିଆଯାଇ ରୋଗୀର ସମସ୍ତ ସହାୟତା ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି ଶିବିରରେ ଆଳି ବିକାଶ ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ଦାସ, ସାଧାରଣ ସମ୍ପାଦକ ତ୍ରିଲୋଚନ ଧଳ, ସଂଗଠନ ସମ୍ପାଦକ ପ୍ରଶାନ୍ତ ପଲାଇ ଓ ଦିଲ୍ଲୀପ ପରିଡ଼ା, ଉଦୟନାଥ ଦାଶ, ସଡକବନ୍ଧୁ ସୁଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ତଥା ସମାଜସେବୀ ସରୋଜିନୀ ରାଉତ ମହାନ୍ତି ଓ ନମୌଜା ସହଦେବ ଦାସ ସେବା ସଂସ୍ଥାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସଫଳତାର ସହ ସୁପରିଚାଳନା କରିଥିଲେ।

## ପୁସ୍ତକ ଉନ୍ମୋଚନ ଓ ସ୍ମୃତି ସଭା କାର୍ଯ୍ୟକ୍ରମ



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ଗ୍ରାମ ପଞ୍ଚାୟତର ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସମ୍ପାଦକ ପୁରୁଷୋତ୍ତମ ସାହୁଙ୍କ ସ୍ମୃତିଚାରଣ ଓ ତାଙ୍କ ଜୀବନୀ ଉପରେ ଲିଖିତ ଏକ ପୁସ୍ତକ ଉନ୍ମଚିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଅଧକ୍ଷ ଡ. ଦିଲ୍ଲୀପ କୁମାର ସେନାପତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁକାନ୍ତ କୁମାର ପୃଷ୍ଟି, ତର୍କଶାସ୍ତ୍ର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ଉମାଶଙ୍କର ନାୟକ, ସ୍ୱର୍ଗତ ସାହୁଙ୍କ ସୁପୁତ୍ର ମାନସ ରଞ୍ଜନ ସାହୁ, ପୁତ୍ରବଧୂ ସୁନିତା ସାହୁ ଏବଂ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟ ପ୍ରତି ତାଙ୍କର ମହାନତା, ବିଭିନ୍ନ କାର୍ଯ୍ୟାବଳୀ ଓ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଚର୍ଚ୍ଚାରେ ବିକାଶ ମଞ୍ଚ ମୁରିବାହାଲ



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁସୁରା ମୁଣ୍ଡା ଗ୍ରାମର ବିଷ୍ଣୁ କାଣ୍ଡଙ୍କ ପୁଅ ଦିକେଶ କାଣ୍ଡ କ୍ୟାନସର ରୋଗରେ ପୀଡ଼ିତ ହୋଇ ଦୀର୍ଘ ୨୫ ମାସ ଧରି କଟକସ୍ଥିତ କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ କିନ୍ତୁ ଶିଶୁ କ୍ୟାନସର ଅପରେସନର ବ୍ୟବସ୍ଥା ନଥିବାରୁ ସେଠାକାର ଡାକ୍ତର ବାହାର୍ ରାଜ୍ୟର କ୍ୟାନସର ହସ୍ପିଟାଲ୍‌ରେ ଅପରେସନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କ୍ୟାନସରରେ ପୀଡ଼ିତ ଥିବା ଦିକେଶଙ୍କ ବାପା ଗରିବ ଶ୍ରେଣୀର ହୋଇଥିବାରୁ ବାହାର ରାଜ୍ୟରେ ଚିକିତ୍ସା କରିବା ପାଇଁ ହାରାହାରି ୩୦ରୁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବା ପରେ ବାପା ବିଷ୍ଣୁ କାଣ୍ଡ ଧୈର୍ଯ୍ୟହରା ହୋଇ ପଡ଼ିଥିଲେ। ପରେ ବିକାଶ ମଞ୍ଚ ମୁରିବହାଲ ଏହା ଜାଣି ବିକାଶ ମଞ୍ଚର କର୍ମକର୍ତ୍ତାମାନେ ତାଙ୍କ ଘରକୁ ଯାଇ ସମସ୍ତ ତଥ୍ୟ ପଚାରି ବୁଝିଥିଲେ ଏବଂ ସହଯୋଗର ହାତ ବଢ଼ାଇ ଅନେକ ମିଡ଼ିଆ, ବିଭିନ୍ନ ସଂସ୍ଥା, ସୋସାଇଟି, କଲେଜ, ଦୟାଶୀଳ ବ୍ୟକ୍ତି ବିଶେଷଙ୍କୁ ଜଣାଇ ସାହାଯ୍ୟ କରିବା ପାଇଁ ନିବେଦନ କରିଥିଲେ। ଲକ୍ଷାଧିକ ଅର୍ଥ ରାଶି ଆବଶ୍ୟକ ପଡୁଥିବାରୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଭେଟି ମଧ୍ୟ ଶିଶୁ ଦିକେଶ କାଣ୍ଡର ଚିକିତ୍ସା ପାଇଁ ସାହାଯ୍ୟ ଲୋଡା ଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଯୋଗାଯୋଗ କରାଯାଇ ୩୦ଲକ୍ଷର ଅନୁଦାନ ମଧ୍ୟ ବିକାଶ ମଞ୍ଚ ମୁରିବାହାଲଙ୍କ ତରଫରୁ ଅନୁମୋଦନ କରାଯାଇଥିଲା। ବିକାଶ ମଞ୍ଚର ସଭାପତି ଫାଲଗୁନୀ ହାତୀ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ନେଇ ଚିକିତ୍ସା କରିଥିଲେ। ଶିଶୁର ଶରୀର ଦୁର୍ବଳଥିବାରୁ ଅନ୍ୟ ହସ୍ପିଟାଲ୍‌ରେ ସିମଟନ ଚିକିତ୍ସା କରି କି ଆଣି ତା' ପରେ ଏଠାରେ କ୍ୟାନସର ଅପରେସନ କରାଯିବ ବୋଲି ସେଠାକାର ଡାକ୍ତର କହିଥିଲେ। ପରେ ରାୟପୁରସ୍ଥିତ ଏକ ହସ୍ପିଟାଲ୍‌ରେ ଚିକିତ୍ସା ଯାଉଥିଲା। ଘରକୁ ଛୁଟିରେ ଆସି ଦୁଇଦିନ ନଯାଇ ଶିଶୁଟିର ମୃତ୍ୟୁ ହୋଇଥିବା ଶୁଣି ବିକାଶ ମଞ୍ଚ ମୁରିବାହାଲର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି।

## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ
# ଆଞ୍ଜେଲ ଚଳଚ୍ଚିତ୍ରର ପ୍ରମୋସନ କଲେ ଶିଶୁ କଳାକାର ସାଇତ୍ରିଷ୍ଣା



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ଫେବୃଆରୀ ମାସ ୭, ୮ ଓ ୯ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସ୍ଥାନୀୟ ଓ ରାଜ୍ୟ ବାହାରର ନାମୀ କଳାକାରମାନେ ସେମାନଙ୍କ ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିବେ। ତେବେ ଏହି ତିନିଦିନ ବ୍ୟାପି କାର୍ଯ୍ୟକ୍ରମକୁ ସରସ, ସୁନ୍ଦର ଓ ସଫଳ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଆଲୁମ୍ନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ଆସୋସିଏସନର ସାଧାରଣ ସମ୍ପାଦକ ଗୌତମ କୁମାର ନାୟକ, ଉପସଭାପତି ସୁଶାନ୍ତ ଶେଖର ସ୍ୱାଇଁ, ସଂଯୋଜକ ଅଧାପକ ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ସମେତ ଶତାଧିକ ପ୍ରାକ୍ତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଖସଡ଼ା ପ୍ରସ୍ତୁତ କରିବା ସହ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବହୁ ସଂଖ୍ୟାରେ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେବା ପାଇଁ ଅନୁରୋଧ କରିଥିଲେ। ତେବେ ଏହି ପ୍ରସ୍ତୁତି ବୈଠକ ଅବସରରେ ଆସନ୍ତା ଜାନୁଆରୀ ୩୧ ତାରିଖରେ ମୁକ୍ତିଲାଭ ହେବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର ଆଞ୍ଜେଲର ଶିଶୁ କଳାକାର ତଥା ପାରାଦୀପ ଅଞ୍ଚଳର ଝିଅ ସାଇତ୍ରିଷ୍ଣା ସାହାଣୀ ଏହାର ପ୍ରମୋସନ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ତିହିଡ଼ି (ଭାସ୍କର ନ୍ୟୁଜ୍) : ତିହିଡ଼ି ଥାନା ମହରମପୁର ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମର ଆଶିଷ କୁମାର ଭଂଜ (୨୮) ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ମୃତ ଯୁବକଙ୍କର ମାମୁ ବିଜୟ ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୁଲିସ ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ନମିତା ଧଳ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସଆଇ ଅରୁନ୍ଧତୀ ବେହେରା ଓ ପ୍ରବୀଣ ଗିରି, ଏଏସଆଇ କମଳକାନ୍ତ ଶତପଥିଙ୍କ ସହିତ ସାଇଣ୍ଟିଫିକ୍ ଟିମ୍ ଏଏସଓ ସଂଗୀତା ହାଁସଦା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସରପଞ୍ଚ ତାପସ ବେହେରା, ସମିତିସଭ୍ୟ ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ଭଦ୍ରକରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଆଶିଷ ରାତିରେ ଘରେ ଶୋଇଥିଲା। ମାତ୍ର ଶୁକ୍ରବାର ସକାଳେ ତାଙ୍କ ଘର ନିକଟରେ ଥିବା ଏକ କରଞ୍ଜ ଗଛରେ ଆଶିଷର ମୃତଦେହ ଝୁଲୁଥିବାର ଦେଖିବାକୁ ମିଳିଥିଲା।

## ଜାତୀୟ ଭୋଟର ଦିବସ ଉପଲକ୍ଷେ ଶପଥ ପାଠ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଆଜି ଜାତୀୟ ଭୋଟର ଦିବସ ଉପଲକ୍ଷେ ଭୋଟର ଶପଥ ପାଠ କରାଇଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା। ଆସନ୍ତା କାଲି ଜାନୁଆରୀ ୨୫ ତାରିଖ ଜାତୀୟ ଭୋଟର ଦିବସ ଥିବାବେଳେ ଚତୁର୍ଥ ଶନିବାର ସରକାରୀ ଛୁଟି ଥିବାରୁ ଆଜି ଭୋଟର ଶପଥ ପାଠ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଭୋଟର ଭାବରେ ଗଣତନ୍ତ୍ରରେ ପୂର୍ଣ୍ଣ ଆସ୍ଥା ରଖିବା ସହ ସମସ୍ତ ମତଦାନରେ ମୁକ୍ତ ଓ ଅବାଧ ଭାବରେ ମତଦାନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପଣ୍ଡା ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ ଓ ବିଭିନ୍ନ ଉପବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟମାନଙ୍କରେ ମଧ୍ୟ ଅନୁରୂପ ଭାବେ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି।





## ପ୍ରତିଷ୍ଠା ହେଲା ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର

କରଞ୍ଜିଆ (ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ୍ ଅନ୍ତର୍ଗତ ରରୁଆଁ ଶୁକୃଳି ରାସ୍ତାର ଭଣ୍ଡନ ନଦୀ କୂଳରେ ନିର୍ମାଣ ହୋଇଥିବା ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରର ଆଜି ପ୍ରତିଷ୍ଠା ହୋଇଛି। ପୂର୍ବରୁ ସ୍ୱପ୍ନେଶ୍ୱର ମହାଦେବ ଖୋଲା ଆକାଶ ତଳେ ପୂଜା ପାଉଥିଲେ। ତେବେ ରରୁଆଁର ଅବସରପ୍ରାପ୍ତ ଶିକ୍ଷକ ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀଙ୍କ ପ୍ରଚେଷ୍ଟାରେ ମହାଦେବ ସ୍ୱପ୍ନେଶ୍ୱରଙ୍କ ପାଇଁ ମନ୍ଦିର ନିର୍ମାଣ ଶେଷ ହୋଇଥିଲା ଏବଂ ଆଜି ମନ୍ଦିରର ପ୍ରତିଷ୍ଠା ହୋଇଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଭଣ୍ଡନ ନଦୀରୁ କଳସରେ ଜଳ ଆଣି ହୋମ ଯଜ୍ଞ ହୋଇଥିବା ଦେଖିବାକୁ ମିଳିଛି। ମନ୍ଦିର ପ୍ରତିଷ୍ଠା ସମୟରେ ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀ ଏବଂ ବଡ଼ ପୁଅ ରିତେଶ ଦାସ ଅଧିକାରୀ ଉପସ୍ଥିତ ଥିଲେ।


## ଉନ୍ନତମାନର ବିହନ ଉତ୍ପାଦନ କରି ଯୁବଚାଷୀ ମୁକେଶ ସମ୍ବର୍ଦ୍ଧିତ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ସଫଳ ଯୁବଚାଷୀ ମୁକେଶ ଧଳ ବୈଜ୍ଞାନିକ ପଦ୍ଧତିରେ ଚାଷକରି ଉନ୍ନତମାନର ଓ ଅଧିକ ଅମଳକ୍ଷମ ଧନିଆ, ବିନ୍, କାଙ୍କଡ଼ ବିହନ ଉତ୍ପାଦିତ କରି ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ର ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଗତକାଲି ଭୁବନେଶ୍ୱର ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଆଞ୍ଚଳିକ ଗବେଷଣା ସଂସ୍ଥାନ କେନ୍ଦ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର ଠାରେ ପୂର୍ବ ଏବଂ ଉତ୍ତର ପୂର୍ବଭାରତୀୟ ପାର୍ବତ୍ୟାଞ୍ଚଳରେ 'ବିହନ ବିପଣନ ପରିଚାଳନା: ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଭାରତୀୟ ଉଦ୍ୟାନ କୃଷି ଗବେଷଣା ପରିଷଦର ମୁଖ୍ୟ ଡ. ତୁଷାରକାନ୍ତି ବେହେରା, ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ, ଜାତୀୟ ବିହନ ନିଗମର ପୂର୍ବତନ ଅଧିକାରୀ ଡ. ଶୋଭନ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବ ଓ ଉତ୍ତର ପୂର୍ବ ଭାରତରେ ଉଦ୍ୟାନ କୃଷି ସମ୍ବନ୍ଧୀୟ ଫସଲମାନଙ୍କ ବିହନ ଉତ୍ପାଦନ ଓ ବିପଣନ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମର ଯୁବଚାଷୀ ମୁକେଶଙ୍କୁ ଅତିଥିମାନେ ଶ୍ରେଷ୍ଠ ବିହନ ଉତ୍ପାଦନକାରୀ ଚାଷୀ ଭାବରେ ସମ୍ମାନିତ କରିଥିଲେ। ଯୁବଚାଷୀ ମୁକେଶ ଗତ ପାଞ୍ଚବର୍ଷ ଧରି କେନ୍ଦ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ର, ଭୁବନେଶ୍ୱର ସହାୟତାରେ ଉନ୍ନତମାନର ଧନିଆ (ଅର୍କ ଲଶା), ବିନ ( ଅର୍କ ଅର୍ଜୁନ) ଓ କାଙ୍କଡ଼ (ଅର୍କ ଗୌରବ)ର ବିହନ ଉତ୍ପାଦନ କରିଆସୁଛନ୍ତି। ସେ ସୁରକ୍ଷିତ ଚାଷ ସହିତ ସମନ୍ୱିତ ଚାଷ ଆପଣେଇ ଅନ୍ୟ ଯୁବଚାଷୀଙ୍କ ପାଇଁ ଆଦର୍ଶ ହୋଇପାରିଛନ୍ତି।

## ରାଶିଫଳ

ଶନିବାର, ୨୫ ଜାନୁଆରୀ ୨୦୨୫



**ମେଷ:** ଆଜି ଧାଁଧପଡ ଅଧିକ ହେବ। କଥାବାର୍ତ୍ତାରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। କଠିନ ପରିଶ୍ରମ ଅଧିକ ହେବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ଆପଣଙ୍କ ଇଚ୍ଛା ଅନୁଯାୟୀ ବ୍ୟବସାୟ ଚାଲିବ। ଆୟ ଜାରି ରହିବ।




**ବୃଷ:** ଆଜି ତୁମକୁ ସମ୍ମାନ ମିଳିବ। କଠିନ ପରିଶ୍ରମ ଫଳ ଦେବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ରିସ୍କ ନେବାକୁ ସାହସ କର। ବିନିଯୋଗ ଭଲ ହେବ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଶତ୍ରୁ ଏବଂ ଈର୍ଷାପରାୟଣ ବ୍ୟକ୍ତିଙ୍କଠାରୁ ସତର୍କତା ଆବଶ୍ୟକ।




**ମିଥୁନ:** ତୁମେ ପୁରୁଣା ସାଙ୍ଗମାନଙ୍କୁ ଭେଟିବ। ଆପଣ ଉତ୍ସାହଜନକ ସୂଚନା ପାଇବେ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ଆତ୍ମ ସମ୍ମାନ ରହିବ। ଭାଇମାନେ ସମର୍ଥନ ପାଇବେ। ବ୍ୟବସାୟ ଲାଭଦାୟକ ହେବ। ଚାକିରିରେ କାର୍ଯ୍ୟଭାର ରହିବ।



**କର୍କଟ:** ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଉପହାର ଗ୍ରହଣ କରିବା ସମ୍ଭବ ଅଟେ। ବ୍ୟବସାୟ ଯାତ୍ରା ସଫଳ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡରୁ ଅନୁକୂଳ ଲାଭ ମିଳିବ। କିଛି ବଡ କାମ କରିବାରେ ସୁଖ ମିଳିବ।



**ସିଂହ:** ଦୁଷ୍ଟ ଲୋକମାନଙ୍କଠାରୁ ସତର୍କତା ଆବଶ୍ୟକ। ଅପଚୟ ଖର୍ଚ୍ଚ ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ। ହାଲୁକା ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ତୁମର ବ୍ୟବସାୟ ସହିତ ଚାଲ। ଲାଭ ସୁଯୋଗ ମିଳିବ। ନିଜ ବିବେକ ବୁଦ୍ଧି ବ୍ୟବହାର କରନ୍ତୁ।



**କନ୍ୟା:** ଭ୍ରମଣ ଲାଭଦାୟକ ହେବ। ପିଲାଙ୍କ ପାଖରୁ ଖରାପ ଖବର ଆସିପାରେ। ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯିବ। ବ୍ୟବସାୟରୁ ଅନୁକୂଳ ଲାଭ ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ଶୀଘ୍ର ଶୀଘ୍ର କାମ କଲେ ତାହା ନଷ୍ଟ କରିପାରେ।



**ତୁଳା:** ସାମାଜିକ କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇବ। ଏହି ଯୋଜନା ସଫଳ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡରୁ ଲାଭ ମିଳିବ। ଆୟ ବୃଦ୍ଧି ପାଇବ। ତୁମେ ସମ୍ମାନ ପାଇବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**ବିଛା:** ଆଘାତ ଏବଂ ରୋଗ ସମସ୍ୟା ସୃଷ୍ଟି କରିପାରେ। ଆଜି ଅସ୍ଥିରତା ଦେଖାଯିବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ପୂଜା ପାଇଁ ଆଗ୍ରହ ରହିବ। ଆପଣ ସତସଙ୍ଗର ଲାଭ ପାଇବେ। ରାଜନୈତିକ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ଆପଣ ପରିବାର ଏବଂ ସାଙ୍ଗମାନଙ୍କ ସମର୍ଥନ ପାଇବେ। ସୁଖ ରହିବ।



**ଧନୁ:** ଆଘାତ ଏବଂ ଦୁର୍ଘଟଣା ବଡ କ୍ଷତି ଘଟାଇପାରେ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଏହା ଏକ ଶୀଘ୍ର ହେବ। ନକାରାତ୍ମକତା ଜିତିବ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ।



**ମକର:** ଭ୍ରମଣ ଲାଭଦାୟକ ହେବ। ରାଜନୈତିକ ସମର୍ଥନ ହେବ। ସରକାରୀ କାର୍ଯ୍ୟରେ ସୁବିଧା ହେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଘରେ ସୁଖ ଏବଂ ଶାନ୍ତି ରହିବ। ବ୍ୟବସାୟ ଚୁକ୍ତି ହୋଇପାରେ। ଲାଭ ସୁଯୋଗ ଆସିବ। ଅଂଶୀଦାରମାନଙ୍କ ସହଯୋଗ ହେବ। ଅସୁବିଧାରେ ପଡ଼ିପାରନ୍ତି।



**କୁମ୍ଭ:** ଅଯଥା ପାଇଁ ଖର୍ଚ୍ଚ ହେବ। ଚାକିରିରେ ତୁମର କାମକୁ ପ୍ରଶଂସା କରାଯିବ। ଆପଣ ଅଧସ୍ତନମାନଙ୍କ ସହଯୋଗ ପାଇବେ। ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ। ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ। ଶାରୀରିକ ଯନ୍ତ୍ରଣା ସମ୍ଭବ। ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ବୁଦ୍ଧିମାନ ଭାବରେ କାର୍ଯ୍ୟ କର।



**ମୀନ:** ପାର୍ଟି ଏବଂ ପିକନିକ୍ କାର୍ଯ୍ୟକ୍ରମ କରାଯିବ। ସମୟ ଆନନ୍ଦରେ ଅତିବାହିତ ହେବ। ଆପଣ ପ୍ରିୟ ଖାଦ୍ୟର ଲାଭ ପାଇବେ। ସୃଜନଶୀଳ କାର୍ଯ୍ୟ ସଫଳ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଚାକିରିରେ ବୃଦ୍ଧି ଘଟିବ। କାହା ସହିତ ଯୁକ୍ତିତର୍କ ହୋଇପାରେ। ସନ୍ଦେହ ଆପଣଙ୍କୁ ବାଧା ଦେବ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାଟଣାଗଡ, (ଭାସ୍କର ନ୍ୟୁଜ): ପାଟଣାଗଡ ପାଟଣେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି ।ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ନୋଡାଲ ଅଫିସର ଧନଂଜୟ ସେଠ ମୁଖ୍ୟ ଅତିଥି ବାବରେ ଯୋଗ ଦେଇଥିଲେ। ଅଧକ୍ଷା ଭାଗ୍ୟଲତା ମେହେର, ପ୍ରୋଗ୍ରାମ ଅଫିସର ସୁନିତା ମିଶ୍ର, ଶିକ୍ଷା ଅଧ୍ୟାପିକା ସୁମିତା ମିଶ୍ର ମଞ୍ଚାସୀନ ଥିଲେ ।ଏହି ଶିବିରରେ ୩୦୯ ଜଣ ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ତାଲିମପ୍ରାପ୍ତ ପ୍ରଶିକ୍ଷିକା ରୋଜି ପଧାନ ଓ ମୀରାବତୀ ମେହେର ଆଠ ଦିନ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରିଥିଲେ। ସମସ୍ତ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ କିରାଣୀ ଶିବ ପ୍ରସାଦ ପାଢୀ ତଥା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ବୃନ୍ଦଙ୍କ ସହଯୋଗ କ୍ରମେ ଶିବିରଟି ସୁଚାରୁ ରୂପେ ସମ୍ପାଦିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବକୁ ଓଡିଆ ଅଧ୍ୟାପିକା ସାଇକୃପା ଶତପଥୀ ପରିଚାଳନା କରିଥିଲେ। ପରିଶେଷରେ ଆମ ଅନୁଷ୍ଠାନର ବାଣିଜ୍ୟ ଅଧ୍ୟାପକ ଗଜାନନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ସୁବର୍ଣ୍ଣଗିରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର



କନ୍ଧମାଳ, (ଭାସ୍କର ନ୍ୟୁଜ) : କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି। ୫ ଜଣ ଏମବିବିଏସ୍ ଡାକ୍ତର ନିଯୁକ୍ତ ହୋଇଥିଲେ ସୁଦ୍ଧା କାହାର ଦେଖାମିଳୁନି। ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ଦୂର ଦୂରାନ୍ତକୁ ଯାଇ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ଘଟଣା ଯାହାକି କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଦେଖିବାକୁ ମିଳିଛି। ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ସୂଚନା ମୁତାବକ ୫ ଜଣ ଏମବିବିଏସ୍ ଡାକ୍ତର ନିଯୁକ୍ତ ହୋଇଛନ୍ତି। ହେଲେ ଜଣେ ମଧ୍ୟ କେହି ଏଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି। ଯେଉଁଥିପାଇଁ ଅନ୍ୟ ଜଣେ ଆୟୁଷ ଡାକ୍ତର ଶିଥିଳ ମେହେର ଏଠି ରୋଗୀ ସେବା ତୁଲାଉଛନ୍ତି। ଫଳରେ ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଦୂର ଦୂରାନ୍ତରେ ଥିବା କୋଟଗଡ଼, ବାଲିଗୁଡା ଆଦି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି । ହେଲେ ଏନେଇଁ ଆୟୁଷ ଡାକ୍ତରଙ୍କ କହିବା କଥା ଯେ ଏଠି ଯେଉଁ ଦୁଇ ଜଣ ଡାକ୍ତର ଦାୟିତ୍ୱରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଡାକ୍ତର ରାସ ବିହାରୀ ନାୟକ ୨୨ ତାରିଖ ସକାଳୁ ଟ୍ରେନିଂରେ ଯାଇଥିବା ବେଳେ ଅନ୍ୟ ଜଣେ ଡାକ୍ତର ଲାଲ ମୋହନ ମଲିକ ଅପରାହ୍ନରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଦେବେ ବୋଲି ଆୟୁଷ ଡାକ୍ତର କହିବା ସହ ଆଧିକାରୀଙ୍କ ମୌଖିକ ନିର୍ଦ୍ଦେଶ ଥିବାରୁ ସେ ଏଠି ରୋଗୀ ସେବା ଯୋଗାଉଛି ବୋଲି ମଧ୍ୟ କହିଛନ୍ତି। ହେଲେ ୨୨ ତାରିଖ ସନ୍ଧ୍ୟା ୫ ଟା ସୁଦ୍ଧା ଡାକ୍ତର ଲାଲ ମୋହନ ମଲିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେଇନଥିବା ଦେଖିବାକୁ ମିଳିଛି। ତେବେ ବିଶେଷସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାଇ ଡାକ୍ତର ଲାଲ ମୋହନ ମଲିକ କିନ୍ତୁ ଚଳିତ ମାସ ଜାନୁଆରୀ ୧୫ ତାରିଖ ରୁ ୧୮ ତାରିଖ ଯାଏ ଭୁବନେଶ୍ୱର ଟ୍ରେନିଂ ଯିବାପାଇଁ ବିଭାଗ ଚିଠି ଆଦେଶ ନଂ- ୧୩୮୨୨, ପତ୍ର ସଂଖ୍ୟା- ୧୩୪୧୬/୨୦.୧୧.୨୦୨୪ ହୋଇଥିଲା। ଆଉ ସେ ସେଇ ଟ୍ରେନିଂ ସାରିବା ପରେ ନିଜ କାର୍ଯ୍ୟରେ ହିଁ ଯୋଗଦେଇନାହାନ୍ତି। ହେଲେ ଅନ୍ୟପକ୍ଷେ ଏ ନେଇ କୋଟଗଡ଼ରେ ଥିବା ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭଗବାନ ସୋରେନଙ୍କ କହିବା କଥା ଯେ ୨୨ ତାରିଖ ସକାଳୁ ଡାକ୍ତର ରାସ ବିହାରୀ ନାୟକ ଛୁଟିରେ ଯାଇଛନ୍ତି। କିନ୍ତୁ ଟ୍ରେନିଂରେ ଯାଇଥିବା ଡାକ୍ତର ଲାଲ ମୋହନ ମଲିକ ୨୨ ତାରିଖ ଅପରାହ୍ନରେ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେବାର ଥିଲା। କିନ୍ତୁ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିବାରୁ ସେ ସେଠି ଯୋଗ ଦେଇଛନ୍ତି କି ନାହିଁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜାଣିନଥିବା କହିଛନ୍ତି। ତେବେ ଆୟୁଷ ଡାକ୍ତର ଓ ଭାରପ୍ରାପ୍ତ ଅଧିକାରୀଙ୍କ ମଧ୍ୟରେ କଥାର କୌଣସି ତାଳମେଳ ଖାଉନଥିବା ବେଳେ କିଏ ଯେ ସତ କହୁଛନ୍ତି ତାହା ମଧ୍ୟ ଜଣାପଡୁନାହିଁ । ସେପଟେ କେବଳ ନାମକୁ ମାତ୍ର ଏଠି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ହେଲେ ସବୁ କାମ କୋଟଗଡରେ ହେଉଛି ବୋଲି ଫାର୍ମାସିଷ୍ଟ ଦାୟିତ୍ୱରେ ଥିବା ସିଏସ ଆନନ୍ଦ ରାଓ କହିଛନ୍ତି । ତେବେ ଦୁର୍ଗମ ତଥା ନେଟୱର୍କ ନଥିବା କାରଣରୁ ବିଭିନ୍ନ ଆଳ ଦେଖାଇ ଡାକ୍ତରମାନେ ଅଭିଯୋଗ ଅନୁଯାୟୀ ଏଠାରେ ସତରେ ପ୍ରତି ସମୟରେ ରହୁନଥିବା ବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ ଏ ସବୁ ଘଟଣା କୁଆଡ଼େ ଜାଣିପାରୁନଥିବା କୁହାଯାଉଛି। ତେଣୁ ଭଗବାନ ଭରସାରେ ଏଠି ରୋଗୀ ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କହିବା ହିଁ ଠିକ ହେବ ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା ଉପଲକ୍ଷେ ମୋଟରସାଇକେଲ ରାଲି



ରାୟଗଡ଼ା, (ଭାସ୍କର ନ୍ୟୁଜ): ରାୟଗଡା ବନାଞ୍ଚଳ ତରଫରୁ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଉପଲକ୍ଷେ ମୋଟର ସାଇକେଲ ର ।ଲି ଅନୁଷ୍ଠିତ ହୋଇଥିଲା । ଏହି ମୋଟର ସାଇକେଲ ରାଲି କୁ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲ ଓ ଉପ ବନ ସଂରକ୍ଷକ ସଂଦୀପ କୁମାର ପୃଷ୍ଟି ଓ ବନାଞ୍ଚଳ ଅଧିକାରୀ କମେଶ୍ୱର ଆଚାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ମୋଟର ସାଇକେଲ ରାଲି ଗୁମ୍ମା ସେକ୍ସନ ର ଗୁମ୍ମା ଗ୍ରାମ ଠାରୁ ଆରମ୍ଭ ହୋଇ ରାୟଗଡା ସେକ୍ସନ ର ବୈରାଗିହାଲୁବା ଗ୍ରାମ ଦେଇ କୋମତାଳପେଟା ସେକ୍ସନ ର ମାଳୀଗାଁ ଠାରେ ଶେଷ ହୋଇଥିଲା । ଏଥି ମଧ୍ୟରେ କୋଦୁପଦ୍ରୁ, ହାଲୁବା, ସଂକେଶ , ଶିରିକୋଣା , ମାଲିପଡ଼ା , ତାଡମା ଚିନ୍ତାଳୀଗୁଡା , ପିତମହାଲ, ହଁସା, ପାଣସ ।ହି, ଜିମିଡିପେଟା, ବୈରାଗୀ ହାଲୁବା, ପିପିଲିଗୁଡା, ମୀରାବାଲି, ପାଣିଛତ୍ର, ରୁପୁଣି, ଭୋଇମୋଡା, ରେଖାପଦର, କୈଳାଶପୁର , ଲିଂଗାଗୁଡା, ପଦା ଲେକାପାଇ , ଗୌଡ ଲେଲିବାଡି , କୋଲନର , ଅମଲାଭଟ୍ଟା, କଦଳୀଗୁଡା , ଗୌଡଗୁଡା, କନ୍ଧମାଳୀଗାଁ ଗ୍ରାମ ଗୁଡିକରେ ବନକର୍ମଚାରୀ ମାନେ ଜଙ୍ଗଲ ନିଆଁ ନିବାରଣ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ବାର୍ତ୍ତା ରେ ଆଗାମୀ ଗ୍ରୀଷ୍ମ ଋତୁ ରେ ଜଙ୍ଗଲ ନିଆଁ କୁ କିପରି ନିୟନ୍ତ୍ରଣ ଓ ନିବାରଣ କରିବା ଓ ଜଙ୍ଗଲ ରେ କିପରି ନିଆଁ ନ ଲାଗିବ ସେ ଉପରେ ପ୍ରୟାସ ଓ ସେଥିରେ ବନ ବିଭାଗ କୁ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା । ଏହା ସହ ଜଙ୍ଗଲ ନିଆଁ ଦ୍ୱାରା ଜଙ୍ଗଲ ର କ୍ଷତି ଓ ତା ଦ୍ୱାରା ମାନବ ସମାଜ ଉପରେ କି କୁପ୍ରଭାବ ପଡେ ସେ ଉପରେ ଗ୍ରାମବାସୀ ଙ୍କ ସହ ଆଲୋଚନା କରାଯାଇଥିଲା ଓ ଆଗାମୀ ଦିନ ମାନଙ୍କରେ ଜଙ୍ଗଲ ନିଆଁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବ ସେ ବିଷୟରେ ଉପରୋକ୍ତ ଗ୍ରାମବାସୀ ଙ୍କୁ ମାର୍ଗଦର୍ଶନ କରାଯାଇଥିଲା । ଏହି ମୋଟର ସାଇକେଲ ର ।ଲି ରେ ୫ ଜଣ ବନପାଳ , ୧୧ ଜଣ ବନରକ୍ଷୀ , ୩୦ ଜଣ ପାରା ବନ କର୍ମଚାରୀ ଭାଗ ନେଇଥିଲେ । ରାୟଗଡା ବନପାଳ ଗୌରି ଶଙ୍କର ସାହୁ , ଗୁମ୍ମା ବନପାଳ ଉମ୍ବରୁଧର ନାୟକ ଓ କୋମତାଳପେଟ ବନପାଳ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମକୁ ପରିଚାଳିତ ହୋଇଥିଲା ।

# ବୃତ୍ତିଗତ ମାନର ଉନ୍ନତି ପାଇଁ ତାଲିମ ନେବାକୁ ହାଇଦ୍ରାବାଦ ଗଲେ ୫ ଶିକ୍ଷକ-ଶିକ୍ଷୟିତ୍ରୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରୁ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବୃତ୍ତିଗତ ମାନର ଉନ୍ନତି ନିମନ୍ତେ ତାଲିମ ପାଇଁ ହାଇଦ୍ରାବାଦ ଗଲେ। ଗତ ୨୦୨୩/୨୪ ଶିକ୍ଷା ବର୍ଷରେ ମାଲକାନଗିରି ଜିଲ୍ଲାର ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଶିକ୍ଷା ପୁରସ୍କାର ପାଇ ଆମ ଜିଲ୍ଲା ପାଇଁ ଗୌରବ ଆଣିଥିଲେ। ଚଳିତ ବର୍ଷ ତେଲେଙ୍ଗାନା ରାଜ୍ୟର ଡାଃ. ମାରି ଚନ୍ନା ରେଡ଼ି ମାନବ ସମ୍ବଳ ବିକାଶ ପ୍ରତିଷ୍ଠାନ,ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହେବାକୁଥିବା ବୃତ୍ତିଗତ ମାନ ଉନ୍ନତି କର୍ମଶାଳାରେ ଯୋଗ ଦେବା ନିମନ୍ତେ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟତ୍ରୀ ସେଠାରେ ପହଞ୍ଚିଛନ୍ତି ।ଗତ ୨୦୨୩/୨୪ ଶିକ୍ଷା ବର୍ଷରେ ବିଦ୍ୟାଳୟର ଭିତ୍ତିଭୂମି, ଶୈକ୍ଷିକ ମାନଦଣ୍ଡ, ଗୋଷ୍ଠୀ ସହଯୋଗୀତା ଆଧାରରେ ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଳୀ, କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ଏମଭି-୩୧ ପିୟୁପିଏସ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା, ପୁରୁଣା ଚିମିଟାପାଲି ପିୟୁପିଏସ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟୁଟୁ ପଡିଆମି, କମାଲିଗୁଡା ପିଏସ ବିଦ୍ୟାଳୟର ଶିକ୍ଷକ ସାନୁ ମାଡ଼ି ପ୍ରମୁଖ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଏହି ପାଞ୍ଚଟି ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇଥିଲା। ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଲକ୍ଷ ୧୦ ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ ମଧ୍ୟ କରାଯାଇଥିଲା। ଆଗାମୀ ଦିନରେ କିପରି ଆହୁରି ଅଧିକ ଭିତ୍ତିଭୂମି, ଗୋଷ୍ଠୀ ସହଯୋଗୀତା ଏବଂ ଶିକ୍ଷାର ମାନଦଣ୍ଡରେ ବୃଦ୍ଧି ହୋଇ ପାରିବ ସେନେଇ ତାଲିମ ପାଇଁ ଯାଇଛନ୍ତି ଏହି ପାଞ୍ଚ ଶିକ୍ଷକ ଶିକ୍ଷୟିତ୍ରୀ ବୋଲି ଜଣା ପଡିଛି।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ପ୍ରସାଦ ରଥ (୬୩)ଙ୍କ ପରଲୋକ ହୋଇଛି । ଦୁଇବର୍ଷ ହେଲା ଶଯ୍ୟାଶାୟୀ ରହିଥିବା ବେଳେ ରାତିରେ ସ୍ୱାସ୍ଥ୍ୟବସ୍ଥା ବିଗିଡିଥିଲା । ତେଣୁ ଡାକ୍ତରଖାନା ନିଆଯାଇଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲେ। ବିଭିନ୍ନ ଛପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ କାମ କରିଥିବା ସ୍ୱର୍ଗତ ରଥ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ପରିଚିତ ଥିଲେ । କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଜ ସେଠୀ, ଭଗବାନ ବାହିନୀପତି, ଭବାନୀ ଶଙ୍କର ମିଶ୍ର ଓ ଅନ୍ୟ ଗଣମାଧ୍ୟମ ପ୍ରତିନିଧି ଶେଷ ଦର୍ଶନ କରି ଶ୍ରଦ୍ଧାଳୀ ଅର୍ପଣ କରିଥିଲେ। କୋରାପୁଟ ଶ୍ମଶାନରେ ଶେଷାକୃତ୍ୟ ସଂପନ୍ନ ହୋଇଥିଲା ବେଳେ ବଡପୁଅ ପ୍ରତୀକ ରଥ ମୁଖାଗ୍ନି ଦେଇଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସ ନେତ୍ରୀ ମୀନାକ୍ଷୀ ବାହିନୀପତି, ନବୀନ ସାହୁ, ସି ଏଚ ସାନ୍ତାକାର, ବିଦ୍ୟାଧର ଚୌଧୁରି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଇ-କେୱାଇସି ପାଇଁ ଜିଲ୍ଲାରେ ନାହିଁ ସଚେତନତା

# ବଞ୍ଚିତ ହେବେ ବହୁ ହିତାଧିକାରୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆସନ୍ତା ୩୧ ତାରିଖ ରାସନକାର୍ଡ ଇ-କେୱାଇସି ସଂଶୋଧନ ଓ ଦାଖଲର ଶେଷ ତାରିଖ। ବ୍ଲକସ୍ତରରେ ଯୋଗାଣ ବିଭାଗ ତରଫରୁ ଲୋକଙ୍କୁ ସଚେତନ କରାଯାଉ ନଥିବାରୁ ଅନେକ ହିତାଧିକାରୀ ଜାଣିପାରୁ ନାହାନ୍ତି। ସମୟ ଗଡ଼ି ଚାଲୁଥିବା ବେଳେ ଗ୍ରାମାଞ୍ଚଳରେ ନେଟ୍ ବ୍ୟବସ୍ଥା ଠିକ ନଥିବାରୁ ଲୋକେ ଦାଖଲ କରିପାରୁ ନାହାନ୍ତି। ଯଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ବହୁ ହିତାଧିକାରୀ ଏଥର ବଞ୍ଚିତ ହେବା ଆଶଙ୍କା ରହିଛି। କର୍ତ୍ତନପାଲ୍ଲୀ ପଞ୍ଚାୟତରେ ଏବେ ସୁଦ୍ଧା ୧୨ ଶହରୁ ଅଧିକ ହିତାଧିକାରୀ ଏହା ଦାଖଲ କରିପାରି ନାହାନ୍ତି। ଏହି ଗରିବ ହିତାଧିକାରୀମାନେ ଯଦି ରାସନରୁ ବଞ୍ଚିତ ହେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ମାଥିଲି ଯୋଗାଣ ଅଧିକାରୀ ବିଶ୍ୱଜିତ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅତିରିକ୍ତ ବିଡ଼ିଓ ସରୋଜ କୁମାର ପ୍ରଧାନ କହିଛନ୍ତି, ଖୁବଶୀଘ୍ର ଯୋଗାଣ କର୍ମଚାରୀଙ୍କୁ ପଠାଇ ହିତାଧିକାରୀଙ୍କ ଇ-କେୱାଇସି କରାଯିବ। ଉପାନ୍ତ ଅଞ୍ଚଳରେ ଏହା କିପରି ସମ୍ଭବ ହେବ ତାହା ଦେଖିବାକୁ ରହିଲା। କେବଳ ଏହି ଗୋଟିଏ ପଞ୍ଚାୟତ ନୁହେଁ ବିଭାଗୀୟ ଅବହେଳା ଯୋଗୁଁ ବ୍ଲକର ୨୦ ପଞ୍ଚାୟତର ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ବଣ୍ଟନ ବ୍ୟବସ୍ଥାରୁ ବଞ୍ଚିତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଲେ ଯୋଗ୍ୟ ହିତାଧିକାରୀ କେହି ବଞ୍ଚିତ ହେବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

# ଜାତୀୟ ମତଦାତା ଦିବସ ପୂର୍ବରୁ କର୍ମଚାରୀଙ୍କୁ ସଂକଳ୍ପ ପାଠ କରାଇଲେ ଜିଲ୍ଲାପାଳ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ଜାତୀୟ ମତଦାତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମତଦାତାଙ୍କ ସଂକଳ୍ପ ପାଠ କରାଇଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ତଥା ଇ ଆର୍ ଓ - ୭୨ ଖରିଆର ,ସୁବାଷ ଚନ୍ଦ୍ର ରଇତ ଏବଂ ଉପ ଜିଲ୍ଲାପାଳ ତଥା ଇ ଆର୍ ଓ -୭୧ ନୂଆପଡ଼ା, ଯୋଗେନ୍ଦ୍ର ମାଝୀ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



ବରଗଡ,(ଭାସ୍କର ନ୍ୟୁଜ): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଦେଶର ଦୁଇ ବୀରପୁତ୍ର ବୀର ସୁରେନ୍ଦ୍ରସାଏ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଞ୍ଚଳର ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଶକ୍ତି କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ପାୱାର ଅଫ ଦିବ୍ୟାଙ୍ଗର ଉପସଭାପତି ଅଶୋକ ଅଗ୍ରୱାଲ ,ସମାଜସେବୀ ତାରାକାନ୍ତ ସାହୁ, ବିଦ୍ୟାଳୟର ପରିଚାଳନା କମିଟୀର ବରିଷ୍ଠ ସଦସ୍ୟ ସମାରୁ ପଧାନ, ଦୂରଦର୍ଶନର ରିପୋଟର ଉମେଶ ବିଶ୍ୱାଳ , ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଫଟୋଚିତ୍ର ସମ୍ମୁଖରେ ଅତିଥିଗଣଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଉଦେଶ୍ୟ ଜ୍ଞାପନ , ଅତିଥି ପରିଚୟ ପ୍ରଦାନ ସହ ମହାପୁରୁଷଙ୍କ ସଂଗ୍ରାମୀ ଜୀବନ ବିଷୟରେ ଆଲୋକପାତ କରିଥଲେ । ମୁଖ୍ୟ ଅତିଥି ଡାକ୍ତର ତ୍ରିପାଠୀ ଓଡ଼ିଶାର ମହାନ ସଂଗ୍ରାମୀ ଦ୍ୱୟଙ୍କ ତ୍ୟାଗ ବଳିଦାନକୁ ସ୍ମରଣ କରି ସଂଗ୍ରାମୀ ଜୀବନ ପ୍ରତି ଅନୁପ୍ରାଣିତ ହେବା ଉଚିତ ବୋଲି ନିଜର ମତ ପୋଷଣ କରିଥଲେ । କମିଟି ସଦସ୍ୟ ଶ୍ରୀଯୁକ୍ତ ପଧାନ ଦେଶାତ୍ମବୋଧ ସଂଗୀତ ଗାନକରି ଛାତ୍ର ଛାତ୍ରୀ ଙ୍କୁ ଦେଶ ଭକ୍ତିରେ ଭିଜେଇ ଦେଇଥୁଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ନେପାଳ ଦୁଆନ ନିଜର ବକ୍ତବ୍ୟ ରଖୁବା ବେଳେ ଶିକ୍ଷକ ଦୁଖୀସେବକ ସାହୁ ସାଙ୍କେତିକ ଭାଷା ମାଧ୍ୟମରେ ଛାତ୍ର ଛାତ୍ରୀ ଙ୍କୁ ତଥ୍ୟ ଉପସ୍ଥାପନ କରିଥୁଲେ । ଦୃଷ୍ଟିହୀନ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥୁଲେ । ପରିଶେଷରେ କାମଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କୋରାପୁଟ, (ଭାସ୍କର ନ୍ୟୁଜ୍ ): କୋରାପୁଟ ସଦର ମହକୁମାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ତହସିଲଦାର ସୟଦ ସବୀର ସା, ଡେପୁଟି କଲେକ୍ଟର ଦେବେନ୍ଦ୍ର କୁମାର ରାଉତ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଶ୍ରୀଧର ପଟ୍ଟନାୟକ, ରବି ଶତପଥି, ରୂପକ ତୁରୁକ , ଅରୁଣ କୁମାର ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ କରିଥିଲେ । କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଅତସୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମେନକା ମହାପାତ୍ର ଓ ହେମନ୍ତ କୁମାର ଟଙ୍କ ନେତାଜୀଙ୍କ ଜୀବନୀ ଆଦର୍ଶ ନେଇ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ବିଦ୍ୟାପୀଠ, ଜିଲ୍ଲା ରକ୍ତଦାତା ପ୍ରବର୍ତକ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କାରାଯାଇଥିଲା । କାର୍ଯ୍ୟକ୍ରମରରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଶିକ୍ଷୟତ୍ରୀ ଉର୍ମିଳା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ରାୟଗଡା, (ଭାସ୍କର ନ୍ୟୁଜ): ରାୟଗଡ଼ା ସ୍ୱାମୀ ବିବେକାନନ୍ଦ ସେବା ସମିତି ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହାଆଡମ୍ବରରେ ପାଳିତ ହୋଇଯାଇଛି। ରାୟଗଡ଼ା ବିଦ୍ୟା ନଗର ସ୍ଥିତ ମହିଳା ସଂସ୍କୃତି ଅନୁଷ୍ଠାନ ଗୃହରେ ସମିତିର ସଭାପତି ଯୋଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ଉପସଭାପତି ଏମ ଜଗଦୀଶ୍ୱର ରାଓ , ମୁଖ୍ୟ ବକ୍ତା ଭାବେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସକ୍ଷମ ର ପ୍ରାନ୍ତ ସଂରକ୍ଷକ ଶ୍ରୀଯୁକ୍ତ ବାଦଲ କୁମାର ତା , ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ଶ୍ରୀମତୀ ବିଦ୍ୟୁଲତା ହୁଇକା ଯୋଗ ଦେଇ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସ୍ୱାଗତ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନୀ ବିଷୟରେ ସ୍ମୃତି ଚାରଣ କରିବା ସହ ଛାତ୍ର ଏବଂ ଯୁବ ସମାଜ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଆଦର୍ଶକୁ ଗ୍ରହଣ କରି ନିଜ ଜୀବନ କୁ ଆଗକୁ ନେବା ପାଇଁ ମାର୍ଗଦର୍ଶନ କରିଥିଲେ । ସମିତିର ସହ ସହସଂପାଦକ ଗଣେଷ କୁମାର ସାହୁ ସମିତିର କାର୍ଯ୍ୟ ଶୈଳୀ, କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ । ଏହି ଅବସରରେ ସମିତି ପକ୍ଷରୁ ଛାତ୍ର ଛାତ୍ରୀ, ସମାଜସେବୀ , ଲେଖକ ଲେଖିକାମାନଙ୍କୁ ମାନପତ୍ର ସହ ଗୋଟିଏ ଚାରା ଗଛ ଦେଇ ସମ୍ମାନିତ କରିବା ସହ ଦେଶରେ ପର୍ଯ୍ୟାବରଣକୁ ରକ୍ଷା କରିବା ଏବଂ ପଲିଥିନ ମୁକ୍ତ କରିବା ପାଇଁ ଅତିଥିବୃନ୍ଦ ଅନୁରୋଧ କରିବା ସହ ସଚେତନତା କରିଥିଲେ। ଏକଲ ରଥ ଉତ୍ସବ ପ୍ରଭାରୀ ଦକ୍ଷିଣ ଭାଗ ଓଡିଶା ଓ ସଂସ୍କାର ଶିକ୍ଷା ପ୍ରମୁଖ ରାୟଗଡ଼ା ଜୟଦେବ ସିଠ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ।ସମାପନରେ ନାରୀ କବି ଶିକ୍ଷିକା ପଦ୍ମିନୀ ମିଶ୍ର ଉପସ୍ଥିତ ଛାତ୍ର ଛାତ୍ରୀ , ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଦୂର୍ଗା ମାଧବ ଘୋଷ , ଉଷା ରାଣୀ ଦାଶ , ରାମ କୃଷ୍ଣ ପାଣିଗ୍ରାହୀ , ପ୍ରଦୀପ ସାହୁ , ଅଶ୍ୱିନୀ ନାୟକ , ନେହା ସିଂ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ.ସି.ସି ଶିକ୍ଷକ ଉଦୟ ନାୟକଙ୍କ ସହ ଛାତ୍ରମାନେ, ଅଧିବକ୍ତା ପରିଷଦର ସଭାପତି କିଶୋର କୁମାର ସାହୁ , ଜେ କେ ପେପର ମଜଦୂର ସଂଘର ସମ୍ପାଦକ ଏ ତିରୁପତି ରାଓ , ସଭାପତି ଏସ ଦୂର୍ଗା , ଗାୟତ୍ରୀ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ ଏବଂ ଗୁରୁମା ।ଗୁରୁଜୀ , ସ୍ୱାମୀ ବିବେକାନନ୍ଦ ସ୍କୁଲ ର ଛାତ୍ର ଛାତ୍ରୀ , ଭାରତୀୟ ମଜଦୂର ସଂଘ ର କାର୍ଯ୍ୟକର୍ତ୍ତା ଙ୍କ ସହ ବିଭିନ୍ନ ସଂଗଠନର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

ବରଗଡ, (ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଉତ୍ସବକୁ ରୋଟାରୀ କ୍ଲବର ସଭାପତି ଦଶରଥ ଅଗ୍ରୱାଲ ଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶ୍ରୀଯୁକ୍ତ ଅଗ୍ରୱାଲ ଦୁଇ ସ୍ୱାଧିନତା ସଂଗ୍ରାମୀଙ୍କର ଜୀବନ ଉପରେ ଆଲୋକପାତ କରି ନିଜ ଅଧିକାର ପାଇଁ ନିଜେ ଲଢିବାକୁ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱାଧିନତା ସଂଗ୍ରାମର ମଙ୍ଗ ଧରିଥିବା ଦୁଇ ମହାନ ଆତ୍ମାକୁ ମନେ ପକାଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା, କୁଇଜ, ଗୀତ, କବିତା ଆବୃତି ଆଦି ପରିବେଷଣ କରାଯାଇଥିଲା । ପୂର୍ବରୁ ବିଭିନ୍ନ ଅବସରରେ ହୋଇଥିବା ପ୍ରତିଯୋଗୀତାର ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଉପାଧକ୍ଷ ଡୋଲାମଣି ପୋଢ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲା।



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୁରୁଣା କୋର୍ଟ ଛକ ନିକଟସ୍ଥ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଗଜପତି, ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ଗଜପତି, ଶ୍ରୀ କମଳକାନ୍ତ ପଣ୍ଡା, ଡେପୁଟି କଲେକ୍ଟର (ଜରୁରୀ କାଳୀନ ବିଭାଗ) ଗଜପତି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଜପତି ସମେତ ପୌରପରିଷଦ ର ସମସ୍ତ କର୍ମଚାରୀ ,ସ୍ଥାନୀୟ ଜନସାଧାରଣ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ମହାପୁରୁଷ ଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ର ପ୍ରତିଷ୍ଠାତା ଶ୍ରୀ ଜୟଦେବ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଭୟ ମହାପୁରୁଷଙ୍କ ଫୋଟୋ ଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସ୍କୁଲ ସଭାପତି କବିତା ପାତ୍ର ଙ୍କ ସଭାପତାତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜୟନ୍ତୀ ଅବସରରେ ଉଭୟ ମହାପୁରୁଷ ମାନଙ୍କ ଉପରେ ଆଲୋଚନା କରାଯାଇଥିଲା। ଉଭୟ ଙ୍କ ଆଦର୍ଶ କୁ ଆଜିର ଯୁବ ସମାଜ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ ମାନେ ଓ ଅଭିଭାବକ ମାନେ ମହାପୁରୁଷ ଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଓମପ୍ରଭା ସାହୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ କୁ ପରିଚାଳନା କରିବାରେ ଶିକ୍ଷକ ଶ୍ରୀ ଦୟାଳ ମିତ୍ର, ଶ୍ରୀ ଭିଏସ ଏନ ମୂର୍ତ୍ତୀ ଓ ରାମ ତୁରୁକ,ବିଜୟ କୁମାର ସାହୁ, କୃଷ୍ଣ ଚନ୍ଦ୍ର ବେହେରା, ସଞ୍ଜିବ ପଣ୍ଡା, ରବି ପଟ୍ଟନାୟକ, ନିବେଦିତା ପାଲ, ସୁଧାଂଶୁ ବାଲା ପଟ୍ଟନାୟକ, ସପ୍ନା ଦାସ ପ୍ରମୁଖ ସହଯୋଗ କରିଥିଲେ।

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସଦରରେ ଥିବା ସୁବାସବୋଷ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅରପଣ କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଇଛି। ସେହିପରି ଜିଲ୍ଲାର ସୁବାସ ବୋଷ ଟାଉନ କେଏଲବି ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ମାଲକାନଗିରି ଏସପି ବିନୋଦ ପାଟିଲ, ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇ, ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତି ରହିଥିବା ବେଳେ ସ୍ଥାନୀୟ ସମାଜସେବି ଜି ଶ୍ରୀନିବାସ ରାଓ, ବରିଷ୍ଠ ଆଇନଜୀବି ଗୋବିନ୍ଦ ପାତ୍ର, ରାମ ପଟ୍ଟନାୟକ, କେଶୁ ରାଓ, ପଦ୍ମ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁବାସ ବୋଷ ଆବାସିକ ବିଦ୍ୟାଳୟରେ ସୋବସ ଚନ୍ଦ୍ର ବୋଷଙ୍କ ଏକ ନୂତନ ମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ସମାନ ରୂପେ ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ସଂଘର ବରିଷ୍ଠ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋ ଚିତ୍ରରେ ଦୀପ, ଧୂପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ମହାପୁରୁଷମାନଙ୍କ ଜୀବନୀ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସଦସ୍ୟ ସୁରେନ୍ଦ୍ର ମଲ୍ଲିକ, ନବକିଶୋର ସାହୁ, ବାବାଜୀ ଚରଣ ସ୍ୱାଇଁ, ଜନାର୍ଦ୍ଦନ ରାଓ, ବିଚିତ୍ରାନନ୍ଦ ରାଉତ, ସୁରେନ୍ଦ୍ର କୁମାର ପଣ୍ଡା, ଚୀରଞ୍ଜିବୀ ମହାପାତ୍ର, ବାଳକୃଷ୍ଣ ପାଢ଼ି, ଏସ୍. ୱିରାସ୍ୱାମୀ, ଜଗନ୍ନାଥ ତିଆଡ଼ି, ଲଡୁ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପୁନେ: ଚିନ୍ତା ବଢାଇଲାଣି ବିରଳ ସ୍ନାୟୁ ରୋଗ ଜିବିଏସ୍‌ଫ ଏହି ଘଟଣାରେ ପୁନେରେ ପ୍ରଥମ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି। ୬୭ ଜଣ ରୋଗୀ ଚିହ୍ନଟ ପରେ ଦେଶବ୍ୟାପୀ ଭୟର ବାତାବରଣ ସୃଷ୍ଟି ହୋଇଛି। ସବୁଠୁ ଚିନ୍ତାଜନକ କଥା ହେଉଛି ସ୍ନାୟୁ ଜନିତ ରୋଗ ଜିବିଏସ୍ ରୋଗର କାରଣ ଜାଣିପାରୁନାହାଁନ୍ତି ଡାକ୍ତର। ଏହାକୁ ରୋକିବାକୁ କୌଣସି ନିର୍ଦ୍ଦିଷ୍ଟ ମେଡିସିନ ବାହାରି ନାହିଁ। କେବଳ ଲକ୍ଷଣ ବନ୍ଦ ପାଇଁ ଡାକ୍ତରମାନେ ଚିକିତ୍ସା କରୁଛନ୍ତି। ବୁଧବାର ମହାରାଷ୍ଟ୍ରର ପୁନେରେ ଗୁଇଲେନ୍-ବାରେ ସିଣ୍ଡ୍ରୋମ୍ (ଜିବିଏସ)ର ୩୫ଟି ନୂତନ ମାମଲା ରିପୋର୍ଟ ହୋଇଛି। ଗୋଟିଏ ଦିନ ପୂର୍ବରୁ ୨୪ଟି ସନ୍ଦିଗ୍ଧ ମାମଲା ରିପୋର୍ଟ ହେବା ପରେ ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଛି। ରୋଗର କାରଣ ଖୋଜିବାକୁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ୍। ଦିନକୁ ଦିନ ଅଧିକରୁ ଅଧିକ ଲୋକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ରୋଗୀ କେବେ ସୁସ୍ଥ ହେବେ ତାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଜଣେ ରୋଗୀ ୭ଦିନରେ ମଧ୍ୟ ସୁସ୍ଥ ହୋଇପାରେ।

## ପ୍ରଜ୍ଞାପନ ମେଢ କଳାକାରଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଆଗାମୀ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବାକୁ ଥିବା ଏନସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଆଦିବାସୀ ଅତିଥି ଏବଂ ପ୍ରଜ୍ଞାପନ ମେଢ କଳାକାରମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ବାର୍ତ୍ତାଳାପ ପରେ ଭାରତର ସମୃଦ୍ଧ ସଂସ୍କୃତି ଓ ବିବିଧତାକୁ ପ୍ରଦର୍ଶିତ କରି ଜୀବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବ ବ୍ୟବସ୍ଥାକୁ ବଦଳାଇ ପ୍ରଧାନମନ୍ତ୍ରୀ ଅଭିନବ ଢଙ୍ଗରେ ଅଂଶଗ୍ରହଣକାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କ ସହ ଏକ ଅନୌପଚାରିକ, ମୁକ୍ତ ବାର୍ତ୍ତାଳାପରେ ନିୟୋଜିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଜାତୀୟ ଏକତା ଏବଂ ବିବିଧତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତର ଭାବନାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ରାଜ୍ୟର ଲୋକଙ୍କ ସହ ଯୋଗାଯୋଗ କରିବାକୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଥିଲେ। ସେ ଆଲୋକପାତ କରିଥିଲେ ଯେ କିପରି ଏଭଳି ବାର୍ତ୍ତାଳାପ ବୁଝାମଣା ଏବଂ ଏକତାକୁ ପ୍ରୋତ୍ସାହିତ କରେ, ଯାହା ଦେଶର ପ୍ରଗତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ସରକାରଙ୍କର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯଦି ୧୪୦ କୋଟି ଭାରତୀୟ ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ କରନ୍ତି, ତେବେ ଭାରତ ସର୍ବଦା ସ୍ୱଚ୍ଛ ରହିବ।

## ଟ୍ରମ୍ପଙ୍କ ଶପଥ ଗ୍ରହଣରେ ପନ୍ନୁର ଉପସ୍ଥିତି ନେଇ ଆପତ୍ତି ଉଠାଇଲା ଭାରତ




ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ଖଲିସ୍ତାନୀ ଅତଙ୍କୀ ପନ୍ନର ଉପସ୍ଥିତି ଉପରେ ଭାରତ କଡ଼ା ଆପତ୍ତି ଉଠାଇଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି ଯେ ଭାରତ ଏହି ପ୍ରସଙ୍ଗକୁ ଆମେରିକା ସାମନାରେ ଉଠାଇବ। ଭାରତ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡ଼ିତ ମାମଲାଗୁଡ଼ିକୁ ଆମେରିକା ସାମନାରେ ସବୁବେଳେ ରଖିବ । ରଣଧୀର ଜୈସ୍ୱାଲ ବିଦେଶ ମନ୍ତ୍ରଣାଳୟର ସାପ୍ତାହିକ ବାର୍ତ୍ତାରେ କହିଛନ୍ତି, ଯେବେ ବି କୌଣସି ଭାରତ ବିରୋଧୀ ଗତିବିଧି ସାମନାକୁ ଆସେ, ଆମେ ଆମେରିକା ସାମନାରେ ଏହାକୁ ଉଠାଉଛୁ । ଆମ ରାଷ୍ଟ୍ରୀୟ ସୁରକ୍ଷା ଉପରେ ପ୍ରଭାବ ପକାଉଥିବ ଏବଂ ଭାରତ ବିରୋଧୀ ଏଜେଣ୍ଡା ଥିବା ସବୁ ମାମଲାକୁ ଆମେ ଦୃଢତାର ସହ ସାମନାକୁ ରଖୁଛୁ। ଉଲ୍ଲେଖଯୋଗ୍ୟ, ସୋମବାର ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ସମାରୋହରେ ଖଲିସ୍ତାନୀ ଆତଙ୍କବାଦୀ ଗୁରପତଓ୍ୱନ୍ତ ସିଂହ ପନ୍ନୁ ନଜର ଆସିଥିଲା। ପନ୍ନୁ ପାଖରେ ଉଭୟ ଆମେରିକା ଏବଂ କାନାଡାର ନାଗରିକତା ରହିଛି। ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ଖଲିସ୍ତାନୀ ଆତଙ୍କବାଦୀକୁ ଏହି କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରିତ କରାଯାଇନଥିଲା। କିନ୍ତୁ ଅନ୍ୟ କାହା ସହଯୋଗରେ ସେ କାର୍ଯ୍ୟକ୍ରମର ଟିକଟ କିଣିଥିଲା। ଟ୍ରମ୍ପଙ୍କ ଶପଥ ଗ୍ରହଣ ବେଳେ ଲୋକେ ୟୁଏସ୍ ୟୁଏସ୍ ନାରା ଦେଉଥିବା ବେଳେ ପନ୍ନୁ ଖଲିସ୍ତାନ ସମର୍ଥନରେ ନାରା ଦେଉଥିଲା । ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି

## 'ସମବାୟ ସମ୍ମିଳନୀ'କୁ ସମ୍ବୋଧିତ କଲେ ଶାହା



ନୂଆଦିଲ୍ଲୀ : ଶୁକ୍ରବାର ମହାରାଷ୍ଟ୍ରର ନାସିକଠାରେ ଆୟୋଜିତ 'ସମବାୟ ସମ୍ମିଳନୀ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଏହାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସେ ସମବାୟ କ୍ଷେତ୍ର ସହ ଜଡିତ ବିଭିନ୍ନ କାର୍ଯ୍ୟର ଉଦଘାଟନ କରିଥିଲେ । ଏହି ସମ୍ମିଳନୀରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏବଂ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ କହିଥିଲେ ଯେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ'ର ସ୍ଲୋଗାନ ଦେଇ କୃଷକ, କୃଷି ଶ୍ରମିକ ଏବଂ ଏହା ସହିତ ସେନାକୁ ମଜବୁତ କରିବା ଗୁରୁତ୍ୱ ଦେଇଥିଲେ। ଶ୍ରୀ ଶାହ କହିଥିଲେ ଯେ ପୂର୍ବରୁ କୃଷିରେ ଲାଭ ନାହିଁ ବୋଲି ଆଲୋଚନା ହେଉଥିଲା, କିନ୍ତୁ ସେ ଏବେ ବି ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ଯଦି କୃଷି ସହ ଉଭୟ ସମବାୟ ଆନ୍ଦୋଳନ ଏବଂ ବିଜ୍ଞାନକୁ ମିଶାଇ ଦିଆଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଜି ମଧ୍ୟ ଚାଷ ଏକ ଲାଭଜନକ ବ୍ୟବସାୟ । ସେ କହିଥିଲେ ଯେ ପୂର୍ବରୁ କୃଷକମାନେ ପାରମ୍ପରିକ ଉପାୟରେ ଚାଷ କରୁଥିଲେ ଏବଂ ସେମାନେ ଜାଣିନଥିଲେ ଯେ ସେମାନଙ୍କ ଜମିର ମାଟିରେ କ'ଣ ଅଭାବ ଅଛି । କୃଷକମାନଙ୍କୁ ଜୈବିକ ଚାଷ କରିବାକୁ ଉତ୍ସାହିତ କରି କହିଥିଲେ ଯେ କୃଷକମାନେ ଜୈବିକ ପ୍ରମାଣପତ୍ର ନ ପାଇଲେ ସେମାନେ ଜୈବିକ ଉତ୍ପାଦର ଉଚିତ ମୂଲ୍ୟ ମଧ୍ୟ ପାଇବେ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସ୍ଥାପିତ ସମବାୟ ମନ୍ତ୍ରଣାଳୟ ଜାତୀୟ ସମବାୟ ଜୈବିକ ଲିମିଟେଡ୍ (ଏନସିଓଏଲ) ନାମରେ ଏକ ସଂଗଠନ ଗଠନ କରିଛି। କେନ୍ଦ୍ର ସମବାୟ ମନ୍ତ୍ରୀ କହିଥିଲେ ଯେ ଭେଙ୍କଟେଶ୍ୱର ସମବାୟ ସୌର ଶକ୍ତି, ଜୈବ ଇନ୍ଧନ, ସିଏନଜି, ଜଳ ସଂରକ୍ଷଣ, ମତ୍ସ୍ୟ ଚାଷ, ପଞ୍ଚଗବ୍ୟ, ଧୂପକାଠି, ଜୈବିକ ଚାଷ ଏବଂ କୃଷକମାନଙ୍କୁ ସରକାରୀ ବ୍ରାଣ୍ଡରେ ଯୋଡିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିବା ସହିତ ଦେଶର ସୈନିକମାନଙ୍କୁ ଯୋଡ଼ିବା ପାଇଁ କାର୍ଯ୍ୟ କରିଛି। କେନ୍ଦ୍ର ସମବାୟ ମନ୍ତ୍ରୀ କହିଛନ୍ତି ଯେ ମହାରାଷ୍ଟ୍ରର ସମବାୟ ଚିନି କଳଗୁଡ଼ିକରେ ୧୫,୦୦୦ କୋଟି ଟଙ୍କାର ଆୟକର ବିବାଦ ଥିଲା, ଯାହାର ମୋଦୀ ସରକାର ସମାଧାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବାୟ ମନ୍ତ୍ରଣାଳୟ ଗଠନ କରିଥିଲେ, ଚିନି କଳଗୁଡ଼ିକ ପାଇଁ ଇଥାନଲ ମିଶ୍ରଣ ପାଇଁ ଏକ ଯୋଜନା ଆରମ୍ଭ କରିଥିଲେ।

### ଜେପିସି ବୈଠକରେ ହଙ୍ଗାମା

## ୧୦ ସାଂସଦ ଦିନକ ପାଇଁ ନିଲମ୍ବିତ

ନୂଆଦିଲ୍ଲୀ, ୨୪।୧ : ୱାକଫ୍ ବୋର୍ଡ ସଂଶୋଧନ ବିଲ୍‌କୁ ନେଇ ଶୁକ୍ରବାର ଯୁଗ୍ମ ସଂସଦୀୟ କମିଟି ବୈଠକରେ ଜୋରଦାର ହଙ୍ଗାମା ହୋଇଛି। ଏହି ହଙ୍ଗାମା ଏତେ ଜୋରରେ ହୋଇଥିଲା ଯେ ବାଧ୍ୟହୋଇ ମାର୍ଶାଲମାନଙ୍କୁ ଡକାଇବାକୁ ପଡ଼ିଥିଲା। ହଙ୍ଗାମାପାଇଁ ଅସଦୁଦ୍ଦିନ ଓୱେସିଙ୍କ ସମେତ ୧୦ଜଣ ବିରୋଧୀ ସାଂସଦଙ୍କୁ ଜେପିସି ସଦସ୍ୟତାରୁ ଦିନକ ପାଇଁ ନିଲମ୍ବିତ କରାଯାଇଛି। ଅନ୍ୟମାନେ ହେଲେ ଇମ୍ରାନ ମାସୁଦ୍, କଲ୍ୟାଣ ବାନାର୍ଜୀ, ଅରବିନ୍ଦ ସାୱନ୍ତ, ନାସିର ହୁସେନ, ଏ.ରାଜା, ମୋହିବୁଲ୍ଲା ନଦଭି, ଏମ.ଏମ. ଅବଦୁଲ୍ଲା, ନାଦିମୁଲ ହକ୍, ମହମ୍ମଦ ଜାଭେଦ ପ୍ରମୁଖ। ସେମାନେ ଅଭିଯୋଗ କରିଛନ୍ତି ଯେ ଜେପିସିରେ ସେମାନଙ୍କ ମତାମତକୁ ଶୁଣାଯାଉ ନାହିଁ କି ଗ୍ରହଣ କରାଯାଉନାହିଁ । ଅନ୍ୟପକ୍ଷରେ ହଟ୍ଟଗୋଳ ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିରୋଧୀ ସାଂସଦଙ୍କୁ ନିଲମ୍ବିତ କରିବା ପାଇଁ ପ୍ରସ୍ତାବ ଆଣିଥିଲେ। ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଏହାକୁ ଗ୍ରହଣ କରିଥିଲେ। ତେବେ ଏହା ପ୍ରଥମ ଥରନୁହେଁ, ଜେପିସି ବୈଠକରେ ପୂର୍ବରୁ ମଧ୍ୟ ହଙ୍ଗାମା ହୋଇଛି। ଏହାର ପୂର୍ବ ବୈଠକରେ ମଧ୍ୟ ପ୍ରବଳ ବିବାଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ନିଲମ୍ବିତ ସାଂସଦ ଅରବିନ୍ଦ ସାୱନ୍ତ କହିଛନ୍ତି ଯେ ସମୟ ଦିଆଯାଇ ନାହିଁ। ସେମାନେ ତରବରିଆ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆମେ ଜାନୁଆରୀ ୩୧ରେ ପ୍ରତି ଧାରା ଉପରେ ଆଲୋଚନା କରିବାକୁ ଚାହୁଁଥିଲୁ। କିନ୍ତୁ ସେମାନେ ଜାନୁଆରୀ ୨୭ରେ ଏହା କରିବାକୁ ଅଟଳ ରହିଥିବାରୁ ହଙ୍ଗାମା ହୋଇଥିଲା।

## ରାଷ୍ଟ୍ରୀୟ ମତଦାତା ଦିବସର ଆୟୋଜନ ୨୫ରେ




ରାୟପୁର: ରାଷ୍ଟ୍ରୀୟ ମତଦାତା ଦିବସ ଅବସରରେ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ, ରାୟପୁରର ବିବେକାନନ୍ଦ ସଭାଗୃହରେ ୨୫ତାରିଖରେ ମତଦାତା ଦିବସର ଆୟୋଜନ କରାଯାଇଛି। ଏହି ସମାରୋହରେ ରାଜ୍ୟ ନିର୍ବାଚନ କମିଶନର ଅଜୟ ସିଂ ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନ କାର୍ଯ୍ୟର ଉଲ୍ଲେଖନୀୟ ଯୋଗଦାନ ନେଇ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନୀତ କରାଯିବ। ମୁଖ୍ୟ ନିର୍ବାଚନ ପଦାଧିକାରୀ ରୀନା ବାବାସାହେବ କଙ୍ଗାଲେ କହିଛନ୍ତି ଯେ, ରାୟଗଡ ଜିଲ୍ଲାପାଳ କାର୍ତ୍ତିକେୟ ଗୋଏଲ ରାଜ୍ୟରେ ହୋଇଥିବା ଲୋକସଭା ନିର୍ବାଚନ ୨୦୨୪ରେ ସର୍ବାଧିକ ୮୧.୬୬ପ୍ରତିଶତ ମତଦାନ କରାଇବାରେ ସଫଳ ହୋଇଛନ୍ତି। ସେହିପରି ଦୁର୍ଗ ଜିଲ୍ଲାପାଳ ରୁଚା ପ୍ରକାଶ ଚୌଧୁରୀ ସହରୀ କ୍ଷେତ୍ରରେ ଗତ ଲୋକସଭା ନିର୍ବାଚନରେ ମତଦାନ ପ୍ରତିଶତ ୨.୪୮ ବୃଦ୍ଧି କରିପାରିଛନ୍ତି। ସେହିପରି ଦାନ୍ତେୱାଡା ଜିଲ୍ଲାପାଳ ମୟଙ୍କ ଚର୍ତୁବେଦୀ ଗତ ଲୋକସଭା ନିର୍ବାଚନରେ ନକ୍ସଲ ପ୍ରଭାବିତ କ୍ଷେତ୍ରରେ ଗତବର୍ଷ ତୁଳନାରେ ୧୦.୩୯% ମତଦାନ ବୃଦ୍ଧି କରାଇବାରେ ସହାୟକ ହୋଇପାରିଛନ୍ତି। ସେହିପରି ରାୟପୁର ଜିଲ୍ଲାପାଳ ଗୌରବ କୁମାର ସିଂ ସେହି ଲୋକସଭା ନିର୍ବାଚନରେ ମତଦାନ ଦଳକୁ ତାଲିମ ଦେବାରେ ଉତ୍କୃଷ୍ଟ ତରିକା ଆପଣାଇଥିଲେ। ଅନ୍ୟପକ୍ଷରେ ରାଜନାନ୍ଦୋ ଗାଓଁର ମୁଖ୍ୟ ନିର୍ବାଚନ ପଦାଧିକାରୀ ସୁରୁଚି ସିଂ ଗୁଣବତ୍ତାପୂର୍ଣ୍ଣ ସ୍ୱଇପ୍ ଗତିବିଧି ଆୟୋଜନ କରି ନିଜକୁ ସଫଳ କରିପାରିଛନ୍ତି। ଏହିସବୁ ପଦାଧିକାରୀଙ୍କୁ ଏହି ସମାରୋହରେ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ବାଣିଜ୍ୟ




ମୁମ୍ବାଇ : ଗଣତନ୍ତ୍ର ଦିବସରେ ଜିଓ ପକ୍ଷରୁ ଜିଓସାଉଣ୍ଡପେ ଶୁଭାରମ୍ଭ କରାଯିବ। ଏହି ସୁବିଧା ଜିଓ ଭାରତ ଫୋନରେ ଆଜୀବନ ମାଗଣାରେ ଉପଲବ୍ଧ ହେବ। ଜିଓସାଉଣ୍ଡପେରୁ ବିନା କୌଣସି ସାଉଣ୍ଡ ବକ୍ସରେ ୟୁପିଆଇ ପେମେଣ୍ଟ ଆଲର୍ଟ ମିଳିବ। ଭାରତର ଯେକୌଣସି ମୋବାଇଲ୍ ଫୋନରେ ଏହା ଏହିଭଳି ପ୍ରଥମ ବୈଶିଷ୍ଟ୍ୟ ବା ଫିଚର। ଦେଶର ପାଞ୍ଚ କୋଟିରୁ ଅଧିକ କ୍ଷୁଦ୍ର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏଥିରୁ ପ୍ରତ୍ୟକ୍ଷ ଲାଭ ପାଇବେ। କମ୍ପାନୀର ସୂଚନା ଅନୁସାରେ, ଜିଓସାଉଣ୍ଡପେ ଏକ ଅଭୂତପୂର୍ବ ନବସୃଜନ ବା ଇନୋଭେସନ୍। ଯାହା ପ୍ରତ୍ୟେକ ୟୁପିଆଇ ଦେୟର ତତକ୍ଷଣାତ୍, ବହୁଭାଷୀ ଅଡିଓ ଆଲର୍ଟ ବାର୍ତ୍ତା ଦେବ। ଏହା ଛୋଟରୁ ଛୋଟ ଗ୍ରସେରୀ ଓ ଖାଦ୍ୟସାମଗ୍ରୀ ଦୋକାନ, ପନିପରିବା ବିକ୍ରେତା ଏବଂ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଖାଦ୍ୟ ଓ ପାନୀୟ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ କରିବା ଅଧିକ ସହଜ କରିବ। ବର୍ତ୍ତମାନ କ୍ଷୁଦ୍ର ଏବଂ ଅତିକ୍ଷୁଦ୍ର ବ୍ୟବସାୟୀମାନେ ସାଉଣ୍ଡ ବକ୍ସ ପାଇଁ ମାସକୁ ପ୍ରାୟ ୧୨୫ ଟଙ୍କା ଦେଉଛନ୍ତି। ଏହି ସେବା ଏବେ ଜିଓସାଉଣ୍ଡପେ ରେ ମାଗଣାରେ ଉପଲବ୍ଧ ହେବା ସହିତ, ଜିଓ ଭାରତ ଫୋନ୍ ବ୍ୟବହାରକାରୀମାନେ ବାର୍ଷିକ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, 'ଜିଓ ପ୍ରତ୍ୟେକ ଭାରତୀୟଙ୍କୁ ସଶକ୍ତ କରିବା ପାଇଁ ଟେକ୍ନୋଲୋଜି ଉପଯୋଗ କରିବାରେ ବିଶ୍ୱାସ କରେ।

## ବିଶ୍ୱ ଅର୍ଥନୈତିକ ଫୋରମରେ ଯୋଗଦେଲେ ଶାଲୁ ଜିନ୍ଦଲ



ନୂଆଦିଲ୍ଲୀ : ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ଶାଲୁ ଜିନ୍ଦଲ ଡାଭୋସ୍ ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ଅଂଶଗ୍ରହଣ କରି ସକାରାତ୍ମକ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନର ପ୍ରଭାବଶାଳୀ ପଦକ୍ଷେପ ଗୁଡିକ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଏହି ଫୋରମରେ ଇନଭେଷ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଇଣ୍ଡିଆ ପ୍ୟାଭିଲିୟନରେ ଦକ୍ଷତା ବିକାଶ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସେ କେନ୍ଦ୍ର ମନ୍ତ୍ରୀ (ଦକ୍ଷତା ବିକାଶ ଓ ଉଦ୍ୟୋଗ) ଜୟନ୍ତ ଚୌଧୁରୀଙ୍କ ସହ ଯୋଗ ଦେଇଥିଲେ। ଦକ୍ଷତା ଅଭାବଦୂର କରିବା ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ରେ ଜିନ୍ଦଲ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ କୁ ସେ ଗୁରୁତ୍ୱାରୋପ କରିଛନ୍ତି । ଦକ୍ଷତା ବିକାଶ କ୍ଷେତ୍ରରେ ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ତାଙ୍କୁ ପ୍ରଶଂସା କରିଥିଲେ। ଦକ୍ଷତା ଗ୍ୟାପ୍‌କୁ ଦୂର କରିବା ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ଜିନ୍ଦଲ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗକୁ ସେ ଉଲ୍ଲେଖ କରିଥିଲେ। ୱିମେନ ଇନସ୍ପେରିଂ ନେଟୱର୍କ ଦ୍ୱାରା ଆୟୋଜିତ 'ଜେନେରେସନଲ ୱେଲ୍ଥ' ଶୀର୍ଷକ ଏକ ସେସନରେ ଯୋଗଦେଇ ସେ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ବିଭିନ୍ନ ପଦକ୍ଷେପଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ସାମାଜିକ ଶାଖା ଭାବରେ କାର୍ଯ୍ୟ କରୁଥିବା ଜିନ୍ଦଲ ଫାଉଣ୍ଡେସନ୍, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଏବଂ ପରିମଳ, ମହିଳା ଏବଂ କୃଷକଙ୍କ ସଶକ୍ତିକରଣ, ଜୀବିକା ବିକାଶ, ଦକ୍ଷତା ଅଭିବୃଦ୍ଧି, ଗୁଣାତ୍ମକ ଶିକ୍ଷା, ଗ୍ରାମୀଣ ଭିତ୍ତିଭୂମି, ସାମାଜିକ ଅନ୍ତର୍ଭୁକ୍ତି ଏବଂ କ୍ରୀଡା ଭଳି ବହୁମୁଖୀ ଏବଂ ସ୍ଥାୟୀ ସାମାଜିକ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ୧୪.୩ ନିୟୁତ ଲୋକଙ୍କ ନିକଟରେ ପହଞ୍ଚି ପାରିଛି ।

## ମିନି କୁପର୍ ଏସ୍ ଜନ୍ କୁପର ୱର୍କସ୍ ପ୍ୟାକ୍ ଉନ୍ମୋଚିତ



ନୂଆଦିଲ୍ଲୀ : ମିନି ଇଣ୍ଡିଆ ପକ୍ଷରୁ ନୂଆ ମିନ କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍‌ର ଲଂଚ୍ ଘୋଷଣା କରାଯାଇଛି। ଏହି କାର୍ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ହେବ ଏବଂ ଏହାକୁ ଦେଶବ୍ୟାପୀ ଅଥୋରାଇଜଡ୍ ମିନ ଡିଲରଗୁଡିକ ସମେତ ସପ.ମିନି.ଇନ ରେ ବୁକ୍ କରାଯାଇପାରିବ। ଏହାର ଡେଲିଭରି ଏପ୍ରିଲ୍ ୨୦୨୫ ରୁ ଆରମ୍ଭ ହେବ। ନୂଆ ମିନି କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍ -ମୂଲ୍ୟ ୫୫,୯୦,୦୦୦। ଇନ୍‌ଭଏସିଂ ସମୟରେ ପ୍ରଯୁଜ୍ୟ ମୂଲ୍ୟ ଲାଗୁ ହେବ। 'ନୂଆ ମିନ କୁପର୍ ଏସ ଜେଏସ୍‌ଡବ୍ଲ୍ୟୁ ପ୍ୟାକ୍ ଦୁଇଟି ଆକର୍ଷଣୀୟ ରଙ୍ଗ- ଲିଜେଣ୍ଡ ଗ୍ରେ ଓ ମିଡ୍‌ନାଇଟ ବ୍ଲାକ୍‌ରେ ଏବଂ ଜେଟ୍ ବ୍ଲାକ୍ ରଙ୍ଗରେ ରୁଫ୍ ଓ ମିରର୍ ସହ ଉପଲବ୍ଧ ହେବ। ଏହି କାର୍ ଅସୀମିତ କିଲୋମିଟର ପାଇଁ ଏକ ଷ୍ଟାଣ୍ଡାର୍ଡ ଦୁଇ ବର୍ଷର ୱାରେଂଟି ସହ ଆସୁଛି। ଆଧୁନିକ, ଡିଜିଟାଲ ଓ ତ୍ରୁଟିହୀନ ନୂଆ ମିନ କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍ ଚାଳନା ଆନନ୍ଦ ଓ ଉପଭୋକ୍ତା ଅନୁଭୂତିକୁ ଏକ ନୂତନ ଯୁଗକୁ ନେଇଛି। ନୂଆ ଡିଜାଇନ ଲାଙ୍ଗୁଏଜ 'କରିସ୍ମାଟିକ ସିମ୍ପ୍ଲିସିଟି'ରେ ଏକ ବିସ୍ତୃତ ପରିବର୍ତନ ପ୍ରତିଫଳିତ ହେଉଛି। ଏହା ଏକ ରୂପେ ବାସ୍ତବ ମାଧ୍ୟମରେ ପାରମ୍ପରିକ ମୂଲ୍ୟବୋଧଗୁଡିକୁ ପ୍ରଗତିଶୀଳ ଉଦ୍ଭାବନଗୁଡିକରେ ଏକତ୍ରିତ କରୁଛି, ଗାଡିର ଡିଜାଇନକୁ ଆବଶ୍ୟକତା ମୁତାବକ ହ୍ରାସ କରାଯାଇଛି। 'ନୂଆ ମିନ କୁପର୍ ଏସ ଜନ୍ କୁପର ୱର୍କସ୍ ପ୍ୟାକ୍‌ଏକ ଶୁଦ୍ଧ ଡିଜାଇନକୁ ସେୟାର କରୁଛି ଯାହା ସମାନ ପରିମାଣର ମିନ କମ୍ୟୁନିଟିର ଅଭିନବ ଉତ୍ସାହ ଓ ସହରୀ ଚରିତ୍ରକୁ ଗ୍ରହଣ କରିଛି।

## ଟାଟା ପାୱାର ପକ୍ଷରୁ ବୈଷୟିକ ଓ ଧନ୍ଦାମୂଳକ ଦକ୍ଷତା ତାଲିମ ପ୍ରଦାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦକ୍ଷତା ବିକାଶ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ପାୱାର ସମଗ୍ର ଓଡ଼ିଶାର ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ଘୋଷଣା କରି ଗର୍ବ ଅନୁଭବ କରୁଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରଠାରୁ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨୦୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ୨୦ଟି ଆଇଟିଆଇ ଓଡ଼ିଶାର ଯାଜପୁର, କେନ୍ଦୁଝର, ବ୍ରହ୍ମପୁର, ରାଉରକେଲା, କଟକ, ପୁରୀରେ ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିଥିବା ଛାତ୍ରଛାତ୍ରୀମାନେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକରେ କେବଳ ସାର୍ଟିଫିକେଟ୍ ନୁହେଁ ବରଂ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯୁବଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉନ୍ମୋଚନ କରି ସଶକ୍ତ କରିବା, ଶିଳ୍ପର ଚାହିଦା ପୂରଣ କରିବା ପାଇଁ ଦକ୍ଷ ପେସାଦାରଙ୍କ ସମ୍ବଳ ସୃଷ୍ଟି କରିବା ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଯୋଗଦାନ କରୁଥିବା ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା । ଡିସକମ ସ୍ତରରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ମାଧ୍ୟମରେ ୭୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟମିତା, ଇଭି ଟେକ୍ନିସିଆନ୍ ତାଲିମ, ସିଲେଇ, ଇଲେକ୍ଟ୍ରିସିଆନ୍ ତାଲିମ ଏବଂ ଫାସିଲିଟି ମ୍ୟାନେଜମେଂଟ ଆଦି ବୃତ୍ତିରେ କଟକ, ଅନୁଗୋଳ, ଖୋର୍ଦ୍ଧା ଆଦି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ସେଣ୍ଟରର ଛାତ୍ରଛାତ୍ରୀମାନେ ଟିସିଏସ୍, ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଲାକମେ ସେଲୁନ୍ ଭଳି ଅଗ୍ରଣୀ କମ୍ପାନିରେ ନିଯୁକ୍ତି ପାଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ନିଜର ବ୍ୟବସାୟ ମଧ୍ୟ ଆରମ୍ଭ କରିଛନ୍ତି।

## ଅଶୋକ ଲିଲ୍ୟାଣ୍ଡ୍ ପକ୍ଷରୁ ଓଡ଼ିଶାରେ ଡିଲର୍‌ସିପ୍‌ର ଶୁଭାରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ହିନ୍ଦୁଜା ଗ୍ରୁପ୍‌ର ଅଗ୍ରଣୀ ସଂସ୍ଥା ଅଶୋକ ଲିଲ୍ୟାଣ୍ଡ୍ ପକ୍ଷରୁ ଚ୍ୟାନେଲ୍ ପାର୍ଟନର ସାମଲ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଓଡ଼ିଶାରେ ଦୁଇଟି ନୂଆ ଏମ୍ ଆଣ୍ଡ୍ ଏଚ୍‌ସିଭି ଡିଲର୍‌ସିପ୍‌ର ଶୁଭାରମ୍ଭ କରାଯାଇଛି। ଏହି ଦୁଇ ଡିଲର୍‌ସିପ୍‌କୁ ଢେଙ୍କାନାଳ ଓ ଅନୁଗୋଳରେ ଖୋଲାଯାଇଛି। ଏଥି ସହିତ ରାଜ୍ୟରେ ଅଶୋକ ଲେଲ୍ୟାଣ୍ଡର ଏମ୍‌ଆଣ୍ଡ୍‌ଏଚ୍‌ସିଭି ଡିଲର୍‌ସିପ୍ ସଂଖ୍ୟା ୫୦ରେ ପହଂଚିଛି। ଢେଙ୍କାନାଳର ୨ଏସ୍ ଡିଲରସିପ୍ କଟକ ଓ ସମ୍ବଲପୁର ପ୍ରମୁଖ ସହରକୁ ସଂଯୋଗ କରୁଥିବା ଜାତୟ ରାଜପଥ ୫୫ରେ ଅବସ୍ଥିତ। ୪୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ଏହି ଡିଲର୍‌ସିପ୍‌ରେ ଅତ୍ୟାଧୁନିକ ଉପକରଣ ଯଥା ହ୍ୱିଲ୍ ଆଲାଇନମେଂଟ୍ ମେସିନ୍, ନ୍ୟୁମେଟିକ୍ ସିଷ୍ଟମ୍, ଅତ୍ୟାଧୁନିକ ମରାମତି ବ୍ୟବସ୍ଥା ଓ ଭ୍ରାମ୍ୟମାଣ ସର୍ଭିସ୍ ଭ୍ୟାନ୍ ସହ ସଜ୍ଜିତ ଦୁଇଟି ଦୁର୍ଘଟଣା ମରାମତି ବେ' ଏବଂ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବା ପାଇଁ ତାଲିମପ୍ରାପ୍ତ ଟେକ୍ନିସିଆନ୍ ରହିଛନ୍ତି। ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲ୍ଲାକୁ ଏହି ଆଉଟଲେଟ୍ ସେବା ଯୋଗାଇବ। ଅଶୋକ ଲେଲ୍ୟାଣ୍ଡର ଏମଏଚସିଭିର ଜାତୀୟ ବିକ୍ରୟ ମୁଖ୍ୟ ମାଧବୀ ଦେଶମୁଖ କହିଛନ୍ତି, 'ଏହି ନୂତନ ଡିଲରସିପ୍ ଆଉଟଲେଟଗୁଡ଼ିକର ଉଦଘାଟନ ପୂର୍ବ ଭାରତରେ, ବିଶେଷକରି ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଅଶୋକ ଲିଲ୍ୟାଣ୍ଡପାଇଁ ଏକ ପ୍ରମୁଖ ବଜାର ହୋଇ ରହିଛି। ଏହି ଅତ୍ୟାଧୁନିକ ସୁବିଧାଗୁଡ଼ିକ ଉନ୍ନତ ବିକ୍ରୟ ଏବଂ ସେବା ଅଭିଜ୍ଞତା ସହିତ ଗ୍ରାହକଙ୍କୁ ସେବା ପ୍ରଦାନ କରିବାର ଆମର କ୍ଷମତାକୁ ବୃଦ୍ଧି କରିବ। ସାମଲ ପ୍ରାଇମ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜଗଦୀଶ ସାମଲ କହିଛନ୍ତି ଯେ, 'ଅଶୋକ ଲିଲାଣ୍ଡ ସହ ଭାଗିଦାରୀ କରି ଓଡ଼ିଶାରେ ଗ୍ରାହକଙ୍କ ଉନ୍ନତ ଆବଶ୍ୟକତାକୁ ପୂରଣ କରିବାକୁ ଆମେ ଉତ୍ସାହିତ। ଏହି ଭାଗିଦାରୀ ଜରିଆରେ ଆମେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୋବିଲିଟି ସମାଧାନ ପ୍ରଦାନ କରି ଗ୍ରାହକଙ୍କ ବିଭିନ୍ନ ପରିବହନ ଚାହିଦା ପୂରଣ କରିବାକୁ ଲକ୍ଷ୍ୟ ରଖିଛୁ।'

## ବେଦାନ୍ତ ପକ୍ଷରୁ 'ବେଦକ୍ଷତା' କୌଶଳ ତାଲିମ କେନ୍ଦ୍ର ପ୍ରତିଷ୍ଠା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକର ପତ୍ରାପାଲିରେ ଏକ ନୂତନ ଦକ୍ଷତା ତାଲିମ କେନ୍ଦ୍ର ବେଦକ୍ଷତା ପ୍ରତିଷ୍ଠା କରିଛି। ଏହି ତାଲିମ କେନ୍ଦ୍ରର ଲକ୍ଷ୍ୟ ହେଉଛି ଝାରସୁଗୁଡ଼ା ଓ ଏହା ନିକଟବର୍ତୀ ଅଂଚଳର ଅବହେଳିତ ଯୁବକମାନଙ୍କୁ ପ୍ଲେସମେଂଟ ଲିଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରିବା। ମାନସ କୁମାର, ଜିଲ୍ଲା ନିୟୋଜନ ଅଧିକାରୀ, ଝାରସୁଗୁଡ଼ାଙ୍କ ଦ୍ୱାରା ଏହାକୁ ଉଦଘାଟନ କରାଯାଇଥିଲା। ଏହି ଉତ୍ସବରେ ବହୁ ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ୫୦୦ ଗ୍ରାମୀଣ ଯୁବକଙ୍କୁ ଦକ୍ଷତା ପ୍ରଦାନ କରିବା, ଯାହା ଦ୍ୱାରା ସ୍ଥାୟୀ ଜୀବିକା ପାଇଁ ପଥ ସୃଷ୍ଟି ହୋଇପାରିବ। ଏହି ପଦକ୍ଷେପ ସଂପର୍କରେ ସୁନୀଲ ଗୁପ୍ତା, ବେଦାନ୍ତ ଆଲୁମିନିୟମର ସିଓଓ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ଆମର କାର୍ଯ୍ୟ ପରିସର ଓ ଆଖପାଖରେ ଥିବା ଗୋଷ୍ଠୀର ଯୁବକମାନଙ୍କ ଆକାଂକ୍ଷାକୁ ପୋଷଣ କରିବାକୁ ପ୍ରତିବଦ୍ଧ। ବେଦକ୍ଷତା ଦକ୍ଷତା ତାଲିମ କେନ୍ଦ୍ର ଯୁବକମାନଙ୍କୁ ସ୍ଥାୟୀ ଜୀବିକାକୁ ସୁରକ୍ଷିତ କରିବା ଲାଗି ସେମାନଙ୍କୁ ଉପଯୋଗୀ ପ୍ରଶିକ୍ଷଣ ଯୋଗାଇବ। ଏହି ପଦକ୍ଷେପ ଉପରେ ମାନସ କୁମାର ଝାରସୁଗୁଡ଼ାର ଜିଲ୍ଲା ନିୟୋଜନ ଅଧିକାରୀ କହିଛନ୍ତି ଯେ ବେଦକ୍ଷତା ଏହି ଅଂଚଳର ଯୁବପୀଢିଙ୍କୁ ସଶକ୍ତ କରିବାରେ ସାହାଯ୍ୟ କରିବ। ମୁଁ ବେଦାନ୍ତର ଏହି ପ୍ରୟାସକୁ ଧନ୍ୟବାଦ ଜଣାଉଛି ଯାହା ଦ୍ୱାରା ଦେଶର ଯୁବକମାନେ କ୍ୟାରିୟର ସୁଯୋଗ ପାଇବା ସହ ପ୍ରଶିକ୍ଷିତ ହୋଇପାରିବେ ଏବଂ ଏହା ଆଗାମୀ ଦିନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ବେଦାନ୍ତ ସାମାଜିକ ପଦକ୍ଷେପରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଦକ୍ଷତା ବିକାଶ, ତୃଣମୂଳ କ୍ରୀଡ଼ା, କଳା, ସଂସ୍କୃତି କ୍ଷେତ୍ରରେ ବେଦାନ୍ତ ସାମାଜିକ ପଦକ୍ଷେପ ଗୁଡ଼ିକ ମହିଳା ଓ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ଝାରସଗୁଡ଼ା ଓ ନିକଟବର୍ତି ଅଂଚଳରେ ପ୍ରାୟ ୮୦ ଟି ଗ୍ରାମରେ ପହଂଚି ୩ ଲକ୍ଷରୁ ଅଧିକ ଲୋକଙ୍କୁ ଉପକୃତ କରାଉଛି। ୩୫୦ରୁ ଅଧିକ ଏସଏଚଜି ମାଧ୍ୟମରେ ୫୦୦୦ ମହିଳା ନିଜକୁ ସ୍ୱାବଲମ୍ବୀ କରାଇପାରିଛନ୍ତି ଓ ବର୍ଷକୁ ୫୦,୦୦୦ରୁ ଅଧିକ ଲୋକଙ୍କ ଦ୍ୱାର ଦେଶରେ ଏହା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ୧୩,୦୦୦ରୁ ଅଧିକ ଛାତ୍ର ଛାତ୍ରୀମାନେ ଶିକ୍ଷା ସହାୟତା ପାଇ ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିଛନ୍ତି।

## ହୋଣ୍ଡା ପକ୍ଷରୁ ନୂତନ ଆକ୍ଟିଭା ଲଞ୍ଚ୍



ନୂଆଦିଲ୍ଲୀ : ହୋଣ୍ଡା ମୋଟରସାଇକଲ୍ ଏବ ସ୍କୁଟର୍‌ଇଣ୍ଡିଆ ନୂତନ OBD2B ଅନୁକୂଳ ଆକ୍ଟିଭାକୁ ଲଞ୍ଚ କରିଛି। ଯାହା ଭାରତର ସବୁଠାରୁ ପ୍ରିୟ ସ୍କୁଟର ଭାବେ ପରିଗଣିତ ହେବ। ନୂତନ ଆକ୍ଟିଭାର ପରିଚୟ ଦେଇ, ସ୍ତୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଣ୍ଟ ଏବଂ ସିଇଓ, ହୋଣ୍ଡା ମୋଟର ସାଇକଲ୍ ଏବଂ ସ୍କୁଟର ଇଣ୍ଡିଆ, କହିଲେ, ଆକ୍ଟିଭା ସବୁ ଦିନ ଭାରତୀୟ ଗ୍ରାହକମାନଙ୍କ ପାଇଁ ଗତିଶୀଳତାକୁ ପୁନର୍ବିଭାଜନ କରିବାରେ ସାଧାରଣରେ ଥିଲା। ଏହାର ନୂତନ ୨୦୨୫ ପୁନର୍ବିଭାଗ ସହିତ, ଏହା ଆଧୁନିକତା, ସୁବିଧା ଏବଂ ନିର୍ଭରତାର ସମୂହ ବ୍ୟବସ୍ଥାରପୂର୍ଣ୍ଣ ମିଶ୍ରଣର ପ୍ରତିକ୍ଷେପକରେ ଯାହା ଭାରତର ସବୁଠାରୁ ପ୍ରିୟ ସ୍କୁଟର କରିଥାଏ।ଭାରତର ପ୍ରିୟ ସ୍କୁଟର ଆକ୍ଟିଭା ସବୁଦିନ ସୁବିଧା ଏବଂ ନିର୍ଭରତାର ସମାର୍ଥକ ହୋଇଥାଏ। ଅପଡେଟ୍ ହୋଇଥିବା ଆକ୍ଟିଭା ଆସନ୍ତା ନିୟମାବଳୀକୁ ପୂରଣ କରିବା ପାଇଁ ବିଭିନ୍ନ ଯାନ୍ତ୍ରିକ ଅପଡେଟ ଯାଇଇଛି ଏବଂ ଗ୍ରାହକମାନଙ୍କର ରାଇଡିଂ ଅନୁଭବକୁ ଉନ୍ନତ କରିବା। ନୂତନ ୨୦୨୫ ହୋଣ୍ଡା ଆକ୍ଟିଭାର ମୂଲ୍ୟ (ଏକ୍ସ-ଶୋରୂମ୍ ଦିଲ୍ଲୀ) ଆରମ୍ଭ ହୋଇଛି ଟ. ୮୦,୯୫୦ରୁ ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା






ପ୍ରତ୍ୟେକଙ୍କ ରୋଷେଇ ଘରେ ବିଭିନ୍ନ ପ୍ରକାର ମସଲା ମଧ୍ୟରେ ଲବଙ୍ଗ ନିଶ୍ଚୟ ସାମିଲ ରହିଥାଏ । କେବଳ ଖାଦ୍ୟର ସ୍ୱାଦକୁ ଏହା ଦ୍ୱିଗୁଣିତ କରେ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଲାଭଦାୟକ । ଆୟୁର୍ବେଦରେ ଲବଙ୍ଗକୁ ଜଡିବୁଟୀ ଭାବେ ବ୍ୟବହାର କରାଯାଏ । ଲବଙ୍ଗରେ ଥିବା ପୋଷକ ତତ୍ତ୍ୱ ପେଟ ଜନିତ ଅନେକ ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ । ମୁଖ୍ୟତଃ ଏଥିରେ ଭିଟାମିନ୍ ସି, ଭିଟାମିନ୍ କେ, ଇ, ବି୬, କ୍ୟାଲସିୟମ, ମାଗ୍ନେସିୟମ, ପୋଟାସିୟମ, ଜିଙ୍କ୍, ଆଇରନ ଆଦି ରହିଛି । ଯାହା ଶରୀର ପାଇଁ ବେଶ ଲାଭଦାୟକ । ତେବେ ଏହାକୁ ଏକ ନିର୍ଦ୍ଦିଷ୍ଟ ଉପାୟରେ ସେବନ କଲେ ଏହାର ଔଷଧୀୟ ଗୁଣ ଅଧିକ ମିଳିବା ସହ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ । ଜାଣନ୍ତୁ.. ଶୀତ ଦିନରେ ଅଧିକାଂଶ ସମୟରେ ଥଣ୍ଡା, କାଶ, ଗଳାରେ ଯନ୍ତ୍ରଣା, ଜ୍ୱର ଆଦି ହୋଇଥାଏ । ଏସବୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାତିରେ ଭୋଜନ ପରେ ଏକ ଚାମଚ ମହୁରେ ଅଳ୍ପ କିଛି ଲବଙ୍ଗ ଗୁଣ୍ଡ ମିଶାଇ ଏହାର ସେବନ କରନ୍ତୁ । ଏହା ଦ୍ୱାରା ଥଣ୍ଡା,କାଶ ଆଦି ସମସ୍ୟା ଦୂର ହୋଇଥାଏ । ବିଭିନ୍ନ ସଂକ୍ରମଣ ଜନିତ ରୋଗରୁ ଏହା ଶରୀରକୁ ରକ୍ଷା କରିଥାଏ।

## ଓସ୍କାର ଦୌଡରେ ପ୍ରିୟଙ୍କାଙ୍କ ସର୍ଟ ଫିଲ୍ମ 'ଅନୁଜା'

ଓସ୍କାର ଚଳଚ୍ଚିତ୍ର ଜଗତର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ ପୁରସ୍କାର ଭାବରେ ଜଣାଶୁଣା । ତେବେ ଚଳିତବର୍ଷର ନୋମିନେଶନ ତାଲିକା ଘୋଷଣା କରାଯାଇଛି। ବିଶେଷ କଥା ହେଉଛି ହିନ୍ଦୀ ଚଳଚ୍ଚିତ୍ର 'ଅନୁଜା' ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛି । ସିନେମାକୁ ଲାଇଭ୍ ଆକ୍ସନ ସର୍ଟ ଫିଲ୍ମ ବର୍ଗରେ ମନୋନୀତ କରାଯାଇଛି । ପ୍ରିୟଙ୍କା ଚୋପ୍ରା ଏହି ସିନେମାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଆଡାମ ଜେ ଗ୍ରେଭ୍ସଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ସୁଚିତ୍ରା ମଟ୍ଟାଇଙ୍କ ଦ୍ୱାରା ପ୍ରଯୋଜିତ 'ଅନୁଜା' ଏକ ନଅ ବର୍ଷୀୟ ଝିଅର କାହାଣୀ ଅଟେ । ଯିଏ ନିଜ ବଡ ଭଉଣୀ ପଲକ ସହିତ ଏକ କପଡା କାରଖାନାରେ କାମ କରୁଛି । ଫିଲ୍ମରେ ୯ ବର୍ଷୀୟ ଅନୁଜାର ସଂଘର୍ଷମୟ ଯାତ୍ରା ଦେଖିବାକୁ ମିଳୁଛି । 'ଅନୁଜା' ସହ 'ଏ ଲିଏନ୍', ଆଇ ଆମ ନଟ ଏ ରୋବୋଟ, ଦି ଲାଷ୍ଟ ରେଞ୍ଜର ଏବଂ ଏ ମ୍ୟାନ ହୁ କୁଡ୍ ନଟ ରିମେନ ସାଇଲେଣ୍ଟ ମଧ୍ୟ ମନୋନୀତ କରାଯାଇଛି। ମାର୍ଚ୍ଚ ୨, ୨୦୨୫ ରେ ଓସ୍କାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ।



## ଅଧିକ ପରଫ୍ୟୁମ୍ ଲଗାଇବାରେ ହୋଇଥାଏ ଏହି କ୍ଷତି

*ଝାଳର ଦୁର୍ଗନ୍ଧରୁ ମୁକ୍ତି ପାଇବା ସହ ଏକ ଫ୍ରେସ୍ ଅନୁଭବ ପାଇଁ, ଅଧିକାଂଶ ଲୋକ ପରଫ୍ୟୁମ୍ ଲଗାଇବାକୁ ପସନ୍ଦ କରନ୍ତି। କିନ୍ତୁ ଆପଣ କଣ ଜାଣନ୍ତି, ଆପଣଙ୍କ ଦେହ ମନକୁ ମହକାଉ ଥିବା ପରଫ୍ୟୁମ୍ , ଅନେକ ସମୟରେ ଆପଣଙ୍କର ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ।*

*ବିଶେଷଜ୍ଞଙ୍କ ଅନୁସାରେ, ପରଫ୍ୟୁମ୍‌କୁ ତିଆର କରିବା ସହ ଏହାର ବାସ୍ନାକୁ ଦୀର୍ଘ ସମୟ ଯାଏ ବଜାୟ ରଖିବା ପାଇଁ କମ୍ପାନୀମାନେ ଅନେକ ପ୍ରକାରର ରାସାୟନିକର ବ୍ୟବହାର କରନ୍ତି। ଯାହା ସଂପର୍କରେ ଆସିବା ଦ୍ୱାରା ବ୍ୟକ୍ତିର ସ୍ୱାସ୍ଥ୍ୟ ସହ ଜଡ଼ିତ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୁଏ।*

### କେଉଁ କେଉଁ ରୋଗର ବିପଦ ବଢ଼ାଏ ପରଫ୍ୟୁମ୍

ପରଫ୍ୟୁମ୍‌ରେ ବ୍ୟବହୃତ ରାସାୟନିକରେ ହର୍ମୋନାଲ ଅସନ୍ତୁଳନତା ଓ ସ୍କିନ୍ ଆଲର୍ଜି ହେବା ଏକ ସାଧାରଣ କଥା। ଏହି ରାସାୟନିକର ସଂପର୍କରେ ଆସିବା ଦ୍ୱାରା ତ୍ୱଚାରେ ଜ୍ୱଳନ , କୁଣ୍ଡାଇ ହେବା , ଇନଫର୍ଟିଲିଟି ଓ କ୍ୟାନସର ଭଳି ଗୁରୁତର ରୋଗ ହେବାର ବିପଦ ବଢିପାରେ। କିଛି ଲୋକଙ୍କ ଠାରେ ପରଫ୍ୟୁମ୍ ଆଲର୍ଜିର ମଧ୍ୟ କାରଣ ସାଜିଥାଏ। ଏଥିରେ ଲୋକଙ୍କ ପାଇଁ ପରଫ୍ୟୁମ୍‌ର ବାସ୍ନା ଫୁଲାର ଲକ୍ଷଣ ସୃଷ୍ଟି କରି ଗୁରୁତର ମୁଣ୍ଡବ୍ୟଥା ଓ ସ୍କିନ୍ ଇନଫେକ୍ସନର ବିପଦ ମଧ୍ୟ ସୃଷ୍ଟି କରେ।

କହି ରଖୁଛି କି, ହାର୍ଭାର୍ଡ ହେଲ୍‌ଥର ଏକ ଷ୍ଟଡି ଅନୁସାରେ , ୧୦ଜଣରୁ ପାଖାପାଖି ଜଣେ ବ୍ୟକ୍ତିକୁ ପରଫ୍ୟୁମରେ ମିଳୁଥିବା କେମିକାଲରୁ ଆଲର୍ଜି ହୋଇ ପାରେ।


### ଶରୀରର କେଉଁ ଭାଗରେ ପରଫ୍ୟୁମ୍ ଲଗାଇବା ଉଚିତ୍ ନୁହେଁ

୧- ପରଫ୍ୟୁମ୍‌କୁ ଅଣ୍ଡରଆର୍ମସରେ ଲଗାଇବାରୁ ଦୂରେଇ ରହିବା ଉଚିତ। ଏମିତି କରିବାରେ ସେଠାର ତ୍ୱଚାରେ ଜ୍ୱଳନ ଓ କୁଣ୍ଡାଇ ହେବା ସମସ୍ୟା ହୋଇ ପାରେ।

୩- କ୍ଷତ ବା ଘା'ର ଆଖପାଖରେ ପରଫ୍ୟୁମ୍ ଲଗାଇବାରୁ ଦୂରେଇ ରହିବା ଉଚିତ। ଏଥିରେ ଜ୍ୱଳନ ଓ ଯନ୍ତ୍ରଣା ଅନୁଭବ ହୋଇପାରେ।

୪- ଯଦି ଆପଣଙ୍କର ତ୍ୱଚା ସେନ୍ସିଟିଭ୍ ତ ଆପଣଙ୍କୁ ପେଟ ଓ ନାଭିର ଆଖପାଖର ତ୍ୱଚାରେ ମଧ୍ୟ ପରଫ୍ୟୁମ୍ ଲଗାଇବା ଉଚିତ୍ ନୁହେଁ। ଏମିତି କରିବା ଦ୍ୱାରା ତ୍ୱଚାରେ ଜ୍ୱଳନ ହୋଇପାରେ।

୫-ମୁହଁ ଓ ନାକର ଆଖପାଖରେ ପରଫ୍ୟୁମ୍ ଲଗାଇବାରୁ ଦୂରେଇ ରହିବା ଉଚିତ୍। ଏମିତି ନକଲେ କ୍ଷତିକାରକ କେମିକାଲ୍ସ ଶରୀରକୁ ଯାଇ କ୍ଷତି କରିଥାଏ।




## ଜାଣନ୍ତୁ କେଉଁ ବାର ପାଇଁ କେଉଁ ପ୍ରକାର ତିଳକ କରିବେ

*ଧାର୍ମିକ ମାନ୍ୟତାନୁସାରେ ସପ୍ତାହର ପ୍ରତ୍ୟେକ ଦିନ କୌଣସି ନା କୌଣସି ଦେବଦେବୀଙ୍କୁ ସମର୍ପିତ। ସେହିପରି ପ୍ରତ୍ୟେକ ଦିନ ତିଳକ ବା ଟିକା ଲଗାଇବାର ତରିକା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ତେବେ କେଉଁ ବାରରେ କିଭଳି ତିଳକ ଲଗାଇବା ଶୁଭ, ଜାଣିବା ସେ ସମ୍ପର୍କରେ।*

- ସୋମବାର ରକ୍ତ ଚନ୍ଦନ, ବିଭୂତି ଓ ଭସ୍ମ ତିଳକ ଲଗାଇଲେ ମହାଦେବଙ୍କ କୃପା ପ୍ରାପ୍ତ ହୁଏ।
- ମଙ୍ଗଳବାର ରକ୍ତ ଚନ୍ଦନରେ ସିନ୍ଦୂର ମିଶାଇ ଲଗାଇଲେ ସମସ୍ତ ସଙ୍କଟ ଦୂର ହୁଏ।
- ବୁଧବାର ଶୁଖିଲା ସିନ୍ଦୂରରେ ତିଳକ କରିବା ଉଚିତ।
- ଗୁରୁବାର ଶ୍ୱେତ ଚନ୍ଦନରେ କେଶର ମିଶାଇ ମୁଣ୍ଡରେ ଲଗାଇଲେ ଶୁଭଫଳ ମିଳିଥାଏ।
- ଶୁକ୍ରବାର ରକ୍ତ ଚନ୍ଦନ ତିଳକ ଲଗାଇବା ଶୁଭଦାୟକ।
- ଶନିବାର ବିଭୂତି, ଭସ୍ମ ଓ ଲାଲ ଚନ୍ଦନ ଲଗାଇବା ଶୁଭ।
- ରବିବାର ସିନ୍ଦୂର ସହ ଚାଉଳ ମିଶାଇ ଲଗାଇବା ଉତ୍ତମ।



## ହଲିଉଡ୍‌ରେ ଧମାକା କରିବେ ରଣଦୀପ



ପୁଣିଥରେ ବଡ଼ ପରଦାରେ ଧମାକା କରିବାକୁ ଯାଉଛନ୍ତି ରଣଦୀପ ହୁଡା । ପ୍ରିୟଙ୍କା ଚୋପ୍ରାଙ୍କ ପରେ ହଲିଉଡ ପ୍ରୋଜେକ୍ଟରେ ଜନ ସିନାଙ୍କ ସହ ନଜର ଆସିବେ ରଣଦୀପ। ଉଭୟ ଆକ୍ସନ୍ ଫିଲ୍ମ 'ମ୍ୟାଚବକ୍ସ'ରେ ନଜର ଆସିବେ। ଏକ୍ସଟ୍ରାକ୍ସନ ୧ ଏବଂ ୨ର ସଫଳତା ପରେ, ରଣଦୀପ ଦ୍ୱିତୀୟ ଥର ପାଇଁ ନିର୍ଦ୍ଦେଶକ ସାମ୍ ହର୍ଗେଭଙ୍କ ସହ କାମ କରିବାକୁ ଯାଉଛନ୍ତି। ତେବେ ରଣଦୀପ ଫିଲ୍ମର ସୁଟିଂ ପାଇଁ ବୁଡାପେଷ୍ଟ ଯାଇଛନ୍ତି। ରଣଦୀପ ଖୁବ୍ ଶୀଘ୍ର କଳାକାର ଏବଂ ପ୍ରଡକ୍ସନ ଟିମ୍‌ରେ ଯୋଗଦେବେ। ପ୍ରିୟଙ୍କା ଜନ୍ ସିନାଙ୍କ ସହ 'ହେଡ୍ସ ଅଫ୍ ଷ୍ଟେଟ୍ସ'ରେ ନଜର ଆସିଥିଲେ ଏବେ ରଣଦୀପ ତାଙ୍କ ସହିତ ସ୍କ୍ରିନ୍ ସେୟାର କରିବାକୁ ଯାଉଛନ୍ତି।

'ସ୍ୱତନ୍ତ୍ର ବୀର ସାବରକର'ରେ ତାଙ୍କର ଚମତ୍କାର ଅଭିନୟ କର ଦର୍ଶକଙ୍କ ମନ ଜିଣିଥିଲେ। ରଣଦୀପ ହୁଡା ଏବେ ହଲିଉଡରେ ତାଙ୍କର ଅଭିନୟ ଯାଦୁ ଦେଖାଇବାକୁ ଯାଉଛନ୍ତି । ତାଙ୍କର ଶେଷ ହଲିଉଡ ରିଲିଜ ଥିଲା 'ଏକ୍ସଟ୍ରାକ୍ସନ୍' ଯାହା ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିଲା। ତେଣୁ ଏହା ହଲିଉଡରେ ତାଙ୍କର ଦ୍ୱିତୀୟ ବଡ଼ ଫିଲ୍ମ ହେବ। ଫିଲ୍ମର ସୁଟିଂ ବୁଡାପେଷ୍ଟରେ ଆରମ୍ଭ ହୋଇଛି। ତେବେ ମ୍ୟାଚବକ୍ସ ବିଷୟରେ କହିବାକୁ ଗଲେ, ମ୍ୟାଚବକ୍ସ ହେଉଛି ମ୍ୟାଟେଲ୍ ଫିଲ୍ମସ୍ ଏବଂ ସ୍କାଏଡାନ୍ସ ଫିଲ୍ମସ୍ ଦ୍ୱାରା ନିର୍ମିତ ଏକ ଆପଲ୍ ଅରିଜିନାଲ୍ । ଏହା ବର୍ତ୍ତମାନ ବୁଡାପେଷ୍ଟରେ ସୁଟିଂ କରାଯାଉଛି । ଏହି ଫିଲ୍ମରେ ଜନ୍ ସେନା, ରଣଦୀପ ହୁଡା, ଟେୟୋନା ପ୍ୟାରିସ୍, ଜେସିକା ବିଏଲ୍ ଏବଂ ସାମ୍ ରିଚାର୍ଡସନ୍ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରଟି ଏକ ଆଗାମୀ ଆମେରିକୀୟ ଆକ୍ସନ-ଆଡଭେଞ୍ଚର କମେଡି ଚଳଚ୍ଚିତ୍ର ।

## ଏମର୍ଜେନ୍ସି ଚଳଚ୍ଚିତ୍ରକୁ ବ୍ରିଟେନରେ ବିରୋଧ




ବ୍ରିଟେନରେ ବଲିଉଡ ଚଳଚ୍ଚିତ୍ର 'ଏମର୍ଜେନ୍ସି'କୁ ବିରୋଧ କରାଯାଇଛି। ବିଭିନ୍ନ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଚାଲୁଥିବାବେଳେ ବିଚ୍ଛିନ୍ନତାବାଦୀମାନେ ଏହାକୁ ବନ୍ଦ କରିବା ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ଏପରି କି ପ୍ରେକ୍ଷାଳୟଗୁଡ଼ିକରେ ପଶି ବଳପୂର୍ବକ ଚଳଚ୍ଚିତ୍ର ପ୍ରଦର୍ଶନକୁ ଅଟକାଇଛନ୍ତି। ଏହାକୁ ନେଇ ଭାରତୀୟ ବିଦେଶ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଛି। ଆଇନ ବିରୋଧୀ କାର୍ଯ୍ୟକଳାପକୁ ଦମନ କରିବା ଲାଗି ଭାରତ ପକ୍ଷରୁ ବ୍ରିଟେନ ସରକାରଙ୍କ ନିକଟରେ ଦାବି କରାଯାଇଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ବ୍ରିଟେନରେ ଏକାଧିକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଚାଲୁଥିବାବେଳେ ତାହାକୁ ବନ୍ଦ କରାଯିବା ନେଇ ବିଭିନ୍ନ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତ ବିରୋଧୀ ତତ୍ତ୍ୱ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ବ୍ରିଟେନ ସରକାରଙ୍କୁ ଅବଗତ କରାଯାଇଛି। ବାକ୍ ସ୍ୱାଧୀନତା ଚୟନମୂଳକ ଭାବେ ଲାଗୁ କରାଯାଇପାରିବ ନାହିଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଏ ଦିଗରେ ବ୍ରିଟେନ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା ଥିବା ସେ କହିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି







## ନେତାଜୀ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଓ ଆମ ଓଡିଶାର ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ରାଜ୍ୟସଭା ସାଂସଦ ସୁଜିତ କୁମାର ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲା ବେଳେ ଏଥିରେ ମୋଟ ୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଆମ ଓଡିଶା ପରିବାରର ସାମ୍ବାଦିକ ଦେବେନ୍ଦ୍ର କୁମାର ବିଶି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଓଡ଼ିଶାର ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରାଜ୍ୟ ଉପ ସଭାପତି ଦୀପକ କୁମାର ଦାସ, କଳାହାଣ୍ଡି ଜିଲ୍ଲା ସଭାପତି ବିରେନ୍ଦ୍ର କୁମାର ବାଗ, ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାଶ, ଭବାନୀପାଟଣା ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ହୋତା, ଅଜିତ କୁମାର ନାୟକ, ତପନ କୁମାର ବେହେରା, ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା, ସଦସ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଏହି ଶିବିର ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଥିବା ବ୍ଲଡ୍ ବ୍ୟାଙ୍କର ଡାକ୍ତର ଓ ଟେକନିସିଆନ୍ ମାନଙ୍କ ସହଯୋଗରେ ମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରାଜ୍ୟସଭା ସାଂସଦ ସୁଜିତ କୁମାର ଶିକ୍ଷକ ସଂଘ ପକ୍ଷରୁ ଏଭଳି ଏକ ପଦକ୍ଷେପ ନିଆଯାଇ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

କୋକସରା, (ଭାସ୍କର ନ୍ୟୁଜ୍ ) : ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ବଙ୍ଗୋମୁଣ୍ଡା କେନାଲ ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ବଙ୍ଗୋମୁଣ୍ଡା ଗ୍ରାମର କମଳାକାନ୍ତ ଦଳପତି(୩୦) ସାମାନ୍ୟ ଆହତ ହୋଇଥିବାବେଳେ ଚଞ୍ଚଳା ଦଳପତି(୫୫) ଗୁରୁତର ହୋଇଛନ୍ତି। ଗମ୍ଭାରୀଗୁଡା ପଞ୍ଚାୟତରୁ ଚାଉଳ ନେଇ କମଳାକାନ୍ତ ଓ ଚଞ୍ଚଳା ବାଇକ୍ ଯୋଗେ ନିଜ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଦୁର୍ଘଟଣା ହୋଇଥିଲା। ଖବର ପାଇ କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନୀଲ ରଞ୍ଜନ ବାରଲ, ହେମନ୍ତ ନାଏକ, ସତ୍ୟମ ମାଝୀ, ବାସୁଦେବ ଭୋଇ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସା ଜାରି ରଖିଥିବାବେଳେ ଚଞ୍ଚଳାଙ୍କ ଦେହରେ ବହୁତ କ୍ଷତ ହୋଇଥିବା ଜଣାପଡିଛି।

## ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ରୋଟାରୀ କ୍ଲବର ଅଭିନବ ପ୍ରୟାସ

- କଳାହାଣ୍ଡିରେ ଶାନ୍ତିସ୍ତୁପ ସ୍ଥାପନ
- ଅସହାୟଙ୍କୁ ସହାୟତା
- ବୃକ୍ଷରୋପଣ ଓ ସଡ଼କ ସୁରକ୍ଷା ସଚେତନତା







ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସମଗ୍ର ବିଶ୍ୱକୁ ଏକତାର ସୂତ୍ରରେ ବାନ୍ଧିରଖିବାର ଅହରହ ପ୍ରୟାସ କରୁଛି ରୋଟାରୀ ଇଣ୍ଟରନ୍ୟାସନାଲ୍। ଅସହାୟ ମାନଙ୍କୁ ସହାୟତାର ହାତ ବଢାଇବା, ବୃକ୍ଷରୋପଣ ଠାରୁ ଆରମ୍ଭ କରି ସଡକ ସୁରକ୍ଷା ଭଳି ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖି କାମ କରିଚାଲିଛି ରୋଟାରୀ ଇଣ୍ଟରନ୍ୟାସନାଲ୍। ଗତ ୨୨ ତାରିଖରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରୋଟାରୀ କ୍ଲବ ଭବାନୀପାଟଣାର ସଭାପତି ରୋଟାରୀଆନ୍ ଜୟରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବରିଷ୍ଠ ରୋଟାରୀଆନ୍ ଯଜ୍ଞାଶିଷ ମହାପାତ୍ର ଯୋଗଦେଇ ଶାନ୍ତିସ୍ତୁପକୁ ଲୋକାର୍ପଣ କରିଥିଲେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଅସହାୟ ମାନଙ୍କୁ ସହାୟତା ପ୍ରଦାନ କରିବା ଏହା ରୋଟାରୀ କ୍ଲବ୍‌ର ଏକମାତ୍ର ବ୍ରତ ବୋଲି ସେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ମାଲଗାଁ ଛକ ନିକଟରେ ଥିବା ଡିଡି କୃଷି ଉଦ୍ୟାନ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅସହାୟ ମାନଙ୍କୁ ମାଗଣାରେ ଶୀତବସ୍ତ୍ର ଓ ଛତା ରୋଟାରୀଆନ୍ ଯଜ୍ଞାଶିଷ ମହାପାତ୍ର ବଣ୍ଟନ କରିଥିଲେ। ଏହି କ୍ରମରେ ସେଠାରେ କ୍ଲବ ପକ୍ଷରୁ ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ସ୍ଥାନୀୟ ଶାସ୍ତ୍ରୀ ସ୍ୱରୂପ ବିଦ୍ୟା ନିକେତନର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ରୋଟାରୀଆନ୍ ମାନଙ୍କ ସହଯୋଗରେ ଏକ ସଡକ ସୁରକ୍ଷା ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ରୋଟାରୀ କ୍ଲବର ସମ୍ପାଦକ ରୋଟାରୀଆନ୍ ପରମଜିତ୍ ସିଂହ, ରୋଟାରୀଆନ୍ ମନୋଜ କୁମାର ଅଗ୍ରୱାଲ, ରାଜେଶ କୁମାର ଅଗ୍ରୱାଲ, ହେମନ୍ତ କୁମାର ମୁଣ୍ଡ, ସମୀର ପଟ୍ଟନାୟକ, ଦେବାନନ୍ଦ ନାଏକ ଓ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ଏବଂ କଲ୍ୟାଣୀଟ୍ରଷ୍ଟର ଅଧକ୍ଷା ତଥା ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟର ଚେୟାରପର୍ସନ ନମିତା ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସଭାପତି ରୋଟାରୀଆନ୍ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶାସ୍ତ୍ରୀ ସ୍ୱରୂପ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥି, ଗ୍ରାମବାସୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଖଣି ବିଭାଗର ଚଢ଼ାଉ, ୧ ଲକ୍ଷ ଜରିମାନା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଖଣି ବିଭାଗ ଉପ ନିର୍ଦ୍ଦେଶକ ବିଶ୍ୱନାଥ ସୋରେନ ଗୋଲାମୁଣ୍ଡା ବ୍ଲକ ପରିଦର୍ଶନ ସମୟରେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବା ବେଳେ ଦୁଇଟି ପଥର ବୋଝେଇ ହାଇୱା ଓ ଦୁଇଟି ଟ୍ରାକ୍ଟର ଜବତ କରିଛନ୍ତି । ସେଥିମଧ୍ୟରୁ ଦୁଇ ପଥର ବୋଝେଇ ଟ୍ରାକ୍ଟରକୁ ୧ ଲକ୍ଷ୍ୟ ଜରିମାନା ପକାଇ ଛାଡି ଦେଇଥିବା ବେଳେ ଦୁଇ ବାଲି ବୋଝେଇ ଟ୍ରାକ୍ଟର ଓ ଦୁଇ ପଥର ବୋଝେଇ ହାଇୱା ଗାଡିକୁ ଜବତ କରି କେଗାଁ ପୋଲିସରେ ଜିମା ଦେଇଥିବା ଶ୍ରୀ ସୋରେନ କହିଛନ୍ତି। ସୂଚନାରୁ ପ୍ରକାଶ ଜବତ ହୋଇଥିବା ଗାଡି ମାଲିକ ମାନଙ୍କ କୌଣସି ସୂଚନା ନ ମିଳିବାରୁ ପୋଲିସକୁ ତଦନ୍ତ ପାଇଁ ଦିଆଯାଇଛି । ପୋଲିସ ତଦନ୍ତ କରି ରିପୋର୍ଟ ଦେଲା ପରେ ଖଣି ବିଭାଗ ପକ୍ଷରୁ ଜରିମନାର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ, ଦିଲୀପ କୁମାର ମହାରଣା, ଡେପୁଟି କଲେକ୍ଟର ପବିତ୍ର କୁମାର ସାମଲ, ଉପ ନିର୍ଦ୍ଦେଶକ ପ୍ଲାନିଂ, ଶ୍ରୀକାନ୍ତ ଦଳାଇ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ,ନିର୍ବାହୀ ଅଧିକାରୀ ପୌରପାଳିକା ସତ୍ୟ ସମ୍ପର୍ଣ୍ଣା ରାଉତ, ସହକାରୀ ଜିଲ୍ଲାପାଳ ଶରତ କୁମାର ସାହୁ, ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ନେତାଜୀଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କର ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଣେ ଫାର୍ମାସିଷ୍ଟଙ୍କ ହାତରେ ଗର୍ଭବତୀଙ୍କ ଭାଗ୍ୟ

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଏକ ପ୍ରକାର ବିପର୍ଯ୍ୟୟ ଅବସ୍ଥାରେ। ବିଶେଷ ଭାବେ ଗର୍ଭବତୀ କ୍ଷେତ୍ରରେ ଉପର ବାଲା ଭରସା ପାଲଟିଛି। ସରକାର ଗର୍ଭବତୀ ପ୍ରସୂତି ମାନଙ୍କୁ ସେବା ଯୋଗାଇ ଦେବାକୁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଡାକ୍ତର ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଛତିଶଗଡ଼, ନବରଙ୍ଗପୁର ସମେତ ୬୪ଟି ଗ୍ରାମ ଲୋକ ନିର୍ଭର କରିଥାନ୍ତି। ହେଲେ ଡାକ୍ତର ଅଭାବରୁ ଛୋଟ ମୋଟ ଚିକିତ୍ସା ଲାଗି ଧର୍ମଗଡ଼ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ନିୟମ ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ୯ଜଣ ଡାକ୍ତର-ଜଣେ ମେଡ଼ିସିନ ବିଶେଷଜ୍ଞ, ସ୍ତ୍ରୀ ରୋଗ ବିଶେଷଜ୍ଞ, ଶଲ୍ୟ ରୋଗ ବିଶେଷଜ୍ଞ ସମେତ ୪ଜଣ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତିର ବ୍ୟବସ୍ଥା ରହିଛି। ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଯାଏଁ କୌଣସି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇ ନଥିବା ସମାଲୋଚନାର ବିଷୟ। ସରକାର ବିଶେଷ ଭାବେ ମହିଳା ମାନଙ୍କୁ ତ୍ୱରାନ୍ୱିତ ସେବା ଯୋଗାଇବାକୁ ଅନେକ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏପରିକି ମାଗଣାରେ ଜନନୀ ଏକ୍ସପ୍ରେସ ଜରିଆରେ ଡାକ୍ତରଖାନାକୁ ନେବା, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ପରୀକ୍ଷା ନିରୂପଣ ଆଦି ଉପଲବ୍ଧ ଥିବା ବେଳେ ଡାକ୍ତର ଅଭାବରୁ ଏ ସବୁ ଖତ ଖାଉଛି। ସବୁ ପ୍ରକାର ଭିତ୍ତିଭୂମି ପର୍ଲାରେ ରହିଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ଅଭାବରୁ ଜଣେ ଫାର୍ମାସିଷ୍ଟ ହାତରେ ଗର୍ଭବତୀଙ୍କ ଭାଗ୍ୟ ବନ୍ଧା ପଡିଥିବା ଆଲୋଚନା ହେଉଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଙ୍ଗଣରେ ଏକ ବେସରକାରୀ ମାଆ ଗୃହ ରହିଥିବା ବେଳେ ଗର୍ଭବତୀଙ୍କ ପାଇଁ ଏକ ବରଦାନ ସାଜିଛି। ସେଠାରେ ଗର୍ଭବତୀ ମହିଳା ମାନଙ୍କୁ ପ୍ରସୂତି ପୂର୍ବରୁ ସେବା ଯୋଗାଇ ଦିଆଯାଉଛି । ଗର୍ଭ ଯନ୍ତ୍ରଣା ହେଲେ ମାଆ ଗୃହ କର୍ମଚାରୀ ମାନେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଉଛନ୍ତି। ହେଲେ ବିଶେଷଜ୍ଞ ଡାକ୍ତର ଅଭାବରୁ ଅନେକ କ୍ଷେତ୍ରରେ ଗର୍ଭବତୀ ମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ଯିବାକୁ ପଡୁଛି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି କରିବାକୁ ଗ୍ରାମାଞ୍ଚଳ ବିକାଶ ସଂଘର ଅଧକ୍ଷ ଓ ସରପଞ୍ଚ ବ୍ରିଜଲାଲ ନାଏକ, ସୁଧୀର ବାଗ, ସୁବାସ ଦାସ, ନବୀନ ପୁରୋହିତ, ଅରୁଣ ଜାଲ, ପଦ୍ମଲୋଚନ ଶବର, ମନୋଜ ଦାସ, ହେତୁରାମ ମେହେର, ହୃଷିକେଶ ସାହୁ, ଲଛମନ ଦାସ, ପରାସର ସାହୁ ପ୍ରମୁଖ ଦାବୀ କରିଛନ୍ତି।

## ପିକ୍‌ଅପ୍‌କୁ ଧକ୍କା ଦେଇ ଓଲଟିଲା ଟ୍ରକ, ୧ ମୃତ



ଲାଞ୍ଜିଗଡ଼, (ଭାସ୍କରନ୍ୟୁଜ) : ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ସିକେରକୁପା ଛକରେ ଠିଆ ହୋଇଥିବା ଏକ ପିକ୍‌ଅପ୍ ଗାଡ଼ିକୁ ଧକ୍କା ଦେଇ ଓଲଟି ପଡିଛି ଏକ କୋଇଲା ବୋଝେଇ ଟ୍ରକ। ଟ୍ରକର କୋଇଲା ଭିତରେ ପୋତିହୋଇ ଜୀବନ ହରାଇଛନ୍ତି ପିକ୍‌ଅପ୍ ଚାଳକ। ଏହି ଘଟଣାରେ ଟ୍ରକ ଚାଳକଙ୍କୁ ଅଟକ ରଖିଛି ପୋଲିସ। ସୂଚନାନୁସାରେ, ସିକେରକୁପା ଛକ ନିକଟରେ ନିଜର ପିକ୍‌ଅପ୍ ଅଟକାଇ ରାସ୍ତା କଡ଼ରେ ଠିଆ ହୋଇଥିଲେ ଆନ୍ଧ୍ର ପ୍ରଦେଶର ପିକ୍‌ଅପ୍ ଚାଳକ ନିଶିକା ଅବିନାଶ ପାତ୍ର। ତେବେ ବିଶାଖାପାଟଣାରୁ ରାୟପୁରକୁ ଯାଉଥିବା କୋଇଲା ବୋଝେଇ ଟ୍ରକ ପିକ୍‌ଅପ୍‌କୁ ପଛପଟୁ ଧକ୍କା ଦେଇ ଓଲଟି ପଡିଥିଲା। ଟ୍ରକର କୋଇଲା ଭିତରେ ଅବିନାଶ ପୋତି ହୋଇଯାଇଥିଲେ। ଖବର ପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୀନକେତନ ଶବର ଓ ପୋଲିସ କର୍ମୀ ବିଶ୍ୱନାଥ ମହଲା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପିକ୍‌ଅପ୍ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନର୍ଲା ଥାନାରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ କୋଇଲା ଟ୍ରକର ଚାଳକଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

## ୟଙ୍ଗ୍ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ର ଦ୍ୱିତୀୟ ସେମିଫାଇନାଲ୍

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ୟଙ୍ଗ୍ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ୍‌ର ଦ୍ୱିତୀୟ ସେମିଫାଇନାଲ ଖେଳ ସିଉନୀ ଓ ଆମପାଣି ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ସିଉନୀକୁ ହରାଇ ଆମପାଣି ଦଳ ଫାଇନାଲକୁ ପ୍ରବେଶ କରିଛି। ସିଉନୀ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ବିନିମୟରେ ୭୮ ରନ୍ ସଂଗ୍ରହ କରିଥିଲା। ୭୯ ରନ୍‌ର ବିଜୟ ଲକ୍ଷ ନେଇ ଆମପାଣି ଦଳ ପଡିଆକୁ ଓହ୍ଲାଇ ଥିବାବେଳେ ୮.୪ ଓଭରରେ ୬ ୱିକେଟ ବିନିମୟରେ ମ୍ୟାଚ୍ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଆମ୍ପିଆର ଭାବରେ ମୋହନ ଦୁର୍ଗା ଓ ପୁରୁଷୋତ୍ତମ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ବିକି ଦାସ ଦାୟିତ୍ୱ ନିର୍ବାହ କରିଥିବାବେଳେ ଖେଳର ଧାରାବିବରଣୀ ମୁନ୍ନା ଧଙ୍ଗଡାମାଝୀ ପ୍ରଦାନ କରିଥିଲେ। ସେମିଫାଇନାଲ ଖେଳରେ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବଡ଼ପୋଡ଼ାଗୁଡ଼ା ସମିତି ସଭ୍ୟ ଉମା ନାଏକ, ନାଏବ ସରପଞ୍ଚ ବିଡୁ ନାଏକ, ବିନୋଦ କୁମାର ସିଂ, କୁମୁଦ ସେଠୀ, ପୂର୍ବତନ ନାଏବ ସରପଞ୍ଚ ଧନୁ ଦୁର୍ଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍‌ରେ ଆମପାଣିର ରାଘବ ସୁନା ମେନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେବେ ଆସନ୍ତା ୨୬ ତାରିଖ ଦିନ ହେବାକୁ ଥିବା ଫାଇନାଲ ଖେଳରେ ଚିଲଡଙ୍ଗରୀ ସହିତ ଆମପାଣି ଦଳର ମହା ମୁକାବିଲା ରହିଛି।

## କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କାଉଗୁଡାର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ନନ୍ଦକିଶୋର ତାଣ୍ଡି, ମୁଖ୍ୟବକ୍ତା ଭାବେ ଯୁବ ଗାଳ୍ପିକ ଡିଲେଶ୍ୱର ରଣା, ସମ୍ମାନିତ ଅତିଥି ଭାବେ ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ, ମଧୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ବାରିକ, ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝୀ, ଲାଞ୍ଜିଗଡ ରୋଡ଼ ସରପଞ୍ଚ ମମତା ଶବର, ସ୍କୁଲ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ଦୀପ ମିଶ୍ର ସ୍ୱାଗତ ଅଭିଭାଷଣ ଓ ବିବରଣୀ ପାଠ କରିଥିବାବେଳେ ଲମ୍ବୋଦର ସାହୁ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନରେଶ କୁମାର ସାହୁ, ଅଞ୍ଜଳୀ ସାହୁ, ଗୋକୁଳ ପାତ୍ର, ଗୌର ପଟ୍ଟନାୟକ, ସୂର୍ଯ୍ୟ ପଣ୍ଡା, ରଶ୍ମିତା ସାହୁ, ଲମ୍ବୋଦର ସାହୁ, ଜଗନ୍ନାଥ ନାଏକ, ଅରୁଣ ପଣ୍ଡା, ସବିତା ଜଗତ, କୋକିଳ ଶବର, ବିବେକ ମହାପାତ୍ର, ପୁଷ୍ପାଞ୍ଜଳି ପଣ୍ଡା, ପରମାନନ୍ଦ ସାହୁ, ଆଲୋକ ମହାଖୁଡ଼, ପ୍ରଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମାଜ ଶବର, କ୍ଷୀରାବ୍ଧି ଜୁଆଡ଼, ସୁନା ମାଝୀ, ସୁଦର୍ଶନ ପାତ୍ର, ଚମ୍ପା ମାଝୀ, ଗୋପୀ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀ ବିଦ୍ୟାଶ୍ରୀ ନିକେତନର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା





ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ଭାରତୀ ବିଦ୍ୟାଶ୍ରୀ ନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଓ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଶ୍ରୀ ଗଣନାଥଙ୍କ ଫୋଟରେ ପୂଜାର୍ଚ୍ଚନା, ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀ କେବଳ ଅଧ୍ୟୟନ ନୁହଁ ମାନସିକ ସ୍ତରରେ ଲକ୍ଷ ସ୍ଥଳକୁ ପହଂଚିବାକୁ ହେଲେ କଠିନ ପରିଶ୍ରମ ଜାରି ରଖିବା ଆବଶ୍ୟକ। ଏଥିସହ ଚରିତ୍ର ଗଠନ ଓ ଆଧାତ୍ମିକ ସମେତ ସୁଚିନ୍ତନ ବିଚାର ଭବିଷ୍ୟତ ଗଠନ ଦିଗରେ ସହାୟକ ହୋଇପାରିବ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଣୁଆ ସମ୍ମାନୀୟ ଅତିଥି -ଧର୍ମଗଡ଼ ଏନ୍‌ଏସି ଉପାଧକ୍ଷା ମନୀଷା ମିଶ୍ର, ବେହେରା ଗ୍ରାମ ପଞ୍ଚାୟତ ସରପଞ୍ଚ କୁମୁଦିନି ଗଇନ୍ଥା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ କଲେଜ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ମାନଙ୍କୁ ଅଧ୍ୟାପକ ଭାଗ୍ୟବାନ ଦାସ ସ୍ୱାଗତ ସମ୍ବର୍ଦ୍ଧନା ଅଭିଭାଷଣ ରଖିଥିବା ବେଳେ ଅଧକ୍ଷ ସୁରେନ୍ଦ୍ର କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ଖେଳକୁଦ, ଗୀତ, ନାଚ ପ୍ରତିଯୋଗିତା ହୋଇଥିବା ବେଳେ ଉର୍ତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମାନ ପତ୍ର ସହ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିବାବେଳେ ପ୍ରମୁଖ ଅଧ୍ୟାପକମାନେ ସହଯୋଗ କରିଥିଲେ। ପରିଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। କଲେଜ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ଶତପଥୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ରାଶିଫଳ

ଶନିବାର, ୨୫ ଜାନୁଆରୀ ୨୦୨୫




**ମେଷ:** ଆଜି ଧାଁଧପଡ ଅଧିକ ହେବ। କଥାବାର୍ତ୍ତାରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। କଠିନ ପରିଶ୍ରମ ଅଧିକ ହେବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ଆପଣଙ୍କ ଇଚ୍ଛା ଅନୁଯାୟୀ ବ୍ୟବସାୟ ଚାଲିବ। ଆୟ ଜାରି ରହିବ।




**ବୃଷ:** ଆଜି ତୁମକୁ ସମ୍ମାନ ମିଳିବ। କଠିନ ପରିଶ୍ରମ ଫଳ ଦେବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ରିସ୍କ ନେବାକୁ ସାହସ କର। ବିନିଯୋଗ ଭଲ ହେବ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଶତ୍ରୁ ଏବଂ ଈର୍ଷାପରାୟଣ ବ୍ୟକ୍ତିଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ତୁମେ ପୁରୁଣା ସାଙ୍ଗମାନଙ୍କୁ ଭେଟିବ। ଆପଣ ଉତ୍ସାହଜନକ ସୂଚନା ପାଇବେ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ଆତ୍ମ ସମ୍ମାନ ରହିବ। ଭାଇମାନେ ସମର୍ଥନ ପାଇବେ। ବ୍ୟବସାୟ ଲାଭଦାୟକ ହେବ। ଚାକିରିରେ କାର୍ଯ୍ୟଭାର ରହିବ।




**କର୍କଟ:** ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଉପହାର ଗ୍ରହଣ କରିବା ସମ୍ଭବ ଅଟେ। ବ୍ୟବସାୟ ଯାତ୍ରା ସଫଳ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡରୁ ଅନୁକୂଳ ଲାଭ ମିଳିବ। କିଛି ବଡ କାମ କରିବାରେ ସୁଖ ମିଳିବ।



**ସିଂହ:** ଦୁଷ୍ଟ ଲୋକମାନଙ୍କଠାରୁ ସତର୍କତା ଆବଶ୍ୟକ। ଅପଚୟ ଖର୍ଚ୍ଚ ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ। ହାଲୁକା ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ତୁମର ବ୍ୟବସାୟ ସହିତ ଚାଲ। ଲାଭ ସୁଯୋଗ ମିଳିବ। ନିଜ ବିବେକ ବୁଦ୍ଧି ବ୍ୟବହାର କରନ୍ତୁ।




**କନ୍ୟା:** ଭ୍ରମଣ ଲାଭଦାୟକ ହେବ। ପିଲାଙ୍କ ପାଖରୁ ଖରାପ ଖବର ଆସିପାରେ। ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯିବ। ବ୍ୟବସାୟରୁ ଅନୁକୂଳ ଲାଭ ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ଶୀଘ୍ର ଶୀଘ୍ର କାମ କଲେ ତାହା ନଷ୍ଟ କରିପାରେ।



**ତୁଳା:** ସାମାଜିକ କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇବ। ଏହି ଯୋଜନା ସଫଳ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଚାକିରିରେ ଅଧିକାର ବୃଦ୍ଧି ପାଇପାରେ। ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡରୁ ଲାଭ ମିଳିବ। ଆୟ ବୃଦ୍ଧି ପାଇବ। ତୁମେ ସମ୍ମାନ ପାଇବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**ବିଛା:** ଆଘାତ ଏବଂ ରୋଗ ସମସ୍ୟା ସୃଷ୍ଟି କରିପାରେ। ଆଜି ଅସ୍ଥିରତା ଦେଖାଯିବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ପୂଜା ପାଇଁ ଆଗ୍ରହ ରହିବ। ଆପଣ ସତସଙ୍ଗର ଲାଭ ପାଇବେ। ରାଜନୈତିକ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ଆପଣ ପରିବାର ଏବଂ ସାଙ୍ଗମାନଙ୍କ ସମର୍ଥନ ପାଇବେ। ସୁଖ ରହିବ।




**ଧନୁ:** ଆଘାତ ଏବଂ ଦୁର୍ଘଟଣା ବଡ କ୍ଷତି ଘଟାଇପାରେ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଏହା ଏକ ଶୀଘ୍ର ହେବ। ନକାରାତ୍ମକତା ଜିତିବ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ।



**ମକର:** ଭ୍ରମଣ ଲାଭଦାୟକ ହେବ। ରାଜନୈତିକ ସମର୍ଥନ ହେବ। ସରକାରୀ କାର୍ଯ୍ୟରେ ସୁବିଧା ହେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଘରେ ସୁଖ ଏବଂ ଶାନ୍ତି ରହିବ। ବ୍ୟବସାୟ ଚୁକ୍ତି ହୋଇପାରେ। ଲାଭ ସୁଯୋଗ ଆସିବ। ଅଂଶୀଦାରମାନଙ୍କ ସହଯୋଗ ହେବ। ଅସୁବିଧାରେ ପଡ଼ିପାରନ୍ତି।



**କୁମ୍ଭ:** ଅଯଥା ପାଇଁ ଖର୍ଚ୍ଚ ହେବ। ଚାକିରିରେ ତୁମର କାମକୁ ପ୍ରଶଂସା କରାଯିବ। ଆପଣ ଅଧସ୍ତନମାନଙ୍କ ସହଯୋଗ ପାଇବେ। ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ। ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ। ଶାରୀରିକ ଯନ୍ତ୍ରଣା ସମ୍ଭବ। ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ବୁଦ୍ଧିମାନ ଭାବରେ କାର୍ଯ୍ୟ କର।



**ମୀନ:** ପାର୍ଟି ଏବଂ ପିକନିକ୍ କାର୍ଯ୍ୟକ୍ରମ କରାଯିବ। ସମୟ ଆନନ୍ଦରେ ଅତିବାହିତ ହେବ। ଆପଣ ପ୍ରିୟ ଖାଦ୍ୟର ଲାଭ ପାଇବେ। ସୃଜନଶୀଳ କାର୍ଯ୍ୟ ସଫଳ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଚାକିରିରେ ବୃଦ୍ଧି ଘଟିବ। କାହା ସହିତ ଯୁକ୍ତିତର୍କ ହୋଇପାରେ। ସନ୍ଦେହ ଆପଣଙ୍କୁ ବାଧା ଦେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯